

ରୋମାନିଆରେ ଫୁଟବଲ୍ ଖେଳିବେ ହର୍ଷିକା

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-36 ◆WEDNESDAY ◆30 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୬ ◆ବୁଧବାର ◆୩୦ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପହିଲାରୁ ୨୦୦ ଦେଶକୁ 'ଟ୍ରମ୍ପ ଶୁଳ୍କ'



■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅଗଷ୍ଟ ପହିଲାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ପ୍ରାୟ ୨୦୦ ଦେଶ ଉପରେ ବାଣିଜ୍ୟ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଏବେ ଟ୍ରମ୍ପ ସେହି ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଯୋଜନା କରୁଛନ୍ତି ଯେଉଁମାନଙ୍କର ଆମେରିକା ସହିତ ପୃଥକ ବାଣିଜ୍ୟ ଚୁକ୍ତି ନାହିଁ। ଏପରି ଦେଶଗୁଡ଼ିକ ଉପରେ ୧୫-୨୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଯୋଜନା ରହିଛି। ଆମେରିକା ସହ ପୃଥକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ନ କରୁଥିବା ଅଧିକାଂଶ ବାଣିଜ୍ୟିକ ଅଂଶୀଦାରଙ୍କୁ ଶୀଘ୍ର ଆମେରିକାକୁ ରପ୍ତାନି ଉପରେ ୧୫%ରୁ ୨୦% ଶୁଳ୍କ ଲାଗୁ କରାଯିବ। ଏହା ଏପ୍ରିଲରେ ଟ୍ରମ୍ପ୍ ଲଗାଇଥିବା ୧୦% ଶୁଳ୍କ ଅପେକ୍ଷା ବହୁତ ଅଧିକ। ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ତାଙ୍କ ପ୍ରଶାସନ ଖୁବ୍ ଶୀଘ୍ର ପ୍ରାୟ ୨୦୦ ଦେଶକୁ ତାଙ୍କର ନୂତନ "ବିଶ୍ୱ ଶୁଳ୍କ" ହାର ବିଷୟରେ ସୂଚିତ କରିବ। ତେବେ ଭାରତ ସହ ବାଣିଜ୍ୟ ଶୁଳ୍କ କେତେ ରହିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ପ୍ରାୟ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଶୁଳ୍କ ଲାଗୁ କରି ଦଶନ୍ଧି ଧରି ଚାଲିଥିବା ଆମେରିକାର ବାଣିଜ୍ୟ ନିଅଣ୍ଟକୁ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଶୁକ୍ରବାରଠାରୁ ବ୍ରାଜିଲ ସମେତ କିଛି ଦେଶ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କରିଛନ୍ତି।

## ବ୍ୟାଙ୍କରେ ୬୭ ହଜାର କୋଟି; ନାହାନ୍ତି ଦାବିଦାର




■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ସମ୍ପ୍ରତି ଦେଶର ବ୍ୟାଙ୍କଗୁଡିକରେ ବଢ଼ିବାରେ ଲାଗିଛି ଦାବିଦାର ନ ଥିବା ଜମା ଅର୍ଥ ପରିମାଣ। ଚଳିତବର୍ଷ ଜୁନ୍ ଶେଷ ସୁଦ୍ଧା ବ୍ୟାଙ୍କରେ ପଡିରହିଥିବା ୬୭ ହଜାର କୋଟି ମୂଲ୍ୟର ଜମା ଅର୍ଥର କୌଣସି ଦାବିଦାର ନାହାନ୍ତି। ସବୁଠାରୁ କୌତୂହଳର ବିଷୟ ହେଉଛି ଏହି ଜମା ଅର୍ଥରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସର୍ବାଧିକ ୨୯ ପ୍ରତିଶତ ଅଂଶ ରହିଛି। ନିକଟରେ ସଂସଦରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜୁନ୍ ୩୦ ସୁଦ୍ଧା ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ୫୮,୩୩୦.୨୬ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମାରାଶି ଥିଲା, ଯେତେବେଳେ କି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ୮୬୭୩.୭୨ କୋଟି ଟଙ୍କାର ଅଘୋଷିତ ଜମା ଅର୍ଥ ପଡିରହିଥିଲା। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏସ୍‌ବିଆଇ ୧୯୩୨୯.୯୨ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମା ସହିତ ତାଲିକାର ଶୀର୍ଷରେ ଅଛି। ଏହା ପଛକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ୬୯୧୦.୬୭ କୋଟି ▶ପୃଷ୍ଠା-୭

## ଅଥାକାଠିରେ ସରକାର

### ଚାଉଳ ଉଠାଇବାକୁ ଏଫ୍‌ସିଆଇ କୁନ୍ଥକୁନ୍ଥ

# କେଉଁଠି ରଖିବେ ୧୨ଲକ୍ଷ ଟନ୍

■ **ଭୁବନେଶ୍ୱର, ୨୯।୭ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେଲେ ସବୁଦିଗରୁ ଓଡ଼ିଶା ଲାଭବାନ ହେବ ବୋଲି ବିଜେପି ନେତାମାନେ ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାକୁ ଡ଼ବଲ ଲାଭ ମିଳିବା ତ ଦୂରର କଥା, ଓଲଟି ଓଡ଼ିଶା ଅଧିକ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି, ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ରାଶି କମିଛି। ଆନ୍ଧ୍ର, ବିହାର ପରି ରାଜ୍ୟକୁ କେନ୍ଦ୍ର ସରକାର ଅଧିକ ଆର୍ଥିକ ସହାୟତା ଦେଇଥିବାବେଳେ ଓଡ଼ିଶାର ଭାଗ କମିଛି। ବିଡ଼ମ୍ବନା ହେଉଛି ଓଡ଼ିଶା ଅଧିକ ସହାୟତା ଓ ବିଶେଷ ସହାୟତା ପାଇବା ତ ଦୂରର କଥା, ଓଲଟି ନିଜ ହକ୍‌ରୁ ବଞ୍ଚିତ ହୋଇଛି। ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ(ଭାରତୀୟ ଖାଦ୍ୟ ନିଗମ)ର ମନମାନି ଏହାର ସଦ୍ୟତମ ଉଦାହରଣ। ରାଜ୍ୟ

### ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ଶୁଣିଲେନି, ଏବେ ଦାବିକଲେ ଉପମୁଖ୍ୟମନ୍ତ୍ରୀ

### ପୂର୍ବରୁ ମଧ୍ୟ ଅନୁରୂପ ଦାବି କରିଥିଲେ ତତ୍କାଳୀନ ବିଜେଡି ସରକାର

ସରକାରଙ୍କ କ୍ରମାଗତ ଦାବି ସତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଗତ ବିଜେଡି ସରକାର ସମୟରେ ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଇବାକୁ କୁନ୍ଥୁକୁନ୍ଥୁ ହେଉଥିଲା। ଏନେଇ ବିଜେଡି ସଡ଼କଠାରୁ ସଂସଦ ଯାଏଁ ନିଜର ପ୍ରତିବାଦ ଜାରି ରଖିଥିଲା। ଏବେ ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବରଂ ପରିସ୍ଥିତି ଅଧିକ ଖରାପ ହୋଇଛି। ଖରିଫ ଓ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇନାହିଁ। ଯାହା ଫଳରେ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି।

ରାଜ୍ୟ ବିଜେପି ସରକାର ପାଇଁ ଏଫ୍‌ସିଆଇର ମନମାନି ଅଜାଗା ଘା'ରେ ପରିଣତ ହୋଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣମନ୍ତ୍ରୀ ରାଜ୍ୟରୁ ଚାଉଳ ଉଠାଇବାକୁ ଅନୁରୋଧ କରିଥିଲେ ହେଁ କେନ୍ଦ୍ର ସରକାର ବା ଏଫ୍‌ସିଆଇ ଏ ସମ୍ପର୍କରେ ନିରବ ରହିଛି। ଏବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧିବଦ୍ଧ ଭାବେ ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ଫେରାଦ ହୋଇଛନ୍ତି। କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସେ ସାକ୍ଷାତ କରି ଖରିଫ ୨୦୨୪-୨୫ ପାଇଁ ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ▶ପୃଷ୍ଠା-୭

## ସଂସଦରେ 'ସିନ୍ଦୂର' ଝଡ଼





### ମଧ୍ୟସ୍ଥତା କରିନାହିଁ ଆମେରିକା: ପ୍ରଧାନମନ୍ତ୍ରୀ

### ଟ୍ରମ୍ପଙ୍କୁ ମିଛୁଆ କୁହନ୍ତୁ ମୋଦୀ: ରାହୁଲ

■ **ନୂଆଦିଲ୍ଲୀ, ୨୯।୭(ଏଜେନ୍ସି):** ଅପରେସନ ସିନ୍ଦୂର ମାଧ୍ୟମରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଦେଇଛି ଭାରତ। ଭାରତ ଏଭଳି ଜବାବ ଦେଇଛି ଯେ ଆତଙ୍କବାଦର ମାଷ୍ଟରମାଇଣ୍ଡ ଶାନ୍ତିରେ ଶୋଇପାରିବେ ନାହିଁ। ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଲାଗି ଆମେରିକା ମଧ୍ୟସ୍ଥତା କରିନାହିଁ। ଏହାକୁ ନେଇ ଆସୁଥିବା ରିପୋର୍ଟକୁ ଖଣ୍ଡନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିାଲେ ଯେ ଆମେରିକାର ଉପରାଷ୍ଟ୍ରପତି ଭାନ୍ସଙ୍କୁ ଆମେ ଜଣାଇଦେଇଥିଲୁ ଯେ ଭାରତ ଉପରେ ପାକିସ୍ତାନ ଆକ୍ରଣ କଲେ ଆମେ ଏହାର ଭୟଙ୍କର ଜବାବ ଦେବୁ।


ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ଉପରେ ଲୋକସଭାରେ ୧୬ ଘଣ୍ଟିଆ ଆଲୋଚନାର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଲେ ଯେ ଅପରେସନ ସିନ୍ଦୂରକୁ ଅଟକାଇବା ଲାଗି ବିଶ୍ୱର କୌଣସି ନେତା ଆମ ଉପରେ ଚାପ ପକାଇନଥିଲେ। ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାର ପ୍ରଶଂସା କରି ସେ କହିଲେ ଯେ ପାକିସ୍ତାନକୁ ଉଚିତ ▶ପୃଷ୍ଠା-୭

## ଶ୍ରୀମନ୍ଦିର ଭିତରୁ ଧରାପଡ଼ିଲେ ଯୁବକ

# ଚଷମାରେ ଗୁପ୍ତ କ୍ୟାମେରା

■ **ପୁରୀ, ୨୯।୭ (ସମିସ):** ଶ୍ରୀମନ୍ଦିର ଭିତରକୁ ମୋବାଇଲ୍, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହିଭଳି କିଛି ଘଟଣା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ମଙ୍ଗଳବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି। ସମ୍ପୃକ୍ତ ଯୁବକ ଥାନାରେ ଅଣ୍ଡରଟେକିଂ ଲେଖିବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି।





- ■ ଅଣ୍ଡରଟେକିଂ ଲେଖିବା ପରେ ଛାଡ଼ିଲା ପୁଲିସ
- ■ ମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ: ମନ୍ତ୍ରୀ

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି। ବିଶେଷକରି ମନ୍ଦିର ଭିତରର ଫଟୋ ଏବଂ ଭିଡିଓ ଯେପରି ବାହାରକୁ ନ ଆସିବ, ସେଥିଲାଗି ଏସବୁର ଉତ୍ତୋଳନ ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହି କଟକଣା ଲଗାଯାଇଥିଲେ ହେଁ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି। ମଙ୍ଗଳବାର ପୂର୍ବାହ୍ଣରେ ସ୍ଥାନୀୟ ଗଜପତି ନଗରର ଜଣେ ଯୁବକ ଚଷମାରେ ଗୁପ୍ତ କ୍ୟାମେରା ଖଞ୍ଜି ▶ପୃଷ୍ଠା-୭

## ସ୍ତ୍ରୀ, ଶାଶୂଙ୍କୁ ମାରି ଲେମ୍ବୁବାଡ଼ିରେ ପୋତିଦେଲା

### ମୟୂରଭଞ୍ଜରେ ଚାଞ୍ଚଲ୍ୟ | ୧୦ ଫୁଟ୍ ତଳୁ ଗଳିତ ଶବ ଉଦ୍ଧାର କଲା ପୁଲିସ୍

■ **ବାରିପଦା/ କୁଳିଅଣା, ୨୯।୭ (ସମିସ):** ସ୍ତ୍ରୀ ଓ ଶାଶୂକୁ ପଥରରେ ଛେଚି ହତ୍ୟା କରିବା ପରେ ରାତାରାତି ଗାତ ଖୋଳି ଲେମ୍ବୁବାଡ଼ିରେ ପୋତିଦେଲା। କାହାର ଯେପରି ସନ୍ଦେହ ନ ହେବ, ସେଥିପାଇଁ ସେଠାରେ ଏକ କଦଳୀ ଗଛ ବି ଲଗାଇ ଦେଇଥିଲା। କୁଳିଅଣା ଥାନା ଅନ୍ତର୍ଗତ ସରପଙ୍କା ନୂଆଁଗାଁରେ ଗତ ୧୫ ତାରିଖରେ ଘଟିଥିବା ଏଭଳି ଏକ ଜଘନ୍ୟ କାଣ୍ଡ ଉପରେ ଆଜି ପୁଲିସ୍ ପରଦା ଉଠାଇଛି। ମୃତକଦ୍ୱୟ ହେଲେ, ସୋନାଲି ଦଳାଇ ଓ ତାଙ୍କ ମା' ସୁମତା ଦଳାଇ। ୧୦ ଫୁଟ୍ ଗାତ ଖୋଳି ପୁଲିସ୍ ଜରିଗୁଡ଼ା ଅବସ୍ଥାରେ ମା'-ଝିଅଙ୍କ ଗଳିତ ଶବକୁ ଜବତ କରିବା ସହ ଏନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଅଭିଯୁକ୍ତ ଦେବାଶିଷ ପାତ୍ରକୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଦୁଇ ଦୁଇଟି ହତ୍ୟାକାଣ୍ଡ ଭିଆଇବା ସହ ୧୦ ଫୁଟ୍‌ର ଗାତ ଖୋଳି ଶବଦ୍ୱୟକୁ ପୋତିବା ଜଣଙ୍କର କାମ ନୁହେଁ ବୋଲି ପୁଲିସ୍ ସନ୍ଦେହ କରିଛି। ତେଣୁ, ଏଥିରେ ତାକୁ ଆଉ କିଛି ଲୋକ ସାହାଯ୍ୟ କରିଥିବା ପୁଲିସ୍ ▶ପୃଷ୍ଠା-୭



ଅଭିଯୁକ୍ତ ଗିରଫ

## ମୟୂରଭଞ୍ଜରେ ପ୍ରତିଷ୍ଠା ହେବ କୃଷି ମହାବିଦ୍ୟାଳୟ

■ **ବାରିପଦା/ଭୁବନେଶ୍ୱର, ୨୯।୭ (ସମିସ):** ମୟୂରଭଞ୍ଜରେ ପ୍ରତିଷ୍ଠା ହେବ କୃଷି ମହାବିଦ୍ୟାଳୟ। ଓୟୁଏଟିର ପରିଚାଳନା ବୋର୍ଡରେ ଏହି ନିଷ୍ପତ୍ତିକୁ ଅନୁମୋଦନ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁମତି ମିଳିବା ପରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଯଦିଓ ଜିଲ୍ଲାରେ ଏହା କେଉଁଠାରେ ନିର୍ମାଣ ହେବ ସ୍ଥିର ହୋଇନାହିଁ। ଆଗାମୀ ଦିନରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ଦ୍ୱାରା ମୟୂରଭଞ୍ଜରେ କୃଷି ଗବେଷଣା କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିବ।

ଦୀର୍ଘ ଦିନ ହେବ ମୟୂରଭଞ୍ଜରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଛି। ଜିଲ୍ଲାର ବାରିପଦା, ଶାମାଖୁଣ୍ଟା, ବେତନଟୀ ଓ ମୋରଡ଼ା ନିକଟରେ ଶହଶହ ଏକରରୁ ଅଧିକ ସ୍ଥାନ ଚିହ୍ନଟ ମଧ୍ୟ କରାଯାଇଛି। ତିନି ବ୍ଲକର ସୀମାରେ ଥିବା ଦାନ୍ତିଆମୁହାଁ ଓ ବାରିପଦା ଓ ଶାମାଖୁଣ୍ଟା ସୀମାରେ ଏକ କୃଷି ବିଶ୍ୱବିଦ୍ୟାଳୟ

### ଓୟୁଏଟି ପରିଚାଳନା ବୋର୍ଡରେ ନିଷ୍ପତ୍ତିକୁ ଅନୁମୋଦନ

ପ୍ରତିଷ୍ଠା ହେବା ନେଇ ୨୦୧୪ ଅଗଷ୍ଟ ମାସରେ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ବିଶ୍ୱର ପ୍ରମୁଖ ଜୈବମଣ୍ଡଳ ଭାବେ ଶିମିଳିପାଳ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାକୁ ବହୁ ଚାଷୀର ଏନ୍ଥୁଡ଼ିଶାଳ ବୋଲି କୁହାଯାଏ। ଖାଲି ଯେ ଧାନ ତାହା ନୁହେଁ; ଉନ୍ନତ ମାନର ମକା, ଆଳୁ, ବାଦାମ, ପିଆଜ ସହ ଭଳିକିଭଳି ପନିପରିବା ବର୍ଷକଯାକ ଉତ୍ପାଦନ କରାଯାଉଛି। ଜିଲ୍ଲାର ଜଳବାୟୁ ସବୁ ପନିପରିବା, ଧାନ, ମକା, ଆଖୁ, ବାଦାମ ଓ ଆଳୁ ପାଇଁ ମଧ୍ୟ ଉପଯୋଗୀ। ତେଣୁ ଏହିଠାରେ ଓଡ଼ିଶାର ଦ୍ୱିତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଦାବି ହୋଇଆସୁଥିଲା।

ଓଏୟୁଏଟିର ୧୦ଟି କଲେଜରେ ୫୩ଟି ପାଠ୍ୟକ୍ରମରେ ପ୍ରତିବର୍ଷ ପ୍ରାୟ ୧୯୦୦ ଛାତ୍ରଛାତ୍ରୀ ନାମ ଲେଖାଇଥା'ନ୍ତି। ତେବେ ଓଡ଼ିଶାର ୭୦ ପ୍ରତିଶତ ଓ କେବିକେ ଅଞ୍ଚଳର ୭୫ପ୍ରତିଶତ ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ଥିବା ବେଳେ ଏହି ନୂତନ କଲେଜ କେବେ ପ୍ରତିଷ୍ଠା ହେବ, ତାକୁ ଜିଲ୍ଲାବାସୀ ଚାହିଁ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ମୋଟ ୮ଲକ୍ଷ ୮୧ହଜାର ହେକ୍ଟର ▶ପୃଷ୍ଠା-୭







ସକାଳ
THE SAKALA
www.sakalaepaper.com

## ଆମେରିକାରେ ଗୁଳିକାଣ୍ଡ; ୫ ମୃତ

ନ୍ୟୁୟର୍କ, ୨୯।୭ (ଏଜେନ୍ସି): ଆମେରିକାରେ ଗୁଳିକାଣ୍ଡ ଘଟଣା ଥମିବାର ନା ଧରୁନି। ଏବେ ନ୍ୟୁୟର୍କ ସହରର ମିଡଟାଉନ ମ୍ୟାନହଟନରେ ଏକ ଅଫିସ କୋଠାରେ ଏଭଳି ଘଟଣା ଘଟିଛି। ସୋମବାର ସନ୍ଧ୍ୟାରେ ଜଣେ ପାର୍କ ଆଭିନ୍ୟୁର ହାଇପ୍ରୋଫାଇଲ କୋଠାରେ ପଶି ଅତର୍କିତ ଗୁଳିମାଡ଼ କରିଛି। ଏଥିରେ ଜଣେ ପୁଲିସ ଅଧିକାରୀଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି। ଆକ୍ରମଣକାରୀ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛି। ତା' ନିକଟରୁ ଲସ୍ ଭେଗାସର 'କନ୍‌ସିଲ୍ଡ କ୍ୟାରି ପରମିଟ' ଜବତ କରାଯାଇଛି। ଗୁଳିକାଣ୍ଡ ଘଟିଥିବା କୋଠାରେ ଆଡ଼ ଆର୍ଥିକ କମ୍ପାନୀ ଏନ୍‌ଏଫ୍‌ଏଲର ଅଫିସ ରହିଛି। ଏ ପର୍ଯ୍ୟନ୍ତ ଆକ୍ରମଣର କାରଣ ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ନ୍ୟୁୟର୍କ ମେୟର ସୋମବାର ରାତିରେ ପୁଲିସ ଅଧିକାରୀ ଇସ୍‌ଲାମଙ୍କ ପତ୍ନୀ ଏବଂ ପରିବାର ଲୋକଙ୍କୁ ଭେଟିଛନ୍ତି। ସେ ଲୋକଙ୍କୁ ବଞ୍ଚାଇବା ପାଇଁ ନିଜ ଜବୀନକୁ ବାଜି ଲଗାଇ ଦେଇଥିଲେ ବୋଲି କହିଛନ୍ତି। ଇସ୍‌ଲାମ ପ୍ରକୃତ ନାୟକ ଥିଲେ ବୋଲି ମେୟର କହିଛନ୍ତି। ଆମେରିକାରେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଡ୍ୟୁଟି ସମୟରେ ୪୩ ପୁଲିସ ଅଧିକାରୀ ପ୍ରାଣ ହରାଇଲେଣି।

## ଚୀନ୍‌ରେ ବନ୍ୟା; ୩୪ ମୃତ

ବେଜିଂ, ୨୯।୭ (ଏଜେନ୍ସି): ଚୀନ୍ ରାଜଧାନୀ ବେଜିଂ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବର୍ଷା ସାଙ୍ଗକୁ ଭୂସ୍ଖଳନ ବିପର୍ଯ୍ୟୟ ଆଣିଛି। ଏହି ବନ୍ୟା ଏ ପର୍ଯ୍ୟନ୍ତ ୩୪ ଜଣଙ୍କ ଜୀବନ ନେଲାଣି। ୮ରୁ ଅଧିକ ଲୋକ ନିଖୋଜ ମଧ୍ୟ ଅଛନ୍ତି। ବେଜିଂର ମିୟୁନ ଜିଲ୍ଲା ବନ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଛି। ସହର ବାହାରେ ଥିବା ଏହି ଜିଲ୍ଲାରେ କେବଳ ୨୮ ଜଣଙ୍କ ଜୀବନ ଯାଇଛି। ସେହିପରି ବେଜିଂରୁ ୮୦ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ରାଜଧାନୀର ବିଭିନ୍ନ ଭାଗରେ ୩୦ ସେମିରୁ ଅଧିକ ବର୍ଷା ହୋଇଛି। ବେଜିଂକୁ ଲାଗିଥିବା ହପେଇ ପ୍ରଦେଶର ଲଆନପିଙ୍ଗ କାଉଣ୍ଟିରେ ସୋମବାର ବଡ଼ଧରଣର ଭୂସ୍ଖଳନ ହୋଇଛି। ଏଥିରେ ୮ ଜଣ ନିଖୋଜ ହୋଇ ଯାଇଛନ୍ତି। ସ୍ଥିତି ଏପରି ହୋଇଛି ଯେ ଅଞ୍ଚଳର ସବୁ ନେଟୱର୍କ ବନ୍ଦ ରହିଛି। ତେଣୁ ଯୋଗାଯୋଗ କରିବାରେ ସମସ୍ୟା ହେଉଛି। ବେଜିଂ ପ୍ରଶାସନ ସୋମବାର ରାତିରେ ଏମର୍ଜେନ୍ସି ବୈଠକ କରି ସବୁ ସ୍କୁଲକୁ ବନ୍ଦ କରିଦେଇଛନ୍ତି। ନିର୍ମାଣ କାର୍ଯ୍ୟ ଉପରେ କଟକଣା ଲଗାଇ ଦିଆଯାଇଛି। ହପେଇ ପ୍ରଦେଶକୁ ୫୦ ନିୟୁତ ୟୁଆନର ଜରୁରୀକାଳୀନ ସହାୟତା ପ୍ରଦାନ କରାଯାଇଛି। ପ୍ରଭାବିତ ସହରକୁ କେନ୍ଦ୍ରୀୟ ଟିମ୍ ପଠା ଯାଇଛି। ଫସି ରହିଥିବା ଲୋକଙ୍କୁ ବୁଲ୍‌ଡୋଜର ମାଧ୍ୟମରେ ଉଦ୍ଧାର କରାଯାଇଛି।

## ଜେଲ୍‌ରେ ଆକ୍ରମଣ; ୧୭ ମୃତ

କିଭ, ୨୯।୭ (ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ରୁଷ୍-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ମଧ୍ୟ ଧୂଆଁବାଣ ସାବ୍ୟସ୍ତ ହୋଇଛି। ଏହି ଯୁଦ୍ଧ ଦିନକୁ ଦିନ ଭୟାବହ ହେବାରେ ଲାଗିଛି। ମଙ୍ଗଳବାର ୟୁକ୍ରେନର ବିଲେନକିସ୍କା ଜେଲ୍ ଉପରେ ରୁଷ୍ ଆକାଶ ମାର୍ଗରୁ ଚାରୋଟି ଗାଇଡେଡ ବୋମା ମାଡ଼ କରିଛି। ଏଥିରେ ୧୭ କଏଦୀଙ୍କ ମୃତ୍ୟୁ ହୋଇଥିବାବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି। ତେବେ କୌଣସି କଏଦୀ ଫେରାର ହୋଇପାରିନାହାନ୍ତି। ଏହି ଆକ୍ରମଣରେ ଜେଲ୍‌ର ଡାଇନିଂ ହଲ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ପ୍ରାଶାସନିକ ଏବଂ କ୍ୱାରେଣ୍ଟାଇନ କୋଠା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ୟୁକ୍ରେନର ଅନେକ ସହରରେ ମଧ୍ୟ ରୁଷ୍ ଆକ୍ରମଣ କରିଛି। ଏଥିରେ ଗୋଟିଏ ତିନି ମହଲା ବିଶିଷ୍ଟ କୋଠା ଧ୍ୱଂସ ହୋଇ ୨ ଜଣଙ୍କ ଜୀବନ ଯାଇଛି। ଗର୍ଭବତୀଙ୍କ ସମେତ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

## ବସ୍-ଟ୍ରକ୍ ଧକ୍କାରେ ୬ କାଉଡ଼ିଆଙ୍କ ଜୀବନଗଲା

ଦେଓଘର, ୨୯।୭ (ଏଜେନ୍ସି): ଝାଡ଼ଖଣ୍ଡ ଦେଓଘରର ଜାମୁନିଆ ଅନ୍ତର୍ଗତ ନାୱାକୁରା ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ଟ୍ରକ୍‌କୁ ଧକ୍କା ଦେଇଛି। ଏଥିରେ ୬ କାଉଡ଼ିଆଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨୪ ଜଣ ମଧ୍ୟ ଆହତ ହୋଇଛନ୍ତି। ତେବେ ଗୋଡା ସାଂସଦ ନିଶିକାନ୍ତ ଦୁବେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୧୮ ଜଣଙ୍କ ଜୀବନ ଯାଇଥିବା କହିଛନ୍ତି। ଏହି ୩୨ ସିଟ୍ ବିଶିଷ୍ଟ ଘରୋଇ ବସ୍‌ରେ କାଉଡିଆ ଦେଓଘରରୁ ବାବା ବୈଦ୍ୟନାଥଙ୍କ ଧାମକୁ ଯାଉଥିଲେ। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଡ୍ରାଇଭର ସିଟ୍ ସହିତ ଆସି ତଳେ ପଡ଼ିଥିଲେ। ପରେ ବସ୍ ବିନା ଡ୍ରାଇଭରରେ ଆହୁରି ୨୦୦ ମିଟର ଆଗକୁ ପଳାଇ ଥିଲା। ଏହା ଏକ ଇଟା ଗଦା ସହ ମାଡ଼ ହୋଇ ରହିଥିଲା। ବସ୍‌ର ଅଧା ଭାଗ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। କାଉଡ଼ିଆଙ୍କ ସାମଗ୍ରୀ ବସ୍‌ରେ ଓହଳି ଥିବା ଦେଖାଯାଉଛି। ଏହି କାଉଡିଆ ବିହାରର ବାସିନ୍ଦା ଥିଲା। ସେମାନେ ଶ୍ରାବଣୀ ମେଳାରେ ଯୋଗଦେବାକୁ ଯାଉଥିଲେ। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଡେପୁଟି କମିଶନର କହିଛନ୍ତି ଯେ ଗାଡ଼ି ଚଳାଇବା ସମୟରେ ଡ୍ରାଇଭର ସୁବାଷ ତୁରି ବହୁତ କ୍ଲାନ୍ତ ଥିଲେ। ତେଣୁଙ୍କ ଆଖି ଲାଖି ଯିବାରୁ ଦୁର୍ଘଟଣା ଘଟିଥିଲା।

## ବିମାନରେ ଧାର୍ମିକ ସ୍ଲୋଗାନ ଦେଇ ଭାରତୀୟ ଗିରଫ

ଗ୍ଲାସଗୋ, ୨୯।୭ (ଏଜେନ୍ସି): ବିମାନରେ ବୋମା, ଆମେରିକା ରାଷ୍ଟ୍ରପତିଙ୍କୁ ହତ୍ୟା ଧମକ ଏବଂ 'ଆଲ୍ଲା ହୁ ଆକବର' ସ୍ଲୋଗାନ ଦେଇଥିବା ଭାରତୀୟ ନାଗରିକ ଅଭୟ ନାୟକଙ୍କୁ ଗିରଫ କରାଯାଇଛି। ଏହାର ଭିଡିଓ ଖୁବ ଭାଇରାଲ ହୋଇଥିଲା। ସ୍କଟ୍‌ଲାଣ୍ଡର ଗ୍ଲାସଗୋ ବିମାବନ୍ଦରରୁ ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଛି। ତେବେ ତାଙ୍କ ବିରୋଧରେ ଆତଙ୍କବାଦର ଦଫା ଲଗାଯାଇ ନାହିଁ। ସେ ରବିବାର ଇଜିଜେଟ୍ ବିମାନରେ ଇଂଲଣ୍ଡର ଲ୍ୟୁଟନରୁ ଗ୍ଲାସଗୋ ଯାଉଥିଲେ। ଭିଡିଓରେ ସହଯୋଗୀ ଯାତ୍ରୀ ଅଭୟଙ୍କୁ ଧରି ଅଟକାଉଥିବା ଦେଖାଯାଉଛି। ଆମେରିକା ରାଷ୍ଟ୍ରପତି ସ୍କଟଲାଣ୍ଡ ଗସ୍ତରେ ଯାଇଥିବାବେଳେ ଏହି ଘଟଣା ଘଟିଛି।

# ବୋଇଂରେ ପୁଣି ଆତଙ୍କ

### ଆମେରିକା ବିମାନରୁ ଆସିଲା 'ମେଡେ' କଲ୍

### ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏହି ମଡେଲର ବିମାନ

ୱାସିଂଟନ, ୨୯।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୭୦ ଜଣଙ୍କ ଜୀବନ ନେଇଥିଲା। ଏହି ମାମଲାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ ଆମେରିକା ଗଣମାଧ୍ୟମ ପାଇଲଟଙ୍କ ଉପରେ ଦୋଷ ଦେବାରେ ଲାଗିଥିଲା। ପୂର୍ବରୁ ଏହି ବିମାନର ସୁରକ୍ଷା ବୈଶିଷ୍ଟ୍ୟକୁ ନେଇ ନେଇ ବିଶେଷଜ୍ଞ ପ୍ରଶ୍ନ ଉଠାଇ ଥିଲେ। ଖୋଦ୍ ବୋଇଂର ପୂର୍ବତନ କର୍ମଚାରୀ ବିମାନର ନିର୍ମାଣ ଶୈଳୀ ଏବଂ ମାନକୁ ଖରାପ କହିଥିଲେ। ଏବେ ଆମେରିକାରେ ଆଉ ଏକ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଏହି ବିମାନର ବାମ ଇଞ୍ଜିନ କାମ କରିବା ବନ୍ଦ କରିଦେଇଛି। ଏହା ଜାଣିବା ପରେ ପାଇଲଟ ଏମର୍ଜେନ୍ସି 'ମେଡେ' କଲ୍ ଦେଇଛନ୍ତି। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ପାଇଲଟ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ୨ ଘଣ୍ଟା ୩୮ ମିନିଟ ପର୍ଯ୍ୟନ୍ତ ବିମାନ ଆକାଶରେ ରହିବା ପରେ ଜରୁରୀ ଅବତରଣ କରିଛି। ଗତ ୨୫ ତାରିଖରେ ଏହି ଅଘଟଣ ଘଟିଥିବାବେଳେ ମଙ୍ଗଳବାର ଏହା ସାମ୍ନାକୁ ଆସିଛି।

ଫ୍ଲାଇଟ ଆୱେରର ସୂଚନା ଅନୁଯାୟୀ କ୍ରୁ ସଦସ୍ୟ ଏମର୍ଜେନ୍ସି ଘୋଷଣା କରିବା ପରେ ଯାତ୍ରୀଙ୍କ ମଧ୍ୟରେ ଛନକା ପଶି ଯାଇଥିଲା। ସେମାନେ ଭୟରେ ଥରହର ହେଉଥିଲେ। ତେବେ ସମସ୍ତଙ୍କୁ ଧୈର୍ଯ୍ୟ ଧରିବାକୁ କୁହାଯାଇଥିଲା। ୬ ହଜାର ଫୁଟରେ ଥିବାବେଳେ ପାଇଲଟ ଇନ୍ଧନ ଖାଲି କରିବାକୁ ଏଟିସିକୁ ଅନୁମତି ମାଗିଥିଲେ। ଅନ୍ୟ ବିମାନଠାରୁ ସୁରକ୍ଷିତ ଦୂରତ୍ୱ ରଖିବା ଲାଗି ଏଟିସି ପାଇଲଟଙ୍କୁ ପରାମର୍ଶ ଦେଇଥିଲେ। ଓଜନ କମ୍ କରିବା ପାଇଁ ବିମାନ ଅଢେଇ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ୱାସିଂଟନର ଉତ୍ତର-ପଶ୍ଚିମରେ ଘୂରି ବୁଲି ଥିଲା।



ଏହା ପରେ ଇନ୍‌ଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ (ଆଇଏଲଏସ) ସହାୟତାରେ ଅବତରଣ ଲାଗି ପାଇଲଟ ଅନୁମତି ମାଗିଥିଲେ। ୱାସିଂଟନର ଡଲେସ ବିମାନବନ୍ଦରରେ ଅବତରଣ ପରେ ଖରାପ ଇଞ୍ଜିନ ଯୋଗୁଁ ବିମାନ ଆପେ ଆପେ ରନୱେରୁ ହଟିପାରି ନ ଥିଲା। ଏହାକୁ ଟାଣି ଟାଣି ହଟା ଯାଇଥିଲା। ସୋମବାର ପର୍ଯ୍ୟନ୍ତ ଏହି ବିମାନ ବିମାନବନ୍ଦରରେ ଛିଡ଼ା ହୋଇଥିଲା। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ୟୁନାଇଟେଡ ଏୟାରଲାଇନ୍ସ ଏବଂ ବିମାନ ଅଧିକାରୀ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏହା ପୂର୍ବରୁ ଶନିବାର ଆମେରିକାର ଡେନ୍‌ଭର ବିମାନବନ୍ଦରରେ ଶନିବାର ଆମେରିକାନ ଏୟାରଲାଇନ୍ସର ବୋଇଂ ୭୩୭ ମାକ୍ସ-୮ ବିମାନର ଲ୍ୟାଣ୍ଡିଂ ଗିୟର ଫେଲ ହୋଇ ଯାଇଥିଲା। ଏଥିଯୋଗୁଁ ବିମାନର ପଛ ଭାଗରେ ନିଆଁ ଲାଗି ଯାଇଥିଲା। ଯାତ୍ରୀଙ୍କୁ ଏମର୍ଜେନ୍ସି ସ୍ଲାଇଡର ଦେଇ ବାହାରିବାକୁ ପଡ଼ିଥିଲା।

**ବିହାର ଏସ୍‌ଆଇଆର୍ ମାମଲା**

# ଅଧିକ ଭୋଟରଙ୍କ ନାମ କଟିଲେ ହସ୍ତକ୍ଷେପ କରିବୁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିହାରରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାକୁ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କୁ ଚେତାବନୀ ଦେଇଛନ୍ତି। ଆସନ୍ତା ୧ ତାରିଖରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାରୁ ଯଦି ଅଧିକ ଭୋଟରଙ୍କୁ ବାଦ୍ ଦିଆଯାଏ ତେବେ ମାମଲାରେ ହସ୍ତକ୍ଷେପ କରିବୁ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଅଗଷ୍ଟ ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି। ଏସଆଇଆର ବିରୋଧରେ ଦାଏର ଆବେଦନରେ କୁହଯାଇଥିଲା ଯେ ୬୫ ଲକ୍ଷ ଭୋଟରଙ୍କ ନାମକୁ କାଟି ଦିଆଯାଇଛି। ଏମାନଙ୍କ ମଧ୍ୟରୁ କିଛି ନିଜ ଘର ଛାଡ଼ି ଅନ୍ୟ କେଉଁଆଡେ ପଳାଇଛନ୍ତି ଏବଂ ଅନ୍ୟମାନେ ପ୍ରାଣ ହରାଇଥିବା କୁହାଯାଇଛି। ଏହା ଉପରେ ଜଷ୍ଟିସ ବାଗଚୀ କହିଥିଲେ ଯେ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ମାମଲା ଉପରେ ଦୃଷ୍ଟି ରଖିଛନ୍ତି। ତାଲିକାରୁ ବିପୁଳ ସଂଖ୍ୟକ ଭୋଟରଙ୍କୁ ବାଦ୍ ଦେଲେ କୋର୍ଟ ତୁରନ୍ତ ହସ୍ତକ୍ଷେପ କରିବେ। ମୃତ କହି ଭୋଟର ତାଲିକାରୁ ନାମ କାଟି ଦିଆଯାଇଥିବା ଏଭଳି ୧୫ ଜୀବିତ ଲୋକଙ୍କୁ ଆଣି କୋର୍ଟକୁ ଆସନ୍ତୁ। ଏହା ପୂର୍ବରୁ ସୋମବାର କୋର୍ଟ ଏସଆଇଆର ପ୍ରକ୍ରିୟା ଉପରେ କଟକଣା ଲଗାଇବାକୁ ମନା କରି ଦେଇଥିଲେ। ତ୍ରୁଟି ରହିଲେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ ବୋଲି ସୁପ୍ରିମକୋର୍ଟ ଆବେଦନକାରୀ ଏଡିଆରକୁ କହିଥିଲେ।

**ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ କଣ୍ଟ ଧାର୍ଯ୍ୟ ମାମଲା**

# ଅଗଷ୍ଟ ୧୯ରେ ରାଷ୍ଟ୍ରପତିଙ୍କ ମତାମତ ଉପରେ ଶୁଣାଣି



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିଧାନସଭାରେ ପାରିତ ବିଲ୍‌କୁ ଅନୁମୋଦନ ନେଇ ସୁପ୍ରିମକୋର୍ଟ ଏପ୍ରିଲ ୮ରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଲାଗି କଣ୍ଟ ଧାର୍ଯ୍ୟ କରିଥିଲେ। ପରେ ଗତ ମେ' ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ପରାମର୍ଶ ମାଗିଥିଲେ। ସୁପ୍ରିମକୋର୍ଟ ଅଗଷ୍ଟ ୧୯ରୁ ଏହି ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ ନରସିମ୍ହା ଏବଂ ଏ ଏସ ଚନ୍ଦୂରକରଙ୍କ ଖଣ୍ଡପୀଠ ଏ ନେଇ ଅଗଷ୍ଟ ୧୨ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଲିଖିତ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଠିକ୍ ସମୟରେ ମତାମତ ଦାଖଲ କରିବାକୁ ସବୁ ପକ୍ଷଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୧୯ ତାରିଖରେ ପ୍ରଥମେ ରାଷ୍ଟ୍ରପତିଙ୍କ ସୁପାରିସ ଉପରେ ପ୍ରଶ୍ନ ଉଠାଇ କେରଳ ଏବଂ ତାମିଲନାଡୁ ସରକାର ଦାଖଲ କରିଥିବା ଆବେଦନ ଉପରେ ଘଣ୍ଟାଏ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ରାଷ୍ଟ୍ରପତିଙ୍କ ସୁପାରିସ ସମର୍ଥନ କରୁଥିବା କେନ୍ଦ୍ର ଏବଂ ଅନ୍ୟ ରାଜ୍ୟର ଆବେଦନ ଉପରେ ଅଗଷ୍ଟ ୧୯, ୨୦, ୨୧ ଓ ୨୬ରେ ଏବଂ ବିରୋଧରେ ଦାଏର ଆବେଦନର ଶୁଣାଣି ଅଗଷ୍ଟ ୨୮, ସେପ୍ଟେମ୍ବର ୨,୩ ଓ ୯ ତାରିଖରେ ଶୁଣାଣି କରାଯିବ। ଯଦି ଏହା ଉପରେ କୌଣସି ପ୍ରତ୍ୟୁତ୍ତର ଦେବାର ଥାଏ ତେବେ ଏହାର ଶୁଣାଣି ସେପ୍ଟେମ୍ବର ୧୦ରେ ହେବ। ଏହା ପୂର୍ବରୁ ଗତ ୨୨ ତାରିଖରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ କହିଥିଲେ ଯେ ରାଷ୍ଟ୍ରପତିଙ୍କ ସୁପାରିସ ସାରା ଦେଶ ଉପରେ ପ୍ରଭାବ ପକାଇବ।

ଏପ୍ରିଲ ୮ରେ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଧାରା ୧୪୨କୁ ବ୍ୟବହାର କରି ବିଲ୍ ଉପରେ ଅନୁମୋଦନ ଲାଗି ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ନିମନ୍ତେ ୩ ମାସର କଣ୍ଟ ଧାର୍ଯ୍ୟ କରିଥିଲେ। ଏହାକୁ ନେଇ ରାଷ୍ଟ୍ରପତି ଧାରା ୧୪୩ (୧) ଆଧାରରେ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ରାୟ ମାଗିଥିଲେ। ରାଷ୍ଟ୍ରପତି-ରାଜ୍ୟପାଳଙ୍କ କ୍ଷମତା, ନ୍ୟାୟିକ ଦଖଲ ଏବଂ ସମୟସୀମା ଧାର୍ଯ୍ୟ କରିବା ଉପରେ ସ୍ପଷ୍ଟୀକରଣ ଦେବାକୁ କହିଥିଲେ। ସମ୍ବିଧାନରେ ଏଭଳି କୌଣସି ବ୍ୟବସ୍ଥା ନ ଥିବାବେଳେ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ କେମିତି ରାଷ୍ଟ୍ରପତି-ରାଜ୍ୟପାଳଙ୍କ ନିମନ୍ତେ ସମୟସୀମା ଧାର୍ଯ୍ୟ କରିବାର ନିଷ୍ପତ୍ତି ଦେଇପାରିବେ କି, ସୁପ୍ରିମକୋର୍ଟଙ୍କ ରାୟ ନେବା ରାଷ୍ଟ୍ରପତିଙ୍କ ପାଇଁ ବାଧ୍ୟତାମୂଳକ କି, ଧାରା ୧୪୨ ବ୍ୟବହାର କରି ସୁପ୍ରିମକୋର୍ଟ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ବଦଳାଇ ପାରିବେ କି, ରାଜ୍ୟପାଳଙ୍କ ଅନୁମୋଦନ ବିନା ବିଧାନସଭାରେ ପାରିତ ବିଲ୍ କାର୍ଯ୍ୟକାରୀ ହୋଇପାରିବ କି, ସମ୍ବିଧାନର ବାଖ୍ୟା ପାଇଁ ଉଦ୍ଦିଷ୍ଟ ମାମଲାକୁ ପାଞ୍ଚ ଜଣିଆ ଖଣ୍ଡପୀଠକୁ ପଠାଇବା ବାଧ୍ୟତାମୂଳକ କି, ସମ୍ବିଧାନ କିମ୍ବା ବର୍ତ୍ତମାନ ଆଇନ ସହ ମେଳ ଖାଉ ନ ଥିବା ନିର୍ଦ୍ଦେଶ ସୁପ୍ରିମକୋର୍ଟ ଦେଇପାରିବେ କି, ସୁପ୍ରିମକୋର୍ଟ ଏବଂ ରାଜ୍ୟ ମଧ୍ୟରେ ଥିବା ବିବାଦକୁ କେବଳ ସୁପ୍ରିମକୋର୍ଟରେ ସମାଧାନ କରାଯାଇପାରିବ କି ବୋଲି ରାଷ୍ଟ୍ରପତି ପଚାରି ଥିଲେ।

## ଚୀନ୍‌ରେ ସନ୍ତାନ ଜନ୍ମ କଲେ ମିଳିବ ୧.୩୦ ଲକ୍ଷ



ବେଜିଂ, ୨୯।୭ (ଏଜେନ୍ସି): ଜନ୍ମହାର ହ୍ରାସକୁ ନେଇ ଚୀନ୍ ସରକାରଙ୍କ ନିଦ ହଜି ଯାଇଛି। ଆର୍ଥିକ ସ୍ଥିତି ଏବଂ ଅନ୍ୟ କୌଣସି କାରଣରୁ ବିବାହ କରିବାକୁ ଅମଙ୍ଗ ହେଉଥିବା ଯୁବ ପିଢ଼ିଙ୍କୁ ଆକୃଷ୍ଟ କରିବା ଲାଗି ସି ଜିନପିଙ୍ଗଙ୍କ ସରକାର ନିଆରା ପଦକ୍ଷେପ ନେଇଛନ୍ତି। ସନ୍ତାନ ଜନ୍ମ କଲେ ମାତାପିତାଙ୍କୁ ସରକାର ୧.୩୦ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। କ୍ରମାଗତ ଭାବେ ଜନ୍ମହାର ହ୍ରାସକୁ ନେଇ ଚିନ୍ତିତ ଚୀନ୍ ସରକାର ସନ୍ତାନ ଜନ୍ମ ପରେ ମାତାପିତାଙ୍କୁ କ୍ରମାଗତ ତିନି ବର୍ଷ ପର୍ଯ୍ୟନ୍ତ ୩୬୦୦ ୟୁଆନ (ପ୍ରାୟ ୪୪ ହଜାର ଟଙ୍କା) ପ୍ରଦାନ କରିବେ। ଏବେ ଚୀନ୍‌ର ୨୧ ପ୍ରତିଶତ ଲୋକଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ରହିଛି। ପ୍ରାୟ ଦଶନ୍ଧି ତଳେ ଚୀନ୍ ନିଜର ବିବାଦୀୟ ଏକ ସନ୍ତାନ ନୀତିକୁ ପ୍ରତ୍ୟାହାର କରି ନେଇଥିଲା। ଏହା ସତ୍ତ୍ୱେ ଜନ୍ମହାର ହ୍ରାସ ପାଇ ଚାଲିଥିଲା।

ବିଶ୍ୱର ବୃହତ୍ତ ରାଷ୍ଟ୍ରଙ୍କ ମଧ୍ୟରେ ଚୀନ୍‌ର ଜନ୍ମହାର ସବୁଠୁ କମ୍ ରହିଛି। ୨୦୧୬ରେ ଚୀନ୍‌ରେ ୧.୮ କୋଟି ଶିଶୁ ଜନ୍ମ ହୋଇଥିଲେ। ୨୦୨୩ରେ ଏହି ସଂଖ୍ୟା ୯୦ ଲକ୍ଷକୁ ଖସି ଆସିଥିଲା। କେବଳ ୭ ବର୍ଷରେ ଏହି କମ୍ୟୁନିଷ୍ଟ ରାଷ୍ଟ୍ରରେ ଜନ୍ମହାର ୫୦ ପ୍ରତିଶତ ହ୍ରାସ ପାଇଛି। ମୃତ୍ୟୁ ହାରଠାରୁ ଜନ୍ମ ହାର କମ୍ ଥିବାରୁ ମୋଟ ହ୍ରାସ ଧାରା ଜାରି ରହିଛି।

## ୨୨ ଅନାଥ ପିଲାଙ୍କୁ ପୋଷ୍ୟ କଲେ ରାହୁଲ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବଡ଼ ପଦକ୍ଷେପ ନେଇଛନ୍ତି। ପୁଞ୍ଚ ଜିଲ୍ଲାର ୨୨ ଅନାଥ ପିଲାଙ୍କୁ ସେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଏହି ସୂଚନା ଦେଇଛନ୍ତି। ରାହୁଲ ଏହି ପିଲାଙ୍କ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଏହି ପିଲମାନେ 'ଅପରେସନ ସିନ୍ଦୁର' ସମୟରେ ନିଜ ମାତାପିତାଙ୍କୁ ହରାଇଥିଲେ। ଏଲଓସିରେ ପାକିସ୍ତାନୀ ଗୁଳିମାଡ଼ରେ ଏହି ଶିଶୁଙ୍କ ମାତାପିତାଙ୍କ ଜୀବନ ଯାଇଥିଲା। ପୁଞ୍ଚ ଗସ୍ତ ସମୟରେ ରାହୁଲ ଏହି ପ୍ରଭାବିତ ପରିବାରଗୁଡ଼ିକୁ ଭେଟିଥିଲେ। ସେମାନେ ଅତି କଷ୍ଟରେ କାଳତିପାତ କରୁଥିଲେ। ଅର୍ଥାଭାବରୁ ପାଠପଢ଼ା ଉପରେ ମଧ୍ୟ ବିପଦ ଦେଖା ଦେଇଥିଲା। ଏହା ଦେଖି ଏଭଳି ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ରାହୁଲ ଦଳୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁଞ୍ଚ ଯାଇ ରାହୁଲ ଅନାଥ ପିଲାଙ୍କୁ ଭେଟୁଥିବା ସମୟର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଛି। ସେତେବେଳେ ରାହୁଲ କହିଥିଲେ ଯେ ଏହି ପିଲାମାନଙ୍କ ଶିକ୍ଷା ପାଇଁ ସେ ବ୍ୟକ୍ତିଗତ ଭାବରେ କିଛି କରିବାକୁ ଚାହୁଁଛନ୍ତି। ଏହା ପରେ କଂଗ୍ରେସ ନେତାମାନେ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୨ ପିଲାଙ୍କୁ ସାହାଯ୍ୟ ଦିଆଯିବ।

## ରାଜ୍ୟସଭାରେ ଖଡ୍‌ଗେ-ନଡ୍ଡା ମୁହାଁମୁହିଁ



ନୂଆଦିଲ୍ଲୀ, ୨୯।୭: ରାଜ୍ୟସଭାରେ ଆଜି ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଚାଲିଥିବା ବେଳେ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟସଭାର ନେତା ଜେପି ନଡ୍ଡା ଏବଂ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ମୁହାଁମୁହିଁ ହୋଇଥିଲେ। ଅପରେସନ ସିନ୍ଦୂର ଉପରେ ଏକ ଘଣ୍ଟା ଧରି ତାଙ୍କର ମନ୍ତବ୍ୟ ରଖିବା ସମୟରେ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ତୀବ୍ର ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ସେ ଏମିତି କିଛି ଭାଷା ପ୍ରୟୋଗ କରିଥିଲେ, ଯାହାକୁ ନେଇ ଉତ୍ତେଜିତ ହୋଇପଡ଼ିଥିଲେ ନଡ୍ଡା। ସେ ଖଡ଼ଗେଙ୍କୁ ସମାଲୋଚନା କରି କହିଥିଲେ ଯେ ଖଡ଼ଗେ ତାଙ୍କର ମାନସିକ ସନ୍ତୁଳନ ହରାଇଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ନଡ୍ଡା ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରିବା ସହିତ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ। କିନ୍ତୁ ନିଜ ମନ୍ତବ୍ୟରୁ ନଡ୍ଡା ନ ଓହରିବାରୁ ଖଡ଼ଗେ କହିଥିଲେ, ସେ ଗୃହରେ ରାଜନାଥ ଓ ନଡ୍ଡାଙ୍କର ସମ୍ମାନ କରନ୍ତି। କାରଣ ସେମାନେ କେବେହେଲେ ଭାଷାରେ ସନ୍ତୁଳନ ହରାନ୍ତି ନାହିଁ। ଶେଷରେ ନଡ୍ଡା ତାଙ୍କର ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। ନଡ୍ଡା କହିଥିଲେ ଯେ ଖଡ଼ଗେ ଜଣେ ଅଭିଜ୍ଞ ଓ ଜ୍ଞାନୀ ଲୋକ। ବିଶ୍ୱର ଲୋକପ୍ରିୟ ନେତା ରୂପେ ପରିଚିତ ମୋଦୀଙ୍କ ପ୍ରତି ସେ ଯେଉଁ ଭାଷା ପ୍ରୟୋଗ କରିଛନ୍ତି ତାହା ତାଙ୍କର ମର୍ଯ୍ୟାଦା ଦୃଷ୍ଟିରୁ ଶୋଭା ପାଉନାହିଁ। ତେଣୁ ତାଙ୍କର ଏହି ମନ୍ତବ୍ୟକୁ ରାଜ୍ୟସଭାର ରେକର୍ଡରୁ ବାଦ୍ ଦିଆଯାଉ।

## ଷ୍ଟ୍ରେଚରରେ ଯୁବକଙ୍କ ଜୀବନ ଗଲା

### ଭାଙ୍ଗିଲାନି ଡାକ୍ତରଙ୍କ ନିଦ



ମିରଟ, ୨୯।୭ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଟରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଈଶ୍ୱରଙ୍କ ଦ୍ୱିତୀୟ ରୂପ ଭାବେ ପରିଚିତ ଜଣେ ଡାକ୍ତରଙ୍କ ଅବହେଳା ପାଇଁ ଦୁର୍ଘଟଣା ପରେ ଚିକିତ୍ସା ନ ପାଇ ଜଣେ ଯୁବକଙ୍କ ଜୀବନ ଚାଲି ଯାଇଛି। ଦୁର୍ଘଟଣା ସେତେ ଗୁରୁତର ନ ଥିଲା। ମାତ୍ର ଠିକ୍ ସମୟରେ ଚିକିତ୍ସା ମିଳି ପାରି ନ ଥିଲା। ଡାକ୍ତର ବାବୁ ଶୋଇ ରହିଥିଲେ। ପରେ ଅନ୍ୟମାନେ ଯାଇ ତାଙ୍କୁ ଡାକି ଥିଲେ। କିନ୍ତୁ ଏହା ସତ୍ତ୍ୱେ ସେ ଉଠି ନ ଥିଲେ। ଫଳରେ ଷ୍ଟ୍ରେଚରରେ ପଡ଼ି ପଡ଼ି ଯୁବକଙ୍କ ଅଧିକ ରକ୍ତସ୍ରାବ ହୋଇଥିଲା। ଶେଷରେ ତାଙ୍କ ଜୀବନ ଚାଲି ଯାଇଥିଲା। ଏହି ଅଭାବନୀୟ ଘଟଣା ମିରଟରେ ଥିବା ସରକାରୀ ଡାକ୍ତରଖାନାରେ ଘଟିଛି।

ସୂଚନା ଅନୁଯାୟୀ ରବିବାର ରାତି ୧ଟାରେ ଯୁବକ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ଗୋଡ଼ରେ ଗମ୍ଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ଲାଲା ଲଜପତ ରାୟ ମେମୋରିଆଲ ମେଡିକାଲ କଲେଜକୁ ନିଆ ଯାଇଥିଲା। ଜରୁରୀକାଳୀନ ୱାର୍ଡରେ ତାଙ୍କୁ ଭର୍ତ୍ତି କରା ଯାଇଥିଲା। ଏହା ପରେ ବି ଡାକ୍ତର ଭୂପେଶ କୁମାର ରାଏ ଚିକିତ୍ସା କରିବାକୁ ଆସି ନ ଥିଲେ। ପରିବାର ଲୋକେ ଅନେକ କାକୁତିମିନତି ହୋଇଥିଲେ ବି କେହି ତାଙ୍କ ଗୁହାରି ଶୁଣି ନ ଥିଲେ। କିଛି ଘଣ୍ଟା ପର୍ଯ୍ୟନ୍ତ ଯୁବକ ସେମିତି ରକ୍ତାକ୍ତ ଅବସ୍ଥାରେ ୱାର୍ଡର ଷ୍ଟ୍ରେଚରରେ ପଡ଼ି ରହିଥିଲେ। ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ଯୁବକଙ୍କ ପରିବାର ଲୋକେ ଡାକ୍ତର ବାବୁ ଶୋଇଥିବାର ଭିଡିଓ ରେକର୍ଡ କରିଛନ୍ତି। ଏହାକୁ ଆଧାର କରି ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଏହି ମାମଲାର ତଦନ୍ତ ପାଇଁ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି।

## ୟେମେନରେ ନିମିଷା ପ୍ରିୟାଙ୍କ ଫାଶୀଙ୍କୁ ନେଇ ସଂଶୟ



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ହତ୍ୟା ମାମଲାରେ ୟେମେନ ଜେଲ୍‌ରେ ବନ୍ଦୀ ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କ ଫାଶୀ ଦଣ୍ଡାଦେଶକୁ ନେଇ ସଂଶୟ ବଢ଼ିବାରେ ଲାଗିଛି। ଭାରତୀୟ ଗ୍ରାଣ୍ଡ ମୁଫ୍‌ତି କାନ୍ଥାପୁରମ ଏପିଅବୁବକର ମୁସଲିୟାରଙ୍କ କାର୍ଯ୍ୟାଳୟ ପକ୍ଷରୁ ବଡ଼ ଦାବି କରାଯାଇଛି। ପୂର୍ବରୁ ସ୍ଥଗିତ ନିମିଷା ପ୍ରିୟାଙ୍କ ମୃତ୍ୟୁଦଣ୍ଡକୁ ରଦ୍ଦ କରିଦିଆଯାଇଥିବା କୁହାଯାଇଛି। ହୁତି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଏହାକୁ ପ୍ରତ୍ୟାହାର କରି ନିଆ ଯାଇଥିବା ଦର୍ଶାଯାଇଛି। ତେବେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ଖବରକୁ ଖାରଜ କରିଦିଆଯାଇଛି। ଏଭଳି ଦାବିକୁ ଭ୍ରମାତ୍ମକ କୁହାଯାଇଛି। ଏହି ସୂଚନା ବର୍ତ୍ତମାନର ସ୍ଥିତିକୁ ସଠିକ୍ ଭାବେ ସୂଚାଉ ନାହିଁ ବୋଲି କୁହାଯାଉଛି।

ୟେମେନଙ୍କ ତଲାଲ ଅବାଦୋଙ୍କୁ ୨୦୧୭ ମସିହାରେ ନିମିଶା ପ୍ରିୟା ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ତାଙ୍କୁ ଗତ ୧୬ ତାରିଖରେ ଫାଶୀ ଦିଆଯିବାର ଥିଲା। କିନ୍ତୁ ଭାରତର ହସ୍ତକ୍ଷେପ ଫଳରେ ଫାଶୀକୁ ଶେଷ ମୁହୂର୍ତ୍ତରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। କନ୍ଥପୁରମଙ୍କ ଅନୁରୋଧକ୍ରମେ ୟେମେନର ଜଣାଶୁଣା ସୁଫି ଧାର୍ମିକ ଗୁରୁ ଶେଖ୍ ହବିବ୍ ଓମର ବିନ୍ ହଫିଜ ନିମିଶାଙ୍କ ଫାଶୀ ମାମଲାରେ ଆଲୋଚନା ଲାଗି ଆଗକୁ ଆସିଥିଲେ। ଅନ୍ୟ ଅନ୍ତର୍ଜାତୀୟ କୂଟନୀତିଜ୍ଞଙ୍କ ସହ ମିଶି ସେ ଏଥିପାଇଁ କାର୍ଯ୍ୟ କରିଥିଲେ। ଏଥିପାଇଁ ତାଙ୍କ ଫାଶୀଦଣ୍ଡକୁ ଅଟକାଇ ଦିଆଯାଇଥିଲା। ତେବେ କନ୍ଥପୁରମଙ୍କ ଦାବିକୁ ୟେମେନର ସାମାଜିକ କର୍ମୀ ତଥା ଆକ୍ସନ କାଉନସିଲ୍ ଫର୍ ତଲାଲ ମହଦିସ୍ ଜଷ୍ଟିସ୍-ଇନ୍- ୟେମେନର ପ୍ରବକ୍ତା ସରହନ ସମସାନ ଅଲ ୱିସୱାବିଙ୍କ ପକ୍ଷରୁ ମଧ୍ୟ ନିମିଷାଙ୍କ ଦଣ୍ଡ ରଦ୍ଦ ହେବା ଖବରକୁ ସ୍ୱୀକାର କରାଯାଇଛି। ଫେସବୁକ ପୋଷ୍ଟରେ ସେ ଏହି ସୂଚନା ଦେଇଛନ୍ତି। ସେ ଦାବି କରିଛନ୍ତି ଯେ ଧାର୍ମିକ ଗୁରୁଙ୍କ ହସ୍ତକ୍ଷେପ ଯୋଗୁଁ ନିମିଷାଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତ କରାଯାଇଛି। ଏବେ ତାଙ୍କୁ ଜେଲରୁ ମୁକ୍ତ କିମ୍ବା ଆଜୀବନ କାରାଦଣ୍ଡ ଦିଆଯିବ। ନିମିଷା ଏବେ ଜେଲ୍‌ରେ ରହିବେ କି 'ବ୍ଲଡ ମନି' ଦେଇ ମୁକୁଳିବେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

### ଦିଲ୍ଲୀରେ ଉଠିଲା ଓଡ଼ିଶାର ନାରୀ ସୁରକ୍ଷା ପ୍ରସଙ୍ଗ

# ସଂସଦ ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡିର ପ୍ରତିବାଦ

- ପ୍ରବଳ ବର୍ଷାରେ ଧାରଣା ଦେଲେ ବିଜେଡି ରାଜ୍ୟସଭା ସାଂସଦ
- ବଳଙ୍ଗା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଦାବି
- ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଦାବି କଲେ ନ୍ୟାୟିକ ତଦନ୍ତ




ଭୁବନେଶ୍ୱର,୨୯।୭(ସମିସ): ଦିଲ୍ଲୀରେ ପହଞ୍ଚିଛି ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ନାରୀ ଅସୁରକ୍ଷା ପ୍ରସଙ୍ଗ । ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟସଭା ସାଂସଦମାନେ ସଂସଦ ପରିସରରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଛନ୍ତି । ପ୍ରବଳ ବର୍ଷା ସତ୍ତ୍ୱେ ଦଳର ୬ ଜଣ ରାଜ୍ୟସଭା ସାଂସଦ ପ୍ଲାକାର୍ଡ଼ ଧରି ଓଡ଼ିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ସମ୍ପ୍ରତି ଓଡ଼ିଶାରେ ନାରୀ ଓ ଶିଶୁ ଅସୁରକ୍ଷିତ। ଜଣେ ମହିଳା ଘରୁ ବାହାରିଲେ ସୁରକ୍ଷିତ ଭାବରେ ଫେରିବାର ନିଶ୍ଚିତତା ନାହିଁ । ଗତ କିଛି ମାସ ଧରି ରାଜ୍ୟରେ ମହିଳାଙ୍କ ପ୍ରତି ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ଘଟଣା ପାଇଁ ଓଡ଼ିଶା ଜାତୀୟ ସ୍ତରରେ ଲଜ୍ଜିତ ହୋଇଥିବା ବେଳେ ରାଜ୍ୟ ବିଜେପି ସରକାର ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛନ୍ତି।

ଏହି ପରିପ୍ରେକ୍ଷୀରେ ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଓ ବଳଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ସାଂସଦମାନେ ଦାବି କରିଛନ୍ତି। ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ କହିଛନ୍ତି। ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

ପ୍ରତିବାଦ ସମ୍ପର୍କରେ ପ୍ରତିକ୍ରିୟା ରଖି ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ରାଜ୍ୟରେ ନାରୀ, ଛୋଟ ଶିଶୁ ସମସ୍ତ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ବାଲେଶ୍ୱର ଏଫଏମ କଲେଜର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୂତି ପ୍ରଦାନ କରିଥିବା ବେଳେ, ପୁରୀ ଜିଲ୍ଲା ବଳଙ୍ଗାର ଜଣେ ଛାତ୍ରୀ ବର୍ତ୍ତମାନ ଦିଲ୍ଲୀ ଏମ୍ସରେ ମୃତ୍ୟୁ ସହସଂଗ୍ରାମ କରୁଛି। ଉକ୍ତ ଛାତ୍ରୀଙ୍କର ୭୫ ପ୍ରତିଶତ ଶରୀର ପୋଡ଼ି ଯାଇଛି। ଏ ସମସ୍ତ ଘଟଣାରେ ପ୍ରକୃତ ଦୋଷୀଙ୍କୁ ଠାବ କରିବାରେ ରାଜ୍ୟ ସରକାର, ପୁଲିସ ବିଫଳ ହୋଇଛନ୍ତି। ତେଣୁ ପ୍ରକୃତ ସତ୍ୟକୁ ପଦାକୁ ଆଣିବାକୁ ଆମେ ନ୍ୟାୟିକ ତଦନ୍ତ ଦାବି କରୁଛୁ। ମାତ୍ର ଏହାକୁ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଫଳସ୍ୱରୂପ ଏପରି ସମ୍ବେଦନଶୀଳ ଘଟଣା ଗୁଡ଼ିକର ପ୍ରକୃତ ସତ୍ୟ ପଦାକୁ ଆସୁନାହିଁ। ରାଜ୍ୟ ସରକାର ଯଦି ନ୍ୟାୟିକ ତଦନ୍ତ ନ କରନ୍ତି ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

### ■ ଓଡ଼ିଶା ଉପରେ ଘୂର୍ଣ୍ଣିବଳୟ ସକ୍ରିୟ

# ଆହୁରି ୨୪ ଘଣ୍ଟା ଛେଚିବ

ଭୁବନେଶ୍ୱର, ୨୯।୭(ସମିସ): ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆହୁରି ୨୪ ଘଣ୍ଟା ପର୍ଯ୍ୟନ୍ତ ଏହାର ପ୍ରଭାବ ଜାରି ରହିବ। ତେବେ ୩୧ ତାରିଖ ପରଠାରୁ ବର୍ଷା କମିବା ନେଇ ଆକଳନ କରାଯାଉଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ବର୍ତ୍ତମାନ ଦକ୍ଷିଣ ବାଂଲାଦେଶ ଏବଂ ଆଖପାଖ ଅଞ୍ଚଳର ବାୟୁମଣ୍ଡଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଓଡ଼ିଶା ଉପରେ ରହୁଛି ଓ ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେଉଛି। ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ, ଉପକୂଳ ଓଡ଼ିଶାର ବର୍ଷାର ପ୍ରଭାବ ଅଧିକ ରହିଛି। ମଙ୍ଗଳବାର ସାଢ଼େ ୫ଟା ସୁଦ୍ଧା ଟିଟିଲାଗଡ଼ରେ ୩୯ ମିମି ବର୍ଷା ହୋଇଥିବା ବେଳେ ଭୁବନେଶ୍ୱରରେ ୩୭ ମିମି, ବଲାଙ୍ଗିରରେ ୨୨ ମିମି, ନୂଆପଡ଼ାରେ ୨୩ ମିମି ଓ ଖୋର୍ଦ୍ଧା, ଛତ୍ରପୁର ଏବଂ ଚାନ୍ଦବାଲିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି। ବୁଧବାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏଥିପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଓ ବରଗଡ଼ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

ମୌସୁମୀ ଟ୍ରଫ୍ ଏବେ ଦିଲ୍ଲୀର ଶ୍ରୀଗଙ୍ଗାନଗର, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ, ସତନା, ଡାଲଟନଗଞ୍ଜ, ଜାମସେଦପୁର, ଦୀଘା ଉପରେ ଥିବା ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ସେଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଲମ୍ବିଛି। ଧୀରେଧୀରେ ମୌସୁମୀ ଟ୍ରଫ୍ ହିମାଳୟ ଆଡ଼କୁ ଯିବାକୁ ଥିବାରୁ ୩୧ କିମ୍ବା ୧ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ଯଥେଷ୍ଟ ହ୍ରାସ ପାଇବାର ସମ୍ଭାବନା ରହିଛି। ଏମିତିକି, ଗୋଟିଏ ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ମୌସୁମୀ ବ୍ରେକ୍ ନେବାର ଆଶଙ୍କା କରାଯାଉଛି। ଏହା ପରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଲେ ହିଁ ମୌସୁମୀ ପୁଣିଥରେ ସକ୍ରିୟ ହେବ ଓ ମୌସୁମୀ ଟ୍ରଫ୍ ସ୍ୱାଭାବିକ ଅବସ୍ଥାକୁ ଫେରିବ।

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୯୬.୯ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୫୨୬.୪ ମିମିଠାରୁ ୧୩ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ଗୋଟିଏ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବା ବେଳେ ୮ ଜିଲ୍ଲାରେ ଅତିରିକ୍ତ, ୧୭ ଜିଲ୍ଲାରେ ସାଧାରଣ ଏବଂ ବାକି ୪ ଜିଲ୍ଲାରେ କମ୍ ବର୍ଷା ରେକର୍ଡ କରାଯାଇଛି। ସେହିପରି, ଗତ ୨୪ଘଣ୍ଟା ମଧ୍ୟରେ କଳାହାଣ୍ଡି ଥୁଆମୂଳ ରାମପୁରରେ ସର୍ବାଧିକ ୫୫.୦ ମିମି ବର୍ଷା ରେକର୍ଡ କରାଯାଇଛି।

# ଚାଲିଚାଲି ଆସି ମହାନଦୀକୁ ଡେଇଁପଡ଼ିଲେ

ସମ୍ବଲପୁର, ୨୯।୭ (ସମିସ): ମହାନଦୀ ଦ୍ୱିତୀୟ ସେତୁ ବୋଲାଉଥିବା ଚାଉଁରପୁର ବ୍ରିଜ୍‌ରେ ଆଜି ପୁଣିଜଣେବ୍ୟକ୍ତିଆତ୍ମହତ୍ୟାଉଦ୍ୟମକରିଛନ୍ତି। ବ୍ରିଜ୍



ଉପରେ ଠିଆ ହୋଇ ମହାନଦୀର କ୍ଷୀପ୍ରସ୍ରୋତକୁ ସେ ଡେଇଁ ପଡ଼ିଛନ୍ତି। ଖବର ଲେଖାହେବା ବେଳକୁ ତାଙ୍କ ପରିଚୟ ମିଳି ପାରିନାହିଁ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଆଜି ଅପରାହ୍ଣ ପ୍ରାୟ ୨ଟାରୁ ସାଢ଼େ ୨ଟା ମଧ୍ୟରେ ଜଣେ ୫୦ରୁ ୬୦ବର୍ଷୀୟ ବ୍ୟକ୍ତି ଚାଉଁରପୁର ପାର୍ଶ୍ୱରୁ ସମ୍ବଲପୁର ପଟକୁ ଚାଲିଚାଲି ଆସୁଥିଲେ। କିଛି ସମୟ ବ୍ୟବଧାନ ଭିତରେ ସେ ବ୍ରିଜ୍ ବାଡ଼ାକୁ ଚଢ଼ି ମହାନଦୀ ସ୍ରୋତକୁ ଡେଇଁ ପଡ଼ିଥିଲେ। ପ୍ରତ୍ୟକ୍ଷଦର୍ଶୀ ଗାଡ଼ିରେ ପଛକୁ ଫେରି ଦେଖିବା ବେଳେ ସେ ବହୁ ଦୂର ଭାସି ଯାଇଥିଲେ। ସଙ୍ଗେସଙ୍ଗେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେପଟେ ଅଗ୍ନିଶମ ବାହୀନି ମଧ୍ୟ ଖୋଜାଖୋଜି ଜାରି ରଖିଥିଲା। ଏବେ ହୀରାକୁଦର ୧୮ଟି ଗେଟ୍ ଖୋଲା ରହିଛି। ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ମହାନଦୀର କ୍ଷୀପ୍ର ସ୍ରୋତରେ ଖୋଜିବା ପ୍ରାୟ ସମ୍ଭବପର ହୋଇନାହିଁ। ତଥାପି ଅପରାହ୍ଣ ୩ଟାରୁ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା। ସନ୍ଧ୍ୟା ହୋଇଯିବାରୁ ସାଢ଼େ ୬ଟା ବେଳକୁ ଅପରେସନ ସ୍ଥଗିତ କରାଯାଇଥିଲା। ଆସନ୍ତାକାଲି ପୁଣି ସକାଳୁ ଖୋଜା ଯିବା ବୋଲି ଅଗ୍ନିଶମ ଅଧିକାରୀ ସୁଦାମ କିଶୋକ କହିଛନ୍ତି।

ପ୍ରକାଶଥାଉକି ଏହି ସେତୁରେ ଆତ୍ମହତ୍ୟା କରିବା କୌଣସି ନୂଆ କଥା ନୁହେ। ଗତ ମାର୍ଚ୍ଚ ୧୦ ତାରିଖରେ ଜଣେ ମହିଳା ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ତଳେ ପାଣି ନଥିବାରୁ ପଥରରେ ମାଡ଼ ହୋଇ ତାଙ୍କ ଜୀବନ ଚାଲି ଯାଇଥିଲା।

# ଦୁଇ ଦିନରେ ଦୁଇଥର 'ପ୍ରଳୟ'ର ସଫଳ ପରୀକ୍ଷଣ

ବାଲେଶ୍ୱର, ୨୯।୭(ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ସର୍ଟରେଞ୍ଜ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ପରୀକ୍ଷଣ କ୍ରମାଗତ ଭାବେ ଦୁଇଦିନ ଧରି ଦୁଇଥର ସଫଳ ହୋଇଛି। ବ୍ୟାବହାରିକ ମୂଲ୍ୟାଙ୍କନର ଅଂଶବିଶେଷ କ୍ଷେପଣାସ୍ତ୍ରର ସର୍ବୋଚ୍ଚ ଓ ସର୍ବନିମ୍ନ କ୍ଷମତା ପ୍ରମାଣିତ କରିବା ଲକ୍ଷ୍ୟରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଏହି ପରୀକ୍ଷଣ କରାଯାଇଛି। ଏହି ଅବସରରେ 'ପ୍ରଳୟ' କ୍ଷେପଣାସ୍ତ୍ର ଅତ୍ୟନ୍ତ ସଠିକ୍ ଢଙ୍ଗରେ ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ନିର୍ଭୁଲ ଭାବେ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ନେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

ଧାମରା ନିକଟ ଅବଦୁଲ କାଲାମ ଦ୍ୱୀପସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଲଞ୍ଚ କମ୍ପ୍ଲେକ୍ସରୁ ଏକ ମୋବାଇଲ ଲଞ୍ଚର୍ ବା କ୍ୟାନିଷ୍ଟର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି ନୂତନ କ୍ଷେପଣାସ୍ତ୍ର ପ୍ରଥମେ ସୋମବାର ପୂର୍ବାହ୍ଣ ପ୍ରାୟ ୯.୩୫ରେ ଉତ୍କ୍ଷେପଣ ହୋଇଥିଲା। ସେହିପରି କ୍ରମାଗତ ଭାବେ ଆଜି ମଙ୍ଗଳବାର ପୂର୍ବାହ୍ଣ ପ୍ରାୟ ସାଢ଼େ ୯ଟାରେ ଦ୍ୱିତୀୟଥର ପାଇଁ ଉତ୍କ୍ଷେପଣ କରାଯାଇଥିଲା। ଏହି

- ଚୀନ୍ ଓ ପାକିସ୍ତାନ ସୀମାରେ ମୁତୟନ ହେବ
- ୫ଶହରୁ ୧ହଜାର କେଜି ଯୁଦ୍ଧାସ୍ତ୍ର ବହନ କରିପାରିବ
- ୩୫୦ରୁ ୫୦୦ କି.ମି ପର୍ଯ୍ୟନ୍ତ ଟାର୍ଗେଟ୍ ଲକ୍ଷ୍ୟଭେଦୀ

ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର୍ ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣରୁ ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଣ୍ଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫ ଶହରୁ ଏକ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କରି ଏହା ୩୫୦ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ସଠିକ ଭାବେ ଲକ୍ଷ୍ୟଭେଦ କରିପାରିବ।



ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଏହି କ୍ଷେପଣାସ୍ତ୍ରକୁ ଚୀନ ସୀମାର ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ଓ ପାକିସ୍ତାନ ସୀମାର ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲଓସି) ଅଞ୍ଚଳରେ ମୁତୟନ କରାଯିବ ବୋଲି ପ୍ରତିରକ୍ଷା ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି। ଚୀନର ଡାଙ୍ଗଫେଙ୍ଗ ୧୨ ଓ ରୁଷର ଇସ୍କନ୍ଦର ଭଳି ଏହି କ୍ଷେପଣାସ୍ତ୍ର ଶକ୍ତିଶାଳୀ। ୟୁକ୍ରେନ୍ ସହ ଯୁଦ୍ଧରେ ରୁଷ ଇସ୍କନ୍ଦର କ୍ଷେପଣାସ୍ତ୍ରର ବହୁଳ ବ୍ୟବହାର କରିଛି। ପାକିସ୍ତାନ ନିକଟରେ ମଧ୍ୟ ପ୍ରଳୟ ଭଳି ଟେକ୍ଟିକାଲ ମିସାଇଲ ରହିଛି। ପ୍ରଳୟ କ୍ଷେପଣାସ୍ତ୍ର ସଠିକତା ଓ ଗତି ହିସାବରେ ସର୍ବାଧିକ ଘାତକ ସାବ୍ୟସ୍ତ ହେବ ବୋଲି କୁହାଯାଇଛି।

୨୦୨୨ ଡିସେମ୍ବରରେ ୨୪ ଘଣ୍ଟା ମଧ୍ୟରେ ଏହି କ୍ଷେପଣାସ୍ତ୍ରର ଦୁଇ ଥର ସଫଳ ପରୀକ୍ଷଣ ହୋଇଥିବା ବେଳେ ୨୦୨୩ମସିହା ନଭେମ୍ବର ୭ ତାରିଖରେ ମଧ୍ୟ ପ୍ରଳୟର ସଫଳ ପରୀକ୍ଷଣ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଳୟର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ ଏବଂ ସହଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ବିଭାଗ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମତ ବୈଜ୍ଞାନିକଙ୍କ ସମେତ ସଫଳ ପରୀକ୍ଷଣରେ ଜଡିତ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଥମ ପର୍ଯ୍ୟାୟ ବ୍ୟାବହାରିକ ପରୀକ୍ଷଣର ସଫଳତା ନିକଟ ଭବିଷ୍ୟତରେ ପ୍ରଳୟ କ୍ଷେପଣାସ୍ତ୍ରକୁ ସେନାବାହିନୀରେ ସାମିଲ ପାଇଁ ପଥ ପ୍ରଶସ୍ତ କରିଛି ବୋଲି କହିଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

ବଡ଼ବିଲ,୨୯।୭(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ କାରାଖେଣ୍ଡରା ଗ୍ରାମରେ ବଣୁଆ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ସୋମବାର ରାତି ପ୍ରାୟ ୧୦ଟାରେ ଦୁଇଟି ହାତୀ ଗ୍ରାମ ଭିତରେ ପଶିଥିଲେ। ମୃତକ ଲୁଣ୍ଡୁ ମୁଣ୍ଡାଙ୍କ ବାଡ଼ିରେ ଲାଗିଥିବା କଦଳୀ ଗଛକୁ ଖାଉଥିବା ବେଳେ ଲୁଣ୍ଡୁ ଏବଂ କିଛି ଗ୍ରାମବାସୀ ସେମାନଙ୍କୁ ଘଉଡ଼ାଇବା ବେଳେ ଅସାବଧାନତା କାରଣରୁ ଲୁଣ୍ଡୁ ତଳେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ବନବିଭାଗ ଅଧିକାରୀ ମୃତଦେହକୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠେଇବା ସହ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ଭୁବନେଶ୍ୱର ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ

- ବ୍ୟାଙ୍କକରୁ ଭୁବନେଶ୍ୱର ଆଣୁଥିଲେ ୩ ଯୁବକ
- ୩ଟି ବ୍ୟାଗରେ ଭର୍ତ୍ତି କରି ମାରିଜୁଆନା ଆଣୁଥିଲେ
- ପୂର୍ବରୁ ବିମାନବନ୍ଦରରୁ ୩ଥର ଧରାପଡ଼ିଥିଲା ମାରିଜୁଆନା

ଭୁବନେଶ୍ୱର, ୨୯।୭(ସମିସ): ରାଜ୍ୟରେ ବଢୁଛି ବିଦେଶୀ ନିଶା ମାରିଜୁଆନା(ବିଦେଶୀ ଗଞ୍ଜେଇ) ର ଚାହିଦା। ବାରମ୍ବାର ବିମାନବନ୍ଦରରୁ ଜବତ ହେବା ତାହା ଦର୍ଶାଉଛି। ଆଜି ପୁଣି ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହୋଇଛି। ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ କଷ୍ଟମସ ବିଭାଗ ମାରିଜୁଆନା ଜବତ କରିଛି। ମାରିଜୁଆନା ଚାଲାଣ କରୁଥିବା ୩ଜଣ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ତିନି ଅଟକ ଅଭିଯୁକ୍ତ ହେଲେ ମହମ୍ମଦ ଜାମ୍, ମୋହିତ ଓ ବାମତି। ଏମାନେ ସମସ୍ତେ ଉତ୍ତରପ୍ରଦେଶ ଫତେପୁର ସିକ୍ରି ଅଞ୍ଚଳର ବୋଲି ଜଣାପଡ଼ିଛି। ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ବୋଲି କୁହଯାଉଛି। ୬ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡ୍‌ର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମସ ବିଭାଗ।



୩ଜଣ ଅଭିଯୁକ୍ତ ନିୟମିତ ଭାବେ ବ୍ୟାଙ୍କକରୁ ଭୁବନେଶ୍ୱରକୁ ମାରିଜୁଆନା ଚାଲାଣ କରନ୍ତି। ପୂର୍ବରୁ ସେମାନେ ଚାଲାଣ କରିଥିବା କଷ୍ଟମ ବିଭାଗ ଆଗରେ କହିଛନ୍ତି। ତେଣୁ ସେମାନେ ବ୍ୟାଙ୍କକରୁ ୩ଟି ବ୍ୟାଗ୍‌ରେ ଭର୍ତ୍ତି କରି ମାରିଜୁଆନା ଆଣିଥିବା ଖବର କଷ୍ଟମ ବିଭାଗ ଆଗୁଆ ଖବର ପାଇଯାଇଥିଲା। ୩ଜଣ ଯାତ୍ରୀ ବିମାନରୁ ଓହ୍ଲାଇବା ପୂର୍ବରୁ କଷ୍ଟମ ବିଭାଗର ଅଧିକାରୀମାନେ ଜଗି ରହିଥିଲେ। ୩ଜଣ କର୍ମଚାରୀ ବିମାନରୁ ଓହ୍ଲାଇ ବାହାରକୁ ଆସୁଥିଲେ ଏହି ସମୟରେ ସେମାନଙ୍କୁ ଅଟକ ରଖି ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ବ୍ୟାଗ୍ ଯାଞ୍ଚ କରିବା ପରେ ୩୦ କିଲୋ ମାରିଜୁଆନା ମିଳିଥିଲା। ଏହାପରେ କଷ୍ଟମ ବିଭାଗ ୩ଜଣଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ମାରିଜୁଆନାର ବଜାର ମୂଲ୍ୟ କିଲୋପିଛା ୧ କୋଟି ହୋଇଥିବା ବେଳେ, ୩ଟି ବ୍ୟାଗ ଭର୍ତ୍ତି ଥିବା ୩୦ କିଲୋ ମାରିଜୁଆନା ମିଳିଥିବାରୁ ଏହାର ଦାମ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମ ବିଭାଗ। ଏହି ୩୦କୋଟିର ମାରିଜୁଆନା କୁଆଡେ ଯାଉଥିଲା। ଭୁବନେଶ୍ୱରର କିଏ ଏହି ୩ଜଣଙ୍କ ଠାରୁ ମାରିଜୁଆନା ନେଉଛନ୍ତି? ଏହି ରାକେଟ୍ ପଛର ମାଷ୍ଟରମାଇଣ୍ଡ କିଏ? ଅନ୍ୟ କେଉଁ ସବୁ ରାଜ୍ୟକୁ ଚାଲାଣ କରିଛନ୍ତି? ସେନେଇ ପଚରାଉଚରା କରୁଛି କଷ୍ଟମ ବିଭାଗ। ପୂର୍ବରୁ ମଧ୍ୟ ଭୁବନେଶ୍ୱରୀ ବିମାନ ବନ୍ଦରରୁ ୩ଥର ୧୦୦କୋଟିର ମାରିଜୁଆନା ଧରାପଡ଼ିଥିଲା। ବିଦେଶରୁ ଏଭଳି ବାରମ୍ବାର ମାରିଜୁଆନା ଭୁବନେଶ୍ୱର ଆସୁଥିବାରୁ ରାଜଧାନୀ ନିଶାରେ କବଳିତ ହୋଇଗଲାଣି ବୋଲି କୁହାଯାଉଛି।

# ଶିମିଳିପାଳକୁ ଆସିବ ଅଣ୍ଡିରା ବାଘ

ଭୁବନେଶ୍ୱର,୨୯।୭(ସମିସ): ଶିମିଳିପାଳକୁ ଜୀନତ ଓ ଯମୁନା ଆସିବା ପରେ ଆହୁରି ବାଘଙ୍କୁ ଆଣିବାକୁ ଯୋଜନା କରାଯାଇଛି। ଶିମିଳିପାଳକୁ ଦୁଇଟି ପୁରୁଷ ବାଘ ଏବଂ ଦୁଇଟି ବାଘୁଣୀ ଆଣିବା ନେଇ ଯୋଜନା ରହିଥିଲା। ଏଥିମଧ୍ୟରୁ ଦୁଇଟି ବାଘୁଣୀ ଆସିସାରିଥିବା ବେଳେ ଆସନ୍ତା ବର୍ଷା ଆରମ୍ଭରୁ ଗୋଟିଏ ଅଣ୍ଡିରା ବାଘ ଶିମିଳିପାଳକୁ ଆଣିବା ପାଇଁ ବନ ବିଭାଗ ଯୋଜନା କରୁଛି। ବାହାର ରାଜ୍ୟରୁ ଆସିଥିବା ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କର ବ୍ୟବହାର ଓ ପରିବେଶ ସହିତ ସେମାନେ କିପରି ଖାପ ଖୁଆଉଛନ୍ତି, ତାହାର ଅନୁଧ୍ୟାନ କରାଯାଉଛି। ଇତି ମଧ୍ୟରେ ଗୋଟିଏ ବର୍ଷ ବିତିଯାଇଥିବା ବେଳେ ପୁଣି ଶିମିଳିପାଳକୁ ନୂଆ ବାଘ ଆଣିବା ନେଇ ଯୋଜନା ରହିଛି ବୋଲି କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା। ଆସନ୍ତା ବର୍ଷ ମହାରାଷ୍ଟ୍ର, ମଧ୍ୟପ୍ରଦେଶ କିମ୍ବା ଉତ୍ତରାଖଣ୍ଡରୁ ଗୋଟିଏ ଅଣ୍ଡିରା ବାଘ ଅଣାଯିବା ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

**କଳାବାଘଙ୍କ ସଂଖ୍ୟାବୃଦ୍ଧିରେ ଲାଗିବ ରୋକ୍**

ବ୍ୟାଘ୍ର ଦିବସ ପାଳନ ଅବସରରେ ସେ କହିଛନ୍ତି ରାଜ୍ୟରେ ମାତ୍ର ଦୁଇଟି ଟାଇଗର ରିଜର୍ଭ ଶିମିଳିପାଳ ଓ ସାତକୋଶିଆ ରହିଛି। ବର୍ତ୍ତମାନ ସମୟରେ ଶିମିଳିପାଳରେ ବାଘ ରହିଛନ୍ତି। ଏଠାରେ ଉଭୟ ସାଧାରଣ ବାଘ ଓ କଳା ବାଘ ଅଛନ୍ତି। ଶିମିଳିପାଳରେ ବାଘଙ୍କ ସଂଖ୍ୟା ୩୦ ରହିଥିବା ବେଳେ ଅନେକ ଶାବକ ରହିଛନ୍ତି। ୨ ବର୍ଷ ହେଲା ପରେ ସେମାନଙ୍କୁ ଗଣନାରେ ସାମିଲ କରାଯିବ। ଅନ୍ୟପଟେ ସାତକୋଶିଆରେ ୫ ବର୍ଷ ପୂର୍ବରୁ ବାଘ ରହିଥିଲେ, ବର୍ତ୍ତମାନ ସେଠି ଆଉ ବାଘ ନାହାନ୍ତି। ନିକଟ ଅତୀତରେ ଏହାକୁ ନେଇ ଆଗକୁ ମଧ୍ୟ କୌଣସି ଯୋଜନା କରାଯାଇନାହିଁ। ମାତ୍ର ଡ଼େବ୍ରିଗଡ଼ରେ ଏକ ବ୍ୟାଘ୍ର ପ୍ରକଳ୍ପ କରିବା ନେଇ ଯୋଜନା କରାଯାଉଛି। ଏହାରି ମଧ୍ୟରେ କେନ୍ଦ୍ର ସରକାର ଟାଇଗର ରିଜର୍ଭ କରିବା ପାଇଁ ଚିଠି ମଧ୍ୟ କରିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଏକ ଟିମ ଗଠନ କରିଛନ୍ତି। ଏହି ଟିମ ଦେବ୍ରିଗଡ଼ ଯାଇ ସେଠାକାର ସମସ୍ତ ବ୍ୟବସ୍ଥା ଦେଖିବେ, ଏହି ପ୍ରକଳ୍ପ ପାଇଁ ପରିବେଶ କିପରି ରହିଛି ତାହା ସବୁ ପରିଲକ୍ଷିତ କରିବେ। ପରବର୍ତ୍ତୀ ସମୟରେ ପ୍ରକଳ୍ପର ଗତି ଆଗକୁ ଯିବ ବୋଲି ସେ କହିଛନ୍ତି।

ଅନ୍ୟପଟରେ ଶିମିଳିପାଳରେ କଳା ବାଘଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ଏକ ଚିନ୍ତାର କାରଣ। ଇନବିଡ଼ିଂ ଯୋଗୁଁ ଏହି ବାଘଙ୍କ ସଂଖ୍ୟା ବଢୁଛି। ଏଥିପାଇଁ ବାହାର ରାଜ୍ୟରୁ ବାଘ ଆଣିବା ପାଇଁ ବନ ବିଭାଗ ଯୋଜନା କରିଥିଲା। ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କୁ ଶିମିଳିପାଳରେ ଆଣି ଛଡ଼ାଯାଇଥିଲା। ପୁଣି ଅଣ୍ଡିରା ବାଘ ଆସିବା ପରେ ଶିମିଳିପାଳରେ ବାଘଙ୍କ ମଧ୍ୟରେ ଜାରି ରହିଥିବା ଇନବିଡ଼ିଂ ପ୍ରକ୍ରିୟା କମିବା ସହ କଳାବାଘଙ୍କ ସଂଖ୍ୟା ବୃଦ୍ଧିରେ ଅଙ୍କୁଶ ଲାଗିବ ବୋଲି ସେ କହିଛନ୍ତି ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା; ଛାତ୍ରୀ ଓ ନାରୀ ଅସୁରକ୍ଷିତ

### ଅଗଷ୍ଟ ୧ରୁ ୧୪ ଯାଏ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ

ଭୁବନେଶ୍ୱର,୨୯।୭(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର, ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦାବିରେ ଆସନ୍ତା ଅଗଷ୍ଟ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଆନ୍ଦୋଳନ କରିବ ବିଜୁ ଛାତ୍ର ଓ ଯୁବ ଜନତା ଦଳ। ଦଳ ଦୁଇ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀରଞ୍ଜନ ତ୍ରିପାଠୀ ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ।

ବ୍ୟୋମକେଶ କହିଛନ୍ତି ଯେ ଗତ ୧୩ ମାସ ବିଜେପି ଶାସନରେ, ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ନାରୀ ନିର୍ଯାତନା ଚରମ ସ୍ଥିତିରେ ପହଞ୍ଚିଛି। ବେଳାଭୂମି ଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ସବୁଠାରେ ଛାତ୍ରୀମାନେ ଅସୁରକ୍ଷିତ। ଛାତ୍ରୀ ନିବାସରେ ନାବାଳିକା ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି। ଏହି ସମୟରେ ରାଜ୍ୟ ବିଜେପି ସରକାର ନିଘୋଡ ନିଦରେ ଶୋଇଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା




- ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ଦେବେ ସ୍ମାରକପତ୍ର
- ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ରାଜ୍ୟର ଛାତ୍ରଛାତ୍ରୀ

ପୋଡି ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ସରକାରଙ୍କ ଉଦାସୀନତା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜରେ ଆନ୍ଦୋଳନ କରିଛି। ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ ସହିତ ତିନି ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୧ତାରିଖରୁ ୭ ତାରିଖ ଯାଏ ସାରା ରାଜ୍ୟର ଛାତ୍ରଛାତ୍ରୀ ଏ ସଂକ୍ରାନ୍ତରେ ପ୍ରତିବାଦ ଜାରି ରଖିବେ। ଛାତ୍ରଛାତ୍ରୀ ମାନେ ନିଜ ଥାନା ଓ ଏସପିଙ୍କୁ ଭେଟି ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୋଲିସଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିବେ। ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ବୋଲି ଶ୍ରୀ ରାୟ କହିଛନ୍ତି।

ସେହିପରି ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ ନିକଟରେ ଘଟି ଯାଇଥିବା ଘଟଣା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଲଜ୍ଜିତ ହୋଇଛି। ଓଡିଶା ସମେତ ଦେଶର ଛଅଟି ରାଜ୍ୟକୁ ନ ଯିବା ପାଇଁ ଆମେରିକା ନିଜ ନାଗରିକଙ୍କୁ ପରାମର୍ଶ ଦେଇଛି। ଓଡିଶା ପାଇଁ ଏହା ଲଜ୍ୟା ଓ ନିନ୍ଦା ଆଣିଛି। ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଲଜ୍ଜା ବୋଲି କହିବାସହ ବ୍ୟବସ୍ଥାଗତ ବିଫଳତାକୁ ସମାଲୋଚନା କରିଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିନାହିଁ। ତେଣୁ ରାଜ୍ୟରେ ଛାତ୍ରୀ ଓ ନାରୀ ମାନଙ୍କୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ସେ କହିଛନ୍ତି ।

## ଯାତ୍ରା କମିଟି ସୁରକ୍ଷା ମଞ୍ଚର ଜିଲ୍ଲାସ୍ତରୀୟ ବୈଠକ

# ବର୍ଦ୍ଧିତ ଦରକୁ ନେଇ ଉଦ୍‌ବେଗ

ରସୁଲପୁର, ୨୯।୭ (ସମିସ)

ଯାତ୍ରା ପାର୍ଟିମାନଙ୍କ ବର୍ଦ୍ଧିତ ଦର ଓ ଟିକଟ ମୂଲ୍ୟ ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଯାତ୍ରା କମିଟି ସଂଘ। ଢେଙ୍କାନାଳ, ଅନୁଗୁଳ, କଟକ ପରେ ଯାଜପୁର ଜିଲ୍ଲାର ଯାତ୍ରାକମିଟି ସଂଘ ଏହି ବର୍ଦ୍ଧିତ ଦରକୁ କମାଇବାକୁ ଦାବି କରିଛି।

ଦିନକୁ ଦିନ ଯାତ୍ରା ପାର୍ଟିମାନଙ୍କର ଦର ବଢ଼ିବା କାରଣରୁ କମିଟିମାନେ କ୍ଷତି ସହି ତଳିତଳାନ୍ତ ହେବା

- ଯାତ୍ରା ପାର୍ଟିମାନଙ୍କ ଦର ଓ ଟିକଟ ମୂଲ୍ୟ କମାଇବାକୁ ଦାବି
- ଅଶ୍ଳୀଳତା ଓ ଦ୍ୱିଅର୍ଥବୋଧକ ସଂଳାପକୁ ବନ୍ଦ ଦାବି

ସହିତ ଟିକଟ୍ ଦର ବଢ଼ିବାରୁ ଯାତ୍ରା ଦର୍ଶକ ମାନେ ଯାତ୍ରା ଦେଖି ପାରୁନାହାନ୍ତି। ଏ-ଗ୍ରେଡ୍ ପାର୍ଟିର ଦର ରାତି ପ୍ରତି ୩.୫ ଲକ୍ଷ ଟଙ୍କାରୁ ୪ ଲକ୍ଷ ହେଲାଣି। ଖର୍ଚ୍ଚକୁ ହିସାବକୁ ନେଲେ ଟିକଟ୍ ମୁଲ୍ୟ ୩୫୦ଟଙ୍କାରୁ ୪ଶହ ଟଙ୍କା ନ ହେଲେ ଖର୍ଚ୍ଚ ଉଠିବା ମୁସ୍କିଲ୍ ହେଉଛି ବୋଲି ଆଜି ହରିପୁର ଜଗନ୍ନାଥ ମଠ ପରିସରରେ




ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଯାତ୍ରା କମିଟି ସୁରକ୍ଷା ମଞ୍ଚରେ ଯୋଗଦେଇ କମିଟି ସଦସ୍ୟ ଏବଂ ରାଜ୍ୟସ୍ତରୀୟ ପଦାଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ଯାତ୍ରା କମିଟି ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ରଘୁନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାପତି ବୈକୁଣ୍ଠ ନାଥ ପାକଳ ଯାତ୍ରା କମିଟିମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନା କରିଥିଲେ। ଏଥିପାଇଁ ଜିଲ୍ଲାସ୍ତରରେ ଯାତ୍ରା କମିଟିମାନଙ୍କର ଏକ ସୁଦୃଢ ସଂଗଠନ କରିବାର ଆବଶ୍ୟକତା ରହିଛି ବୋଲି ସମସ୍ତ ସଦସ୍ୟ ମତବ୍ୟକ୍ତ କରିଥିଲେ। ଯାତ୍ରାରେ ଅଶ୍ଳୀଳତା ଓ ଦ୍ୱିଅର୍ଥବୋଧକ ସଂଳାପକୁ ବନ୍ଦ କରିବା ପାଇଁ ମଧ୍ୟ ଦାବି କରାଯାଇଥିଲା। ସର୍ବୋପରି ଯାତ୍ରାର ଭବିଷ୍ୟତ ଦୃଷ୍ଟିରୁ ଯାତ୍ରା ପାର୍ଟିମାନଙ୍କର ଭିଜିଟିଂ କମାଇବା ସହିତ ଯାତ୍ରା ଟିକେଟ୍ ମୁଲ୍ୟ କମ୍ କରିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା। ଏଥିପାଇଁ ଆଗାମୀ ଦିନରେ ଜିଲା କମିଟି ଗଠନ କରାଯାଇ ଯାତ୍ରା ପାର୍ଟିମାଲିକ ମାନଙ୍କ ସହିତ ବୈଠକ କରାଯିବାକୁ ନିଷ୍ପତି ଗ୍ରହଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ନୃସିଂହ ପ୍ରସାଦ ସୁନ୍ଦର ରାୟ, କୋଷାଧକ୍ଷ କୃଷ୍ଣଚନ୍ଦ୍ର ଜେନା, ରାଜ୍ୟ କମିଟି କାର୍ଯ୍ୟକାରୀ ସଦସ୍ୟ ମହେଶ୍ୱର ଦାସ, ସରୋଜ କୁମାର ସ୍ୱାଇଁ, ବାନାମ୍ବର ବାବୁ, ନରସିଂହପୁର ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ଆୟୋଜକ କମିଟିର ସଭାପତି ପିତାମ୍ବର ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅମୂଲ୍ୟ କୁମାର ମରାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲାରୁ ୬୦ରୁ ଅଧିକ ଯାତ୍ରା କମିଟିର ସଦସ୍ୟ ମାନେ ଯୋଗଦେଇଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ; ସ୍ୱାମୀ ଗିରଫ

କୟାଁଗୋଲା, ୨୯।୭ (ସମିସ): ପତ୍ନୀ ମୃତ୍ୟୁ ଅଭିଯୋଗରେ ଶେଷରେ ଗିରଫ ହେଲା ସ୍ୱାମୀ। ବେକରେ ଦଉଡ଼ି ଦେଇ ମହିଳା ଜଣକ ଆତ୍ମହତ୍ୟା କରିଛି ବୋଲି ଶାଶୂ ଘର ଲୋକଙ୍କ ମନଗଢା କଥାକୁ ପୁଲିସ ସହଜରେ ଗ୍ରହଣ କରିପାରିନି। ଫୋରେନ୍‌ସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଥାନାରେ ଅଟକ ସ୍ୱାମୀକୁ ପୁଲିସ୍ ଅଦାଲତ ଚାଲାଣ କରି ତଦନ୍ତ ଚଳାଇଛି। ମୃତ ମହିଳାଙ୍କ ଭାଇ ମଙ୍ଗଳପୁର ଥାନାରେ କରିଥିବା ଅଭିଯୋଗ ଅନୁସାରେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଟାଙ୍ଗିଆପାଳର ଉର୍ବଶୀ ଜେନା (୩୦) ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ସହିମାଡ଼ ଗ୍ରାମର ବ୍ରିଜେଶ ସାମଲ (୩୩) ଙ୍କୁ ୨୦୨୨ ମସିହାରେ ବିବାହ କରିଥିଲେ। ବିବାହ ପରଠାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିରହିଥିଲା। ଗତ ୨୭ ତାରିଖ ଦିନ ଉର୍ବଶୀ ଫାଶି ଦେଇଥିବା କଥା ପ୍ରଘଟ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପାରିପାର୍ଶ୍ୱିକ ଅବସ୍ଥା ଆତ୍ମହତ୍ୟାକୁ ସୂଚାଉ ନଥିଲା। ଫାଶି ଲଗାଇବାର କୌଣସି ଚିହ୍ନବର୍ଣ୍ଣ ନଥିଲା। ଏଣୁ ହତ୍ୟା ସନ୍ଦେହ କରି ବାପ ଘର ଲୋକେ ମଙ୍ଗଳପୁର ଥାନାରେ ଅଭିଯୋଗ କରିବା ପରେ ସ୍ୱାମୀକୁ ପୋଲିସ ଅଟକ ରଖି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଥିଲା। ସାଇଣ୍ଟିଫିକ ତଦନ୍ତ ପରେ ଆଜି ପୁଲିସ ସ୍ୱାମୀ ବ୍ରିଜେଶକୁ ଅଦାଲତ ଚାଲାଣ କରିଛି।

## ନାଗେଶ୍ୱରଙ୍କ ଘରୁ ନାଗ ଉଦ୍ଧାର



ସୁକିନ୍ଦା, ୨୯।୭ (ସମିସ): ମଙ୍ଗଳବାର ପବିତ୍ର ଜାଗ୍ରତ ଗୌରୀ ପଞ୍ଚମୀରେ ସୁକିନ୍ଦାର ନାଗେଶ୍ୱରଙ୍କ ଘରୁ ନାଗସାପ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତର ପାତ୍ରମରା ଗ୍ରାମ ନାଗେଶ୍ୱର ମହାନ୍ତଙ୍କ ଘରୁ ୬ଫୁଟ୍ ଲମ୍ବର ଏକ ନାଗସାପ ଉଦ୍ଧାର ହୋଇଛି। ନାଗେଶ୍ୱରଙ୍କ ଘର ପାଖରେ ଥିବା ଏକ କୁକୁଡ଼ା ଭାଡ଼ିରେ ନାଗ ସାପ ପଶି ଏକ କୁକୁଡ଼ାକୁ ମାରିବା ସହି ଏକ ମୂଷାକୁ ଗିଳି ଘରେ ଫସି ରହିଥିଲା। କୁକୁଡ଼ାଙ୍କ ଚିତ୍କାର ଶୁଣି ପରିବାର ଲୋକେ କୁକୁଡ଼ା ଭାଡ଼ି ଦେଖିବା ସମୟରେ ବିରାଟ ନାଗସାପ ଦେଖି ଭୟବିତ ହୋଇ ପ୍ରଶିକ୍ଷିତ ସାପ ଧରାଳି ସୁକିନ୍ଦାର ସୌମ୍ୟଜିତ୍ ବେହୁରା (ଜଗା) ସହିତ ଯୋଗାଯୋଗ କରିଥିଲେ। ସୂଚନା ପାଇ ଜଗା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସତର୍କତା ଅବଲମ୍ବନ କରି ବିଷଧର ନାଗ ସାପକୁ ଉଦ୍ଧାର କରି ସୁରକ୍ଷିତ ଭାବେ ପାଖ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡ଼ିଛି। ସୁକିନ୍ଦା ତଥା ଆଖପାଖ ଅଞ୍ଚଳରେ ଜଗା ଅନେକ ବଡ଼ବଡ଼ ବିଷଧର ସାପ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡ଼ିବା ସହ ଅନେକ ଜନସାଧାରଣ ଓ ଜୀବଜନ୍ତୁଙ୍କ ମୂଲ୍ୟବାନ ଜୀବନ ବଞ୍ଚାଇପାରିଛି। ଜଗାର ଏହି ସାହସିକତା ପାଇଁ ଜଗା ବେଶ୍ ଜଣାଶୁଣା।

## ଗଭୀର କୁଅ ମଧ୍ୟରୁ ଗାଈ ଉଦ୍ଧାର



ସୁକିନ୍ଦା, ୨୯।୭ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ବେଠିଆହତା ଗ୍ରାମର ଏକ ଗଭୀର କୁଅରେ ପଡ଼ି ଗୁରୁତର ଆହତ ହୋଇଥିବା ଏକ ଗାଈକୁ ସୁକିନ୍ଦା ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଉଛି। ସୂଚନା ମୁତାବକ ବେଠୀଆହତା ଗ୍ରାମର ବାପି ମହାନ୍ତଙ୍କ କୁଅରେ ଏକ ଗାଈ ପଡ଼ି ଚିତ୍କାର କରୁଥିଲା। ଗାଈ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଗାଈକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ସୁକିନ୍ଦା ଅଗ୍ନିଶ୍ରମ ବିଭାଗକୁ ସୂଚନା ଦେଇଥିଲେ ଅଗ୍ନିଶ୍ରମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବେ ଗାଈକୁ ଉଦ୍ଧାର କରିଥିଲେ।

## ବରିଷ୍ଠ ନାଗରିକ ସଂଘ ମିଳିତ ମଞ୍ଚ ନିର୍ବାଚନ

ଯାଜପୁର, ୨୯।୭ (ସମିସ): ଯାଜପୁର ଜିଲ୍ଲା ବରିଷ୍ଠ ନାଗରିକ ମିଳିତ ମଞ୍ଚର ସାଧାରଣ ବୈଠକ ଗୟାଧର ପଣ୍ଡାଙ୍କ ସଭାପତିତ୍ୱରେ ଜିଲ୍ଲା ବରିଷ୍ଠ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଗଲା। ମିଳିତ ମଞ୍ଚର ଉପଦେଷ୍ଟା ସମର ବିଜୟ ସରଣ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ଅନ୍ନପୂର୍ଣ୍ଣା ବରିଷ୍ଠ ନାଗରିକ ସଂଘର ସଭାପତି ଦିନବନ୍ଧୁ ବିଶ୍ୱାଳ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ଆସନ୍ତା ତିନିବର୍ଷ ନିମନ୍ତେ ନିର୍ବାଚନ କରାଯାଇଥିଲା। ଗୟାଧର ପଣ୍ଡା ସଭାପତି, ଗଦାଧର ରାଉତ ଉପସଭାପତି, ପ୍ରବୋଧ କୁମାର ନାୟକ ସମ୍ପାଦକ, ନୃସିଂହ ଚରଣ ଦଳାଇ ସହ ସମ୍ପାଦକ, ଶେଷଦେବ ନାୟକ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଉକ୍ତ ନିର୍ବାଚନ ସଭାରେ ସୁକାନ୍ତ ନାୟକ, ନିରଞ୍ଜନ ପାତ୍ର, ଧନଞ୍ଜୟ କେଶରୀ ରାଉତରାୟ, ଡ. କୁଳମଣୀ ତ୍ରିପାଠୀ, ଚନ୍ଦ୍ରମଣୀ ସାମଲ, ଚକ୍ରଧର ସାହୁ, ଦିନବନ୍ଧୁ ବିଶ୍ୱାଳ, କଳାକାର ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, କରୁଣାକର ବରାଳ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ଥିଲେ। ମାର୍ଗଦର୍ଶକ ଭାବେ ଡ. ବିଜୟକିଶୋର ସାମଲ, କ୍ୟାପେଟନ୍ ତ୍ରିଲୋଚନ ବିଶ୍ୱାଳ, ଆନନ୍ଦ ଚନ୍ଦ୍ର ସାହୁ, ସମର ବିଜୟ ସରଣ ଓ ହେମନ୍ତ କୁମାର ସାମଲଙ୍କୁ ମନୋନୀତ କରାଯାଇଥିଲା। ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ନୂତନ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ସଂଘ ବିଷୟରେ ଆଲୋଚନା କରିଥିଲେ। ନିର୍ବାଚନ କାର୍ଯ୍ୟକୁ ପୂର୍ବତନ ସହ ସମ୍ପାଦକ ବୃନ୍ଦବାନ ମିଶ୍ର ପରିଚାଳନା କରିଥିଲେ।

## ପୂର୍ବ ଶତ୍ରୁତାରୁ ଘରେ ନିଆଁ ଲଗାଇ ହତ୍ୟା ଉଦ୍ୟମ



କୟାଁଗୋଲା, ୨୯।୭ (ସମିସ): ପୂର୍ବ ଶତ୍ରୁତାକୁ ନେଇ ଘରେ ନିଆଁ ଲଗାଇ ପରିବାର ଲୋକଙ୍କୁ ମାରି ଦେବାକୁ ହୋଇଥିବା ଘୃଣ୍ୟ ଉଦ୍ୟମ ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ତଥା ମଙ୍ଗଳପୁର ଥାନା ଚଷାଖଣ୍ଡ ଗ୍ରାମରେ। ଘଟଣାକୁ ନେଇ ମଙ୍ଗଳପୁର ଥାନାରେ ପୀଡ଼ିତ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଭିତ୍ତିରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

ଅଭିଯୋଗ ଅନୁଯାୟୀ ଜମିଜମା ମାମଲାକୁ ନେଇ ଚାଷଖଣ୍ଡ ଗ୍ରାମର ଅମୂଲ୍ୟ ମଲ୍ଲିକ ଏବଂ ସ୍ୱର୍ଗତ ଗୋବିନ୍ଦ ମଲ୍ଲିକଙ୍କ ପୁଅ ବ୍ରହ୍ମାନନ୍ଦ ମଲ୍ଲିକ, ପରମେଶ୍ୱର ମଲ୍ଲିକ, ପରମାନନ୍ଦ ମଲ୍ଲିକଙ୍କ ମଧ୍ୟରେ ଦୀର୍ଘ ଦିନ ହେବା ବିବାଦ ରହିଥିଲା। ଯାହାକୁ ନେଇ ବିଭିନ୍ନ ସମୟରେ ଉଭୟ ପରିବାର ମଧ୍ୟରେ ସଂଗଠିତ କଳିଝଗଡ଼ା ମାମଲା ଥାନା ପର୍ଯ୍ୟନ୍ତ ଯାଇଥିବା ନଜିର ରହିଛି। ଗତ ୨୮ ତାରିଖ ସକାଳେ ଅମୂଲ୍ୟ ଓ ତାଙ୍କ ପତ୍ନୀ ମାମି ମଲ୍ଲିକ ଘରେ ନଥିବା ବେଳେ କୌଣସି କାରଣ ନଥାଇ ତାଙ୍କ ନାବାଳିକା ଝିଅକୁ ବ୍ରହ୍ମାନନ୍ଦଙ୍କ ପତ୍ନୀ ରିଲି ମଲ୍ଲିକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘରକୁ ଫେରି ମାମି ଏ ସମ୍ପର୍କରେ ପଚାରିବାରୁ ଅପରପକ୍ଷ ପରିବାର ଲୋକେ ମିଳିମିଶି ମାମି ଓ ତାଙ୍କ ନାବାଳିକା ଝିଅକୁ ମାଡ଼ ମାରିଥିଲେ। ଘରେ ପୁରୁଷ ଲୋକ ନଥିବାରୁ ମାମି ନିଜ ଝିଅକୁ ନେଇ ଚୁପଚାପ ଘରେ ରହିଥିଲେ। ରାତିରେ ଖାଇସାରି ଶୋଇଥିବା ବେଳେ ଘର ଉପରୁ ତାତି ଜଣାପଡ଼ିବାରୁ ମାମି ପଦାକୁ ଆସି ତାଙ୍କ ଘର ନିଆଁରେ ଜଳୁଥିବା ଦେଖି ପରିବାରର ଅନ୍ୟ ଲୋକଙ୍କ ସମେତ ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ଖବର ପାଇ ଦଶରଥପୁରରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ମାମିଙ୍କ ୨ ବଖରା ଘର ସମେତ ଘରେ ଥିବା ୫ ବସ୍ତା ଧାନ, ୧ବସ୍ତା ଚାଉଳ, ଲୁଗାପଟା, ଘରକରଣା ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଆଜି ସକାଳେ ସ୍ଥାନୀୟ ରାଜସ୍ୱ ନିରୀକ୍ଷିକା ଅଗ୍ନିବିପନ୍ନ ପରିବାର ନିକଟରେ ପହଞ୍ଚି ଘରପୋଡ଼ିରେ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ଅମୂଲ୍ୟ ମଲ୍ଲିକଙ୍କ ପତ୍ନୀ ମାମି ମଲ୍ଲିକ ମଙ୍ଗଳପୁର ଥାନାରେ ପୂର୍ବ ଶତ୍ରୁତାକୁ ନେଇ ବିବାଦ ଥିବା ପରିବାର ଲୋକେ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## କଳିଙ୍ଗନଗର ଶିଳ୍ପାଞ୍ଚଳରେ ବେଆଇନ ପାର୍କିଂ କରିଥିବା ଗାଡ଼ି ସିଜ୍

ସୁକିନ୍ଦା, ୨୯।୭ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ରାସ୍ତା କୁହାଯାଉଥିବା ଡୁବୁରୀ ଚୋରଦା ରାସ୍ତାରେ ବେଆଇନ ପାର୍କିଂ କରିଥିବା ଗାଡ଼ି ଗୁଡ଼ିକୁ କଳିଙ୍ଗନଗର ପୁଲିସ ଜବତ କରି ଥାନା ପରିସରରେ ଅଟକ ରଖିଥିବା ଜଣାପଡ଼ିଛି। ଗତ ରବିବାର ଏହି ରାସ୍ତାରେ ଏକ ବସ୍ ଦୁର୍ଘଟଣା ଘଟି ସୁକିନ୍ଦା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ରାସ୍ତା କଡରେ ବଡ଼ ବଡ଼ ଟ୍ରକ୍ ଠିଆ ହୋଇ ରହିବା କାରଣରୁ ଟ୍ରାଫିକ ସମସ୍ୟା ଉପୁଜି ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଏହି ମୁଖ୍ୟ ରାସ୍ତା ବନ୍ଦ ରହିବା କାରଣରୁ ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଜମାହୋଇ ଟ୍ରାଫିକ ବ୍ୟବସ୍ଥା ଫେଲ ହୋଇଥିଲା। ଏହି ରାସ୍ତା କଡ଼ରେ ଓ ବିଆର୍‌ପିଏଲ ଛକରେ ବେଆଇନ ପାର୍କିଂ କରିଥିବା ଗାଡ଼ି ଗୁଡ଼ିକୁ ମଙ୍ଗଳବାର କଳିଙ୍ଗନଗର ପୁଲିସ ଜବତ କରିଛି। ସମ୍ପୃକ୍ତ ଗାଡ଼ି ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ସୂଚନା ଦେଇଛନ୍ତି।

## କଳାମାଟିଆରେ ଗହ୍ମାପୁନେଇଁ ପ୍ରତିଯୋଗିତା

ବରୀ, ୨୯।୭ (ସମିସ): ଅବିଭକ୍ତ କଟକ ଜିଲ୍ଲାର ସହିଦପୀଠ ଭାବେ ପରିଚିତ ବରୀ କଳାମାଟିଆରେ ଗହ୍ମା ପୁନେଇଁ ଦିନ ପାଳିତ ହୁଏ ଗୁଳିକାଣ୍ଡର ସ୍ମାରକପର୍ବ। ବ୍ରିଟିଶ ଫୌଜଙ୍କ ଗୁଳିରେ ୧୯୪୨ ଅଗଷ୍ଟ ୨୬ ଗହ୍ମାପୁନେଇଁ ଦିନ ବରୀ ଅଞ୍ଚଳର ଚାରି ଚାରି ଜଣ ସଂଗ୍ରାମୀ ଏଠାରେ ସହିଦ ହୋଇଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ପାଳନ ହେବାକୁ ଯାଉଥିବା ଅଞ୍ଚଳର ଏହି ଗଣପର୍ବ ପାଇଁ ଆଜି ଜିଲ୍ଲାସ୍ତରୀୟ ଏକ ପ୍ରତିଯୋଗିତା ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟର ପିଲାମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସହିଦ ବାଳିକା ଉଚ୍ଚବିଦ୍ୟାଳୟ ଓ ସହିଦ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠ ପରିସରରେ ସହିଦ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବକ୍ତୃତା, କଣ୍ଠ ସଙ୍ଗୀତ, ପ୍ରବନ୍ଧଲିଖନ, ଚିତ୍ରାଙ୍କନ ଆଦି ବିଷୟକୁ ନେଇ ଶହେରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଠାରେ ଭାଗ ନେଇଥିଲେ। ବିଚାରକ ଭାବେ ଶିକ୍ଷାବିତ କୁଞ୍ଜବିହାରୀ ଦାଶ, ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ମଳୟ କୁମାର ଜେନା, ଅଧ୍ୟାପକ ଅଜୟ କୁମାର ରାଉତ, ଅକ୍ଷୟ ରାୟ, ମନୋଜ ଜେନା, ଅକ୍ଷୟ ଜେନା, ମୀନକେତନ ଜେନା, ସିନ୍ଧୁ ସ୍ୱାଇଁ, ମିସ୍ ସୁଚିସ୍ମିତା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କର ପ୍ରତିଭାକୁ ମୂଲ୍ୟାଙ୍କନ କରିଥିଲେ। କୃତୀ ପ୍ରତିଯୋଗୀମାନେ ଗହ୍ମା ପୁନେଇଁ ଦିନ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ପୁରସ୍କୃତ ହେବେ। ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଶୁକଦେବ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହିଦ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

■ ଗର୍ଭବତୀ ଓ ଶିଶୁଙ୍କ ଜୀବନ ସହ ଖେଳ

## ଛତୁଆ ଖାଦ୍ୟରେ ପୋକ ଅଭିଯୋଗ

ବଡଚଣା, ୨୯।୭ (ସମିସ): ବଡଚଣା ବ୍ଲକର ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଯୋଗାଣ ହେଉଥିବା ଖାଦ୍ୟରେ ନାନା ଦୁର୍ନିତୀ ହେଉଥିବା ଅଭିଯୋଗ ହୋଇଛି। ଖାଦ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ କୌଣସି ସମୟରେ କିଛି ବି ଅଘଟଣ ଘଟିବାର ଆଶଙ୍କା ଦେଖାଦେଇଛି। ଛତୁଆରେ ସାଲୁ ବାଲୁ ହେଉଛନ୍ତି ପୋକ। ବାଦାମ ଲଡୁରେ ମାଡିଗଲାଣି ଫିମ୍ପି ଓ ନାଙ୍ଗୁଡ଼ି ପୋକ। ଗର୍ଭବତୀ ମହିଳା ଓ ଶିଶୁଙ୍କ ଜୀବନ ସହ ଖେଳ ଖେଳୁଛି ସରକାର। ପୁଷ୍ଟିକର ଖାଦ୍ୟ ନାରେ ଦିଆଯାଉଛି ପୋକ ମିଶା ବିଷାକ୍ତ ଖାଦ୍ୟ। ସେପଟେ ଛତୁଆ ବଣ୍ଟନକାରୀ ୟୁନିଟ ଓ ଶିଶୁ ବିକାଶ



ପ୍ରକଳ୍ପ ଅଧିକାରିଣୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର ଛତୁଆ ବଣ୍ଟନ ହେଉଥିବା ଆଲୋଚନା ହେଉଛି। ସରକାର ଶିଶୁ ମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉନ୍ନତ ମାନର ଛତୁଆ ଓ ଲଡୁ ଯୋଗାଇ ଦେଇଛନ୍ତି। ଏସବୁ ଯୋଗାଇ ଦେବା ପାଇଁ ସଠିକ ମାନ ଦେଇ ପାରୁ ଥିବା ସଂସ୍ଥାମାନଙ୍କୁ ନିୟୋଜିତ ମଧ୍ୟ କରିଛନ୍ତି। ହେଲେ କିଛି ଯୋଗାଣ କାରୀ ସଂସ୍ଥା ସରକାରୀ ଅଧିକାରୀଙ୍କୁ ହାତବାରିସି କରି ପୋକ ସାଲୁ ବାଲୁ ଛତୁଆ ଓ ଲଡୁ ଯୋଗାଇ ଦେଉଛନ୍ତି। ସରକାରୀ ଅଧିକାରୀ ମାନ ତଦାରଖ କରିବା ତ ଦୂରର କଥା ପୋକ ସାଲୁ ବାଲୁ ଛତୁଆ ଓ ଲଡୁକୁ ଦେଖାଇବା ପରେ ବି ଚୁପ୍। ସୁଚନା ମୁତାବକ ବଡ଼ଚଣା ବ୍ଲକ ଅଣକା ଗ୍ରାମପଞ୍ଚାୟତ ରଘୁନାଥପୁର ଗ୍ରାମର ହିତାଧିକାରୀମାନଙ୍କୁ ଛତୁଆ ଓ ଲଡୁ ମିଳିଥିଲା। ମିଳିଥିବା ସମାଗ୍ରୀ ଗୁଡିକ ଅତ୍ୟନ୍ତ ନିମ୍ନ ମାନର ହେବା ସହ ଏଥିରେ ପୋକ ହୋଇଯାଇଥିବାର ଦେଖିବାକୁ ମିଳିଥିଲା ଏହି ପୋକରା ଛତୁଆ ଓ ଲଡୁର ଭିଡ଼ିଓ ଭାଇରାଲ୍ ହେବା ଫଳରେ କୌଣସି ପିତାମାତା ତାଙ୍କ ପିଲାଙ୍କୁ ଏହି ଖାଦ୍ୟ ଖାଇବାକୁ ଦେଇନଥିଲେ। ଏହି ଘଟଣା ସମ୍ପର୍କରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ଗ୍ରାମୀଣ) ବଡ଼ଚଣା, ସମାଜ ମଙ୍ଗଳ ଅଧିକାରୀ ଯାଜପୁରଙ୍କୁ ଜଣାଇବା ପରେ ମଧ୍ୟ ଫଳ ଶୂନ। ତେବେ ଦେଖିବାକୁ ବାକି ଏନେଇ କଣ କାର୍ଯ୍ୟାନୁଷ୍ଠାନ ନେଉଛି ପ୍ରଶାସନ। ତେବେ ଏ ନେଇ ବାରମ୍ବାର ବାଲିଚନ୍ଦ୍ରପୁର ସ୍ଥିତ ବଡ଼ଚଣା ଗ୍ରାମୀଣ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଚନ୍ଦନା ମିଶ୍ରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରତିକ୍ରିୟା ନ ଦେଇ ଚାଲି ଯାଇଥିଲେ।

## ଜିଲ୍ଲାପାଳଙ୍କୁ ଭେଟିଲା ଉତ୍କଳ ସାମ୍ବାଦିକ ସଂଘ

ଯାଜପୁର, ୨୯।୭ (ସମିସ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବୃତ୍ତିଗତ ସମସ୍ୟା ଓ କେତେକ ନାର୍ଯ୍ୟ ଦାବିନେଇ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାକୁ ୫ରୁ ୧୦ ଲକ୍ଷକୁ ବୃଦ୍ଧି ସହିତ



ସେଥିରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱର ସନ୍ତାନଙ୍କୁ ସାମିଲ, ବୃଦ୍ଧ ସାମ୍ବାଦିକମାନଙ୍କୁ ଦେଶର ଅନ୍ୟ ୧୮ଟି ରାଜ୍ୟପରି ମାସିକ ୧୫ ହଜାର ଟଙ୍କା ପେନ୍‌ସନ ପ୍ରଦାନ, ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଆଦି ଦାବିକୁ ନେଇ ଏହି ଦାବିପତ୍ର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ହରିହର ସ୍ୱାଇଁ, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ବରିଷ୍ଠ ସାମ୍ବାଦିକ ରଙ୍ଗବଲ୍ଲଭ ସାହୁ, ପ୍ରଦୀପ ଚାନ୍ଦ, ପବିତ୍ର ମହାନ୍ତି, ଜୟପ୍ରକାଶ ନାୟକ, ସତ୍ୟରଞ୍ଜନ ସାହୁ, କଳ୍ପତରୁ ପଣ୍ଡା, ସଞ୍ଜୟ କର, ଦିବ୍ୟକାନ୍ତ କର, କପିଳେନ୍ଦ୍ର ରାଉତ, ଅଶୋକ ଦାସ, ଶୁଭାଶିଷ ରାଉତ, ଶରତ ଚନ୍ଦ୍ର ଦାସ, ଯଜ୍ଞଦତ୍ତ ତ୍ରିପାଠୀ, ମନୋଜକୁମାର ନାୟକ, ପ୍ରକାଶ ସାହୁ, ବାଞ୍ଛାନିଧି ସାହୁ, ହିମାଂଶୁ ପାଢ଼ୀ, ଦେବାଶିଷ ସାହୁ, ସୁରେଶ କୁମାର କର, ଲିଙ୍ଗରାଜ ସାହୁ, ଅବିନାଶ ସ୍ୱାଇଁ, ପ୍ରଦୀପ ଜେନା, ଅଜୟ ବେହେରା, ଦର୍ଶନ ବେହେରା, ବିଦ୍ୟାଧର ବେହେରା, ଭରତ ନାୟକ, ସତ୍ୟବ୍ରତ ନାୟକ, ଅଜୟ କୁମାର ମିଶ୍ର, ଶୁଭାଶିଷ ଦାସ ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ପ୍ରତାପ କୁମାର ମଲ୍ଲିକ, ସୀତାଂଶୁ ଜେନା, ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ ନୂତନ ଜିଲ୍ଲାପାଳଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

## ମା’ ବାଳିଆ ଜାଗୁଳାଇଙ୍କ ପଞ୍ଚମୀ ଯାତ୍ରା

ବରୀ, ୨୯।୭ (ସମିସ)

ସାମ୍ୟବାଦୀର ଦେବୀ ମା’ ବାଳିଆ ଜାଗୁଳାଇଙ୍କ ପଞ୍ଚମୀ ଯାତ୍ରା ତଥା ମନ୍ଦିର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରୀ ବ୍ଲକ ଅନ୍ତର୍ଗତ ବାଲିଆନଗର ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜନ୍ମପୀଠର ମା’ ଜାଗୁଳାଇଙ୍କର ନବଦିନ ଯାତ୍ରା ଜାଗ୍ରତଗୌରୀ ପଞ୍ଚମୀରେ ସମାପ୍ତି ଘଟିବା ସହିତ ମା’ ତାଙ୍କ ମନ୍ଦିରକୁ ପ୍ରବେଶ କରିଛନ୍ତି। ଗତ ଏକାଦଶୀରୁ ମା’ ମନ୍ଦିର ଛାଡ଼ି ଗ୍ରାମ୍ୟ ଭ୍ରମଣରେ ଯାଇଥିଲେ।

ଶ୍ରାବଣ ଏକାଦଶୀ ଦିନ ମା’ ମନ୍ଦିର ଛାଡ଼ି ଗ୍ରାମ୍ୟ ଭ୍ରମଣ କରିବାକୁ ଯିବା ବେଳେ ପୂର୍ବରୁ ବାଲିଆ ଉଆସ ସନ୍ନିକଟରେ ଥିବା ସାହାଡ଼ା ଗଛ ନିକଟରେ ପିଠା, ଖିରି ଆଦି ହାତରେ ରାନ୍ଧି ମାଆଙ୍କୁ ସମର୍ପଣ



କରାଯାଇଥାଏ। ମାଆ ଶବର ସମ୍ପ୍ରଦାୟର ଠାକୁରାଣୀ ହୋଇଥିବାରୁ ସେଠାରେ ପୂର୍ବବତ୍ ମାଆଙ୍କୁ ଅଣ୍ଡା, ଖଜୁରି ତାଡି (ଜୋରି) ଇତ୍ୟଦି ମଧ୍ୟ ଚମାର ସେବକ ସମର୍ପଣ କରିଥାନ୍ତି। ତତପରେ ମାଆଙ୍କ ପିତ୍ରାଳୟ କୁହାଯାଉଥିବା ବାଲିଆ ଉଆସକୁ ନିଆଯାଏ। ସେଠାରେ ମା’ ଜଣେ କାଳେସୀ ରୂପରେ ଉଭା ହୋଇ ସଂସାରର ହାନିଲାଭ ବିଷୟରେ ସମାଜକୁ ସତର୍କ କରନ୍ତି। ବନ୍ୟା, ବାତ୍ୟା, ଧୋଇ ମରୁଡ଼ି ଆଦି ବିଷୟରେ ସତର୍କ ସୂଚନା ଦିଅନ୍ତି। କାଳେସୀ ମୁଁହରୁ ବାହାରିଥିବା କଥା କେବେ ବି ଅନ୍ୟଥା ହୋଇ ନଥାଏ ବୋଲି ବିଶ୍ୱାସ ରହିଛି।

ଆଜି ମା’ ଗ୍ରାମ୍ୟ ଭ୍ରମଣ ସାରି କାତ୍ୟାୟନୀ ଘାଟରେ ସ୍ନାନ କରି ସେଠାରେ ପୂଜାର୍ଚ୍ଚନା ହୋଇ ପୁନଶ୍ଚ କାଳେସୀ ଲାଗିଲା ପରେ ମନ୍ଦିର ଯାତ୍ରା କରିଥିଲେ। ଏଥିରେ ବରୀ, ବଡ଼ଚଣା, ଧର୍ମଶାଳା ଅଞ୍ଚଳରୁ ହଜାର ହଜାର ଭକ୍ତ ସାମିଲ ହୋଇ ମା’ଙ୍କ ଦିବ୍ୟଦୃଶ୍ୟକୁ ଦର୍ଶନ କରଥିଲେ। ମା’ଙ୍କ ମହାସ୍ନାନ ପରେ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଅନୁଜ ସୁରଥମନ୍ୟୁଙ୍କ ପରିବାର ପକ୍ଷରୁ ମା’ଙ୍କୁ ପ୍ରଥମ ଭୋଗ ଲାଗି କରାଯିବାର ପରମ୍ପରା ରହିଛି।

## ଧରମପୁର ଗାଁ ପାଇଁ ଅଭିଶାପ ବୈତରଣୀ

# ନଦୀରେ ପାଣି ଆସିଲେ ଦୁଃଖ ବଢ଼େ





**କର୍ଯାଁଗୋଲା, ୨୯।୭ (ସମିସ)**

ଦଶରଥପୁର ବ୍ଲକ କର୍ଯାଁ ପଞ୍ଚାୟତ ଧରମପୁର ଗାଁ। ବୈତରଣୀରେ ସାମାନ୍ୟ ବଢ଼ିପାଣି ଆସିଲେ ଏହି ଗାଁ ଦିନ ଦିନ ଧରି ଜଳବନ୍ଦୀ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥାଏ। ଗ୍ରାମବାସୀଙ୍କ ଜୀବନ ଜୀବିକା ଠପ୍ ହୋଇଯାଇଥାଏ। ପିଲାଙ୍କ ପାଠ ପଢ଼ା, ଚାଷବାସ ଓ ବେପାର ବଣିଜ ସହ ଗୋ ସମ୍ପଦଙ୍କକ ଜୀବନ ଦୁର୍ବିସହ ହୋଇପଡ଼େ। ଏନେଇ ପ୍ରଶାସନ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟ କରିନାହିଁ। ଦେଶ ସ୍ୱାଧୀନତା ୭୭ ବର୍ଷ ପରେ ମଧ ଗହିରାପାଳ ଓ ଧରମପୁର ୨ଗାଁର ୧ ହଜାରରୁ ଉର୍ଦ୍ଧ୍ୱ ଲୋକେ ସେମାନଙ୍କ ମୌଳିକ ସୁବିଧା ନ ପାଇବା ପ୍ରଶାସନ ତଥା ସ୍ଥାନୀୟ ରାଜନେତାଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧରମପୁରର ଦୁଇଟି ୱାର୍ଡ ନଂ. ୧୫ ଓ ୧୬ ଏବଂ ଗହିରପାଳ ୱାର୍ଡ ନଂ ୧୭କୁ ନେଇ ଗଠିତ। ଏହି ଗ୍ରାମରେ ମୁଖ୍ୟତଃ ଖଣ୍ଡାୟତ ଓ ଗୋପାଳ, ନିଆରୀ, ମଲ୍ଲିକ ସମ୍ପ୍ରଦାୟର ଅଧିକ ଲୋକମାନେ ବାସ କରନ୍ତି। ଏହି ୩ ୱାର୍ଡରେ ଉତ୍ତରସାହି, ମଲିକସାହି, ମାଝୀ ସାହି, ଦକ୍ଷିଣସାହି, ଢିଅସାହି ଧରମପୁର ସାହି ଭାବେ ପରିଚିତ। ଦୁଇ ଗ୍ରାମରେ ଗୋଟି ଲେଖା ଅଙ୍ଗନବାଡି କେନ୍ଦ୍ର ଅଛି। ଗୋଟିଏ ପ୍ରଥମରୁ ଅଷ୍ଟମ ଶ୍ରେଣୀ ବିଦ୍ୟାଳୟ ରହିଛି ଶ୍ରେଣୀ ଗୃହ ନଥିବାରୁ ପିଲାମାନେ ହଇରାଣ ହେଉଛନ୍ତି। ହାଇସ୍କୁଲ ନଥିବାରୁ ଛାତ୍ରଛାତ୍ରୀ ୧ କିଲୋମିଟର କର୍ଯାଁଗୋଲା ଛକ ଯିବାକୁ ପଡ଼ିଥାଏ। ଚାଷ ଉପରେ ଅଧିକ ଲୋକେ ନିର୍ଭର କରନ୍ତି। ବୈତରଣୀ ନଦୀରେ ସାମାନ୍ୟ ପାଣି ବଢ଼ିଲେ ଏହି ଗାଁ ଚାରି ପଟେ ଥିବା ପାଟ ସହ ଗାଁ ଗୁଡିକ ବୁଡ଼ି ଗମନାଗମନ ଠପ୍ ହୋଇଯାଏ। ବର୍ଷରେ ୨ଥର କି ୩ ଥର; ଏପରି ମୋଟ ୫ କି ୬ ଦିନ ଜଳବନ୍ଦୀ ହୋଇରହନ୍ତି। ପ୍ରଶାସନ କେବଳ କିଛି ଚୂଡ଼ା, ଗୁଡ଼ ଓ ଶୁଦ୍ରା ଖାଦ୍ୟ ଦେଇ ତାହାର କାମ ସାରିଦିଏ। ଯାଜପୁର ଜିଲ୍ଲା ଧରମପୁର ଗାଁ ପାଇଁ ବୈତରଣୀ ଅଭିଶାପ ପାଲଟିଥିବା ବେଳେ ଡାଲୁଅ ଧାନ ପାଇଁ ଏହା ଆଶୀର୍ବାଦ ପାଲଟି ଯାଉଛି। ଗାଁରେ ଶହ ଶହ ହେକ୍ଟର ଜମିରେ ବନ୍ୟାପାଣି ମାଡ଼ ଯିବା ଫଳରେ ଧାନ ଖରିଫ ଫସଲ ଉଜୁଡ଼ି ଯାଇଥିବା ବେଳେ ଡାଲୁଅ ଆମଦାନୀ ଆଶାଠାରୁ ଅଧିକ ପରିମାଣର ହେଉଛି। ବିରି ମଧ ଭଲ ଉତ୍ପାଦନ ହୋଇଥାଏ। ତେବେ ଷଣ୍ଢମାନଙ୍କ ଉତ୍ପାତ ଯୋଗୁଁ ବିରି ଚାଷ ଚାଷୀ କରୁନାହାନ୍ତି। ସାହି ରାସ୍ତା କିମ୍ବା ଧରମପୁର ବାସୀଙ୍କ ପାଇଁ ଆଡ଼ି ବନ୍ଧ ନିର୍ମାଣ କରାଗଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ ବୋଲି ଦାବି ହୋଇଛି।

---

### ପୁଅ-ବୋହୂଙ୍କୁ ନିର୍ଯାତନା ମାମଲା

## ମା'-ଝିଅଙ୍କୁ ପାଞ୍ଚ ବର୍ଷ କାରାଦଣ୍ଡାଦେଶ

**ବଡ଼ଚଣା, ୨୯।୭ (ସମିସ):** ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଏକ ଫୌଜଦାରୀ ମାମଲାର ବିଚାର କରି ଘଟଣାରେ ସମ୍ପୃକ୍ତ ଉଭୟ ମା' ଓ ଝିଅଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ବିବରଣୀରୁ ପ୍ରକାଶ ଗତ ୬ ନଭେମ୍ବର ୨୦୧୦ ମସିହାରେ କଟକ ଜିଲ୍ଲା ଜଗତପୁର ଥାନା ସାଲେପୁର ବ୍ଲକ ଚାହାପଡ଼ା ଗ୍ରାମର ଅଞ୍ଜନା ରାଉତଙ୍କୁ ତାଙ୍କ ଶାଶୂ ଘର ଲୋକେ ନାନା ନିର୍ଯାତନା ଦେଉଥିବା ବଡଚଣା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ସ୍ୱାମୀ ଲକ୍ଷ୍ମୀଧର ରାଉତ ବଡ଼ଚଣା ଥାନା ନୂଆଗାଁ ତାଙ୍କ ଶାଶୂ ଘରେ ପୁଅ ସହିତ ରହୁଥିଲେ। ସାବତ ମା' ବୁଲି ସ୍ୱାଇଁ ଓ ଭଉଣୀ କବିତା ସ୍ୱାଇଁ ପୂର୍ବ ରାଗ ରଖି ସ୍ୱାମୀ ଓ ତାଙ୍କୁ ୪ ବର୍ଷ ଧରି ମାନସିକ ନିର୍ଯାତନା ଦେଉଆସୁଥିଲେ ବୋଲି ଅଞ୍ଜନା ଅଭିଯୋଗ କରିଥିଲେ। ଭଦ୍ର ଲୋକଙ୍କ ଉପସ୍ଥିତିରେ ସ୍ୱାମୀଙ୍କୁ ଫେରେଇଦେବା ପାଇଁ ଯେତେ କାକୁତିମିନତି ହୋଇଥିଲେ ବି ସେମାନେ ତାଙ୍କୁ କବ୍‌ଜାରେ ରଖି ଛାଡୁ ନ ଥିଲେ। ପରେ ସ୍ୱାମୀ ଲକ୍ଷ୍ମୀଧର ରାଉତଙ୍କ ବିଷକ୍ରିୟାରେ ମୃତ୍ୟୁ ହୋଇଥିଲା। ଏଥିପାଇଁ ସାବତ ମା' ବୁଲି ସ୍ୱାଇଁ ଓ ଭଉଣୀ କବିତା ସ୍ୱାଇଁଙ୍କୁ ଦାୟୀ କରି ସେ ଥାନାରେ ଏତଲା ଦେଇଥିଲେ। ବଡ଼ଚଣା ପୁଲିସ୍ ୨୦୬/୧୦ରେ ଏକ ମାମଲା ପଞ୍ଜିକୃତ କରି ମାମଲାର ତଦନ୍ତ କରିଥିଲା। ଚଣ୍ଡିଖୋଲ କୋର୍ଟରେ ମାମଲା ନଂ. ୨୦୬/୨୦୧୨ରେ ଏହାର ବିଚାର ହୋଇ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଆଜି ଚଣ୍ଡିଖୋଲ କୋର୍ଟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ ଉଭୟ ବୁଲି ସ୍ୱାଇଁ ଓ କବିତା ସ୍ୱାଇଁଙ୍କୁ ଦୋଷୀ ସାବ୍ୟସ୍ତ କରି ଉଭୟଙ୍କୁ ୫ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୬ ମାସର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ଦେବରାଜ ବେହେରା ପରିଚାଳନା କରୁଥିଲେ।

---

### ହଇଜା ସମୟରେ କାର୍ଯ୍ୟରେ ଅବହେଳା

## ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ କାରଣ ଦର୍ଶାଅ ଚିଠି

**ଧର୍ମଶାଳା, ୨୯।୭ (ସମିସ):** ଧର୍ମଶାଳା ଅଞ୍ଚଳରେ କଲେରା ବ୍ୟାପିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବାରୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ଚିଠି ଜାରି କରାଯାଇଛି। ଧର୍ମଶାଳା ଅଞ୍ଚଳରେ କଲେରା ବ୍ୟାପିଥିବା ସମୟରେ ଜୁନ ୧୬ ତାରିଖରେ ଡାକ୍ତରଖାନାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଆଶ୍ୱତି ଏସ୍ ସ୍ଥିତି ପରଖିବାକୁ ଆସିଥିବା ବେଳେ ଏଠାରେ ଥିବା ଡକ୍ତରଖାନା ଅଧିକାରୀ ଡା. ସୁଧିର କୁମାର ସାହୁ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅନୁଭବ କରିଥିଲେ। ଏନେଇ ସେ ରାଜ୍ୟ ସ୍ୱାସ୍ଥ୍ୟବିଭାଗରେ ଅଭିଯୋଗ କରିବା ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଡା. ସାହୁଙ୍କ ବିରୋରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠି ସଂଖ୍ୟା ୨୧୭୨୧ରେ ନୋଟିସ୍ ଜାରି କରାଯାଇଛି। ଏକ ସପ୍ତାହ ମଧ୍ୟରେ ଡା. ସାହୁ ଏସମ୍ପର୍କରେ ସନ୍ତୋଷଜନକ ଉତ୍ତର ନ ରଖିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନା ଯୋଗ୍ୟ ଯେ ଗତ ଜୁନ ୧୮ ତାରିଖରେ ସମାନ ଘଟଣାରେ କାର୍ଯ୍ୟ ଅବହେଳା ଯୋଗୁଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ହେମନ୍ତ ମହାରଣାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଚିଠି ଜାରି ହେବା ପରେ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

---

## କଂଗ୍ରେସ ଅନୁଧ୍ୟାନକାରୀ ଦଳର ଧର୍ମଶାଳା ଗସ୍ତ

**ଧର୍ମଶାଳା, ୨୯।୭ (ସମିସ):** ପରିବେଶ ବିସ୍ଥାପନ ଓ ଜୀବିକା କମିଟିର ଅଧ୍ୟକ୍ଷ ତଥା କଂଗ୍ରେସ ନେତା ଅଶୋକ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧର୍ମଶାଳା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ଏଠାରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ଏହି ପ୍ରତିନିଧି ଦଳ ସ୍ଥାନୀୟ ହରିଦାସପୁର ଠାରେ ସ୍ଥାପିତ ରାମ୍‌କୋ ସିମେଣ୍ଟ କାରଖାନା ବୁଲି ଦେଖିବା ସହିତ ଏହି କାରଖାନା ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏଠାରେ କୁଶଳି ଓ ଅଣ କୁଶଳୀ କାରିଗରମାନେ ରହୁଥିବା ବେଳେ ସେମାନଙ୍କୁ ସ୍ଥାନୀୟ ସିମେଣ୍ଟ କାରଖାନାରେ ନିଯୁକ୍ତି ନଦେଇ ବାହାର ରାଜ୍ୟର କର୍ମଚାରୀମାନଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିବାରୁ କ୍ଷୋଭ ବ୍ୟକ୍ତ କରିଥିଲେ। ସେହିପରି ଏଠାରେ ଗଢ଼ି ଉଠିଥିବା ବେଆଇନ କ୍ରସର ଗୁଡିକ ବୁଲି ଦେଖିବା ସହିତ କ୍ରସର ଗୁଣ୍ଡରେ ଶହ ଶହ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବା ଅନୁଭବ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ସେହିପରି ଏଠାରେ ଚାଷ ଜମିକୁ ଜଳସେଚିତ କରିବା ଲାଗିଥିବା କେନାଲ ଗୁଡିକରେ ଏବେ ସୁଦ୍ଧା ପାଣି ନଆସିବା ନେଇ କ୍ଷୋଭ ପ୍ରକାଶ କରିବା ସହ ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ଏହି ଟିମ୍ ବହୁଚର୍ଚ୍ଚିତ କ୍ରସର ହତ୍ୟାକାଣ୍ଡରେ ମୃତ୍ୟୁବରଣ କରିଥିବା ଅର୍ଜିତ ଜେନାଙ୍କ ଘରକୁ ଯାଇ ତାଙ୍କ ବାପା ମା'ଙ୍କୁ ଭେଟି ସମବେଦନା ଜଣାଇବା ସହ ଏହି ଘଟଣରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ପରେ ଏମାନେ ଜାରକା କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ଘଟଣା ଉପରେ ଆଲୋଚନା କରିବା ସହ ଏହାର ସମାଧାନ କରିବାକୁ ଚଳିତ ବିଧାନ ସଭା ଗୃହରେ ଉତ୍ଥାପନ କରାଯିବ ବୋଲି କହିଥିଲେ। ଏହି ଅନୁଧ୍ୟାନକାରୀ ଦଳରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଆବାହକ ସୁଧାଂଶୁ ଶେଖର ଦେଓ, ଧର୍ମଶାଳାର କଂଗ୍ରେସ ନେତା କିଶାନ ପଣ୍ଡା, ଜିଲ୍ଲା କୃଷକ ସେଲ ସଭାପତି ବସନ୍ତ କୁମାର ପରିଡ଼ା, ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, ମାଗୁଣି ଜେନା, ସଞ୍ଜୟ କୁମାର ରାଉତ, ରାକେଶ ସାହୁ, କାର୍ତ୍ତିକ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

---

## ଗମନାଗମନ ସମସ୍ୟା ନ ସୁଧୁରିଲେ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି



### ଜିଲ୍ଲାପାଳଙ୍କୁ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର

**ଯାଜପୁର/ଦାନଗଦୀ, ୨୯।୭ (ସମିସ):** କଳିଙ୍ଗନଗରର ଶିଳ୍ପାଞ୍ଚଳରେ ଦିନକୁ ଦିନ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଦାନଗଦି ବ୍ଲକ ଅନ୍ତର୍ଗତ ମାନପୁରରେ ଥିବା ରେଲୱେ ଓଭର ବ୍ରିଜଟି ବିପଦ ସଙ୍କୁଳ ହୋଇପଡ଼ିଥିବା ବେଳେ ଅନ୍ୟ ଏକ ବ୍ରିଜ କାମ ଆରମ୍ଭ ହୋଇଥିଲେ ହେଁ ସରି ପାରୁନାହିଁ। ଫଳରେ ଅଧିକାଂଶ ସମୟ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ଡୁବୁରୀ ଦାନଗଦି ପୂର୍ତ୍ତ ବିଭାଗ ରାସ୍ତା ୬ ଥାକିଆ ହେବା ପାଇଁ ଜମି ଅଧିଗ୍ରହଣ କରାଯାଇଥିଲେ ମଧ କାମ ଆରମ୍ଭ ହୋଇ ପାରୁନାହିଁ। ଫଳରେ ଶିଳ୍ପାଞ୍ଚଳର ହଜାର ହଜାର ଗାଡ଼ି ମଟର ନାନା ସମସ୍ୟା ଭୋଗୁଥିବା ଅଭିଯୋଗ କରି ଆଜି ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମାନପୁର ଓଭରବ୍ରିଜର ମରାମତି ଓ ନବୀକରଣ କରିବା, ଅର୍ଦ୍ଧନିର୍ମିତ ଦ୍ୱତୀୟ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଓ ଏହାର ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଖୁରୁଣ୍ଟି-ଦାନଗଦି ଭାୟା ରାବଣା ଦେଇ ଭାରୀଯାନ ଚଳାଚଳ କରିବା ନେଇ ଯାଜପୁର ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ଯଦି ଆସନ୍ତା ୭ ଦିନ ଭିତରେ ଏନେଇ ବିହିତ ପଦକ୍ଷେପ ନିଆନଯାଏ ତା'ହେଲେ ବିଜେଡି ପକ୍ଷରୁ ରାଜରାସ୍ତା ଅବରୋଧ କରିବା ସହିତ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣି, ଜିଲ୍ଲାପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ସ୍ମୃତିରାଣୀ ରାଉତ, ଟିନା ହାଇବ୍ରୁ, ବ୍ଲକ ବିଜେଡି ସଭାପତି ସୁରେଶ ଦାଶ, ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ପ୍ରଦୀପ କୁମାର ମହାନ୍ତି, ଲୋକନାଥ ଧୀର, ଗୋପାଳ ଚନ୍ଦ୍ର ବାରିକ, ଜ୍ୟୋତିପ୍ରକାଶ ସାହୁ, ଖପୁରିଆପଦା ସରପଞ୍ଚ ମୋନାଲିସା ଧଳ, ସମିତି ସିମରନ ସାମଲ, ରାଣୀପଡ଼ା ସରପଞ୍ଚ ଗୀତାଞ୍ଜଳି ବେହେରା, ଓଲ୍ଲଳ ସରପଞ୍ଚ, ଚାନ୍ଦିଆ ସରପଞ୍ଚ ପାଣ୍ଡୁ ସିଂ ଖୁଣ୍ଟିଆ, ତ୍ରିଜଙ୍ଗା ସରପଞ୍ଚ କାଗଜି ପାତ୍ର, ସମିତି ସସ୍ମିତା ପାତ୍ର, ରଣାଗୁଣ୍ଡି ସରପଞ୍ଚ ତୁଷାରକାନ୍ତ ଜେନା ଓ ସମିତି ଲକ୍ଷ୍ମୀପ୍ରିୟା ବେହେରା, ସଲିମ ଖାଁ, ଏସ୍‌କେ ଜାହିଦ, ସୁବାସ ଧୀର ପ୍ରମୁଖ ଉପସ୍ଥିତ ଥିଲେ।

---

## ଜିଲ୍ଲାସ୍କୁଲ ପରିସରରେ ଆଇନ ସଚେତନତା ସଭା

**ଯାଜପୁର, ୨୯।୭ (ସମିସ):** ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା ସ୍କୁଲ ପରିସରରେ ଏକ ସଚେତନତା ସଭା ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ କିଶୋର ନ୍ୟାୟ ୨୦୧୫ ଶିଶୁଙ୍କ ପାଇଁ ଯତ୍ନ ଓ ସୁରକ୍ଷା ଏବଂ ଶିଶୁଙ୍କ ଦେୟ ମୁକ୍ତ ବାଧ୍ୟତାମୂଳକ ଶିକ୍ଷା ବିଷୟରେ ଅତିଥି ଆଲୋଚକ ଭାବେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି, ଶିଶୁ ମଙ୍ଗଳ କମିଟି ସଦସ୍ୟ ଜୟନ୍ତ ଗୋସ୍ୱାମୀ ଓ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାରସେନ୍ ସେନାପତି ପ୍ରମୁଖ ଯୋଗ ଦେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିଶୁଙ୍କ ଦେୟ ମୁକ୍ତ ବାଧ୍ୟତା ମୂଳକ ଶିକ୍ଷା ଶିର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




ଏଥିରେ ଏନ୍‌ଏସ୍ ଲିପାଲି ସୁପ୍ରଭାତି ଜେନା, ସନ୍ତୋଷୀ ନାୟକ ଓ ପ୍ରିୟାନସୀ ରାଉତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ହରିସାମନ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

---

## ଏଚ୍‌ଆଇଭି ଏଡ୍‌ସ କୁଇଜ୍ ପ୍ରତିଯୋଗିତା




**ଯାଜପୁର, ୨୯।୭ (ସମିସ):** ଜିଲ୍ଲାସ୍ତରୀୟ ଏଚ୍‌ଆଇଭି ଏଡ୍‌ସ କୁଇଜ୍ ପ୍ରତିଯୋଗିତା ପିଏମ୍‌ଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ ଠାରେ ଓସାକ୍ସ ଓ କନିଷ୍ଠ ରେଡ୍‌କ୍ରସ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୦ଟି ବ୍ଲକର ୨୦ଟି ରେଡରିବନ୍ ବିଦ୍ୟାଳୟରୁ ୧୮ ଜଣ ବାଳକବାଳିକା ଅଂଶଗ୍ରହଣ କରିଥିଲେ। ପିଏମ୍‌ଶ୍ରୀ ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିଶାରଣି ରାୟ ପ୍ରଥମ ସ୍ଥାନ ଓ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁର୍‌ର ଛାତ୍ରୀ ସୋନାକ୍ଷୀ ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସ ଅଧିକାରୀ ଡା. ବିଜୟ କୁମାର ମିଶ୍ର ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏଡ୍‌ସ ରୋଗର ପ୍ରତିକାର ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଏଡ୍‌ସ ନୋଡାଲ ଅଫିସର ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଭଦ୍ରକ କ୍ଲଷ୍ଟରର ଡିପିଏମ୍ ଦେବବ୍ରତ ମହାପାତ୍ର, ଯାଜପୁର ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ ସୁପର ଭାଇଜର ଅଶୋକ କୁମାର ନାୟକ, ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି, ଜୁନିୟର ରେଡ୍‌କ୍ରସ୍ ଅଫିସର ଶଙ୍କର୍ଷଣ ବେହେରା ଯୋଗଦେଇଥିଲେ। ଜିଲ୍ଲା ଏଡ୍‌ସ ସେଲର କର୍ମକର୍ତ୍ତା ମଧୁସୂଦନ ସାଥୁଆ ଓ ଦେବେନ୍ଦ୍ର ନାଥ ସ୍ୱାଇ, ସୁବାସ ଚନ୍ଦ୍ର ବାରିକ, ବିକାଶ ଚନ୍ଦ୍ର ସାହୁ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ ସମସ୍ତ କାର୍ଯକ୍ରମକୁ ପରିଚାଳନା କରିଥିଲେ।

---

## ଯାଜପୁର ରୋଡ୍ ଥାନାରେ ନୂଆ ଅଧିକାରୀ



**ବ୍ୟାସନଗର, ୨୯।୭ (ସମିସ):** ଯାଜପୁର ରୋଡ୍ ଆଦର୍ଶ ଥାନାରେ ନୂତନ ଅଧିକାରୀ ଭାବେ ଆଶିଷ କୁମାର ସାହୁ ଯୋଗ ଦେଇଛନ୍ତି। ଏଠାରେ ପୂର୍ବରୁ ଥିବା ଉପେନ୍ଦ୍ର ପ୍ରଧାନ ଡିଏସପି ଭାବେ ପଦୋନ୍ନତି ପାଇବା ସହିତ ନୂଆପଡ଼ା ଜିଲ୍ଲାକୁ ବଦଳି ହୋଇଛନ୍ତି। ଫଳରେ ଆଶିଷ କୁମାର ସାହୁ ଏହି ଥାନାର ୯ମ ଅଧିକାରୀ ଭାବେ ମଙ୍ଗଳବାର ଥାନାରେ ଗୃହ ପ୍ରବେଶ କରିବା ସହିତ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ଥାନାଧିକାରୀ ଆଶିଷ ସାହୁ ପୂର୍ବରୁ ଯଖପୁରା, କୁଆଖିଆ, ଯାଜପୁର ଏବଂ ଜେନାପୁର ଥାନାରେ ଅଧିକାରୀ ଭାବେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରିଛନ୍ତି। କଳିଙ୍ଗନଗର ଶିଳ୍ପ ନଗରୀର କିଛି ଅଞ୍ଚଳ ସମେତ ବ୍ୟାସନଗର ପୌରପରିଷଦ, ରସୁଲପୁର ବ୍ଲକର କିଛି ଅଞ୍ଚଳ ଏହି ଥାନା ଅଧୀନରେ ରହୁଥିବାରୁ ଏହି ସବୁ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ସର୍ବୋପରି ବ୍ୟାସନଗର ଅଞ୍ଚଳରେ ଟ୍ରାଫିକ ସମସ୍ୟା, ଚୋରି, ଛିନତାଇ ଆଦି ସମସ୍ୟା ସମାଧାନ ଉପରେ ତାଙ୍କର ଦୃଷ୍ଟିଭଙ୍ଗୀ ଭିନ୍ନ ଏବଂ ନ୍ୟାୟସଙ୍ଗତ ହେବା ନେଇ ସ୍ଥାନୀୟ ଜନସାଧାରଣ ଆଶା ପୋଷଣ କରିଛନ୍ତି।

## 'ଅପରେସନ୍ ସିନ୍ଦୂର୍' ଆଲୋଚନାଚକ୍ର

**ଯାଜପୁର, ୨୯।୭ (ସମିସ):** ଯାଜପୁର ଏନ୍‌ସି କଲେଜ ସମାଜଶାସ୍ତ୍ର ବିଭାଗ ପକ୍ଷରୁ 'ଅପରେସନ୍ ସିନ୍ଦୂର୍: ଅଣ୍ଡରଷ୍ଟାଣ୍ଡି ଦି ଷ୍ଟ୍ରାଟେଜିକ୍ ରେସପନ୍ସ ଟୁ ପ୍ରକ୍ସି ଟେରରିଜିମ୍' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ଭାରତୀୟ ବାୟୁସେନାରୁ ଅବସର ଗ୍ରହଣ କରିଥିବା ଫ୍ଲାଇଟ୍ ଲେଫ୍ଟେନାଣ୍ଟ ଦିଲ୍ଲୀପ୍ କୁମାର ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମାଜଶାସ୍ତ୍ର ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଫୁଲ୍ଲ କୁମାର ରଣା ଅତିଥି ପରିଚୟ କରାଇବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲେଜର ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରା ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏହି ଆଲୋଚନାଚକ୍ରରେ କଲେଜର ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଆଶିଷ ଜେନା, ପ୍ରାଧ୍ୟାପିକା ଦେବଶ୍ରୀ ରାୟ, ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ଶ୍ରଦ୍ଧାଞ୍ଜଳୀ ସାହୁ, ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଦିବ୍ୟଲୋଚନ ସିଂହ ଏବଂ ଅନ୍ୟାନ୍ୟ ଅତିଥି ଅଧ୍ୟାପକ/ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସମାଜଶାସ୍ତ୍ର ବିଭାଗର ପିଜି ଦ୍ୱିତୀୟ ବର୍ଷ ଏବଂ ୟୁଜି ଦ୍ୱିତୀୟ ଓ ତୃତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀଙ୍କ ଏହାକୁ ପରିଚାଳନା କରିଥିଲେ।

## ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଚାରାରୋପଣ

**ଧର୍ମଶାଳା, ୨୯।୭ (ସମିସ):** ଧର୍ମଶାଳା ବ୍ଲକ ନରସିଂହପୁରସ୍ଥିତ ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଓ ୟୁଥ ରେଡକ୍ରସ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶୁମାନ ଟ୍ରଷ୍ଟର ସଭାପତି ସୀତାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଚାରାରୋପଣ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ ଦେଇଥିଲେ। ସଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ସମାଜସେବୀ କାହ୍ନୁଚରଣ ଦାଶ, ସମାଜସେବୀ ପ୍ରଶାନ୍ତ କୁମାର ନାୟକ, ସରୋଜକାନ୍ତ ବେହେରା, ଶିକ୍ଷାବିତ ସୁଦର୍ଶନ ପଣ୍ଡା, ଅଭିଷେକ ସାହୁ, ବିପଦର ବନ୍ଧୁ ସଂଗଠନର ସଂଯୋଜିକା କାଦମ୍ବିନୀ ମିଶ୍ର, ବିଜୟ କୁମାର ଦେବତା ଓ ସୁନୀଲ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ସୁଜାତା ଦାସ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପିକା ପ୍ରମିଳା ଦାଶ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା, ଗୌରୀ ଶଙ୍କର ମିଶ୍ର, ସୁରେଶ ଚନ୍ଦ୍ର ଲେଙ୍କା, ଅଣ ଶିକ୍ଷକ କର୍ମଚାରୀ ପ୍ରଶାନ୍ତ କୁମାର ପଣ୍ଡା ଓ ହେମନ୍ତ କୁମାର ଦାସ ସମେତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ରାଉତ ଧନ୍ୟବାଦ ଦେଇଥିଲେ।

---

### ଟାଟା ଷ୍ଟିଲ୍‌ରେ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ

## ରକ୍ତଦାନ ଶିବିରରେ ୩୧୭ ୟୁନିଟ୍ ରକ୍ତ ସଂଗ୍ରହ

**ଦାନଗଦି, ୨୯।୭ (ସମିସ)**



ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ୍ ଲିମିଟେଡ୍ (ଏନଆଇଏନଏଲ) ପକ୍ଷରୁ ଭାରତରତ୍ନ ଜେଆର୍‌ଡି ଟାଟାଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ଯାଜପୁର ଜିଲ୍ଲାର ଡୁବୁରୀସ୍ଥିତ କାରଖାନା ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଟିଏସ୍‌କେ ସେଣ୍ଟରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଧ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଟାଟା ଷ୍ଟିଲ କଳିଙ୍ଗନଗରର ମେକାନିକାଲ୍ ମେଣ୍ଟେନାନ୍ସ ମୁଖ୍ୟ ଶଙ୍କର ବିଶ୍ୱାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ ୱର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର କୁମାର ଜାମୁଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବହୁ ବରିଷ୍ଠ ଅଧିକାରୀ, ୟୁନିୟନ୍ ପ୍ରତିନିଧି ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜୟନ୍ତୀ ଉତ୍ସବର ଅଂଶ ଭାବେ ଓଡ଼ିଶା ବ୍ଲଡ୍ ସେଣ୍ଟର ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଏବଂ ସେଣ୍ଟ୍ରାଲ୍ ରେଡ୍‌କ୍ରସ୍ ବ୍ଲଡ୍ ସେଣ୍ଟର କଟକଙ୍କ ସହଯୋଗରେ ପ୍ଲଟ୍-୨ ଅଡିଟୋରିୟମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଟାଟା ଷ୍ଟିଲ କର୍ମଚାରୀ, ଭେଣ୍ଡର୍ ପାର୍ଟନର୍ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ସମେତ ୩୧୭ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହାପୂର୍ବରୁ ଟାଟା ଷ୍ଟିଲର ୱେଲନେସ୍ କମିଟି ପକ୍ଷରୁ କଳିଙ୍ଗନଗର ଟାଉନସିପରେ ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ଟାଉନସିପରେ ରହୁଥିବା କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ସହଯୋଗରେ ବିଭିନ୍ନ ବିଭାଗ ଦ୍ୱାରା ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ସ୍କୁଲ ପିଲାମାନଙ୍କୁ ଖେଳ ସାମଗ୍ରୀ ଓ ଛତା ବିତରଣ କରାଯିବା ସହିତ ଚାରାରୋପଣ କାର୍ଯ୍ୟକ୍ରମ ଏବଂ ନିକଟସ୍ଥ ଏକ ଅନାଥାଶ୍ରମ ପରିଦର୍ଶନ କାର୍ଯ୍ୟ ଆଦି ହୋଇଥିଲା। ସମାନ ଭାବେ ଶ୍ରଦ୍ଧାଞ୍ଜଳି ସମାରୋହ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ) ଏବଂ ଫେରୋଆଲୋୟପ୍ଲାଣ୍ଟ ବ୍ରାହ୍ମଣୀପାଳରେ ମଧ ପାଳନ କରାଯାଇଥିଲା। ଏନଆଇଏନଏଲ କଲୋନୀରେ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଜେଆରଡି. ଟାଟାଙ୍କ ଜୀବନୀ ଉପରେ ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହା ବ୍ୟତୀତ, ଜେଆର୍‌ଡି ଜୟନ୍ତୀ ଉତ୍ସବ ଅବସରରେ ଡିଜିଟାଲ୍ ଶ୍ରଦ୍ଧାଞ୍ଜଳି, ଭର୍ଚୁଆଲ୍ ପ୍ରଦର୍ଶନୀ ଏବଂ ଅନ୍ୟାନ୍ୟ ଇଣ୍ଟରାକ୍ଟିଭ୍ ସେସନ୍ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନଲାଇନ୍‌ରେ ଆୟୋଜିତ ହୋଇଥିଲା।

---

## ବାଇକ୍ ପଛପଟୁ ଧକ୍କା ଦେଲା କାର୍; ଯୁବକ ମୃତ

**ଧର୍ମଶାଳା, ୨୯।୭ (ସମିସ):** ଧର୍ମଶାଳା ବ୍ଲକ ବାଲିଚନ୍ଦ୍ରପୁର ଥାନା କଦମପାଳ ପଞ୍ଚାୟତ ନୋସ୍ତା ଗ୍ରାମର ସାଧୁଚରଣ ମହାନ୍ତିଙ୍କ ପୁଅ ସଞ୍ଜୟ କୁମାର ମହାନ୍ତି (୨୭)ଙ୍କ କାର୍ ଧକ୍କାରେ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ଗତକାଲି ରାତିରେ ସଞ୍ଜୟ ବାଇକ୍‌ନେଇ ଘରକୁ ଫେରୁଥିବା ସମୟରେ କଦମପାଳ ହାଟପଡ଼ିଆ ନିକଟରେ ତାର ବାଇକ୍ ପଛରୁ ଏକ କାର୍ ଧକ୍କା ଦେଇଥିଲା। ଫଳରେ ସଞ୍ଜୟ ଛିଟିକି ରାସ୍ତା କଡ଼ରେ ଥିବା ଅଳିଆ କୁଣ୍ଡରେ ପିଟି ହୋଇଥିଲା। ଏହି ଦୁର୍ଘଟଣାରେ ତାଙ୍କ ମୁଣ୍ଡ ଏବଂ ନାକରେ ଗଭୀର ଆଘାତ ଲାଗିଥିଲା। ପ୍ରଚୁର ରକ୍ତସ୍ରାବ ହେବା ଦ୍ୱାରା ସେ ସଞ୍ଜ୍ଞାହୀନ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ଶବ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ଘରକୁ ଅଣାଯାଇଥିଲା। ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଥିଲା। ସଞ୍ଜୟଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ କଦମପାଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।



ଜୈବିକ ଚାଷୀମାନେ ଆଜିର ସର୍ବଶ୍ରେଷ୍ଠ ଶାନ୍ତି ଅଗ୍ରଦୂତ
-ବନ୍ଦନା ଶିବା

ସକାଳ THE SAKALA

# ମଉଳା ମେଟ୍ରୋ

ଭୁବନେଶ୍ୱରରେ ବହୁଆକାଂକ୍ଷିତ ମେଟ୍ରୋ ରେଳ ଚଳାଚଳର ସ୍ୱପ୍ନ ଆପାତତଃ ମଉଳି ଯାଇଛି। ପୂର୍ବ ସରକାର ଅମଳରେ ଏଥିପାଇଁ ହୋଇଥିବା ଟେଣ୍ଡର ଏବେ ବାତିଲ୍ ହେବା ପରେ ଏହି ବହୁ ଆକାଂକ୍ଷିତ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଟେଣ୍ଡର ବାତିଲ୍ ପଛର କାରଣ ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ି ନଥିଲେ ମଧ୍ୟ ସରକାରୀ ମହଲକୁ ଛାଡ଼ି ପ୍ରାୟତଃ ସବୁଆଡ଼େ ଅସନ୍ତୋଷ ଓ ସମାଲୋଚନାର ସ୍ୱର ଶୁଣିବାକୁ ମିଳୁଛି। ନୂଆ ଡିପିଆର ଚୂଡ଼ାନ୍ତ ହେବା ଏବଂ ସାନି ଟେଣ୍ଡର ଏକ ସହଜ ପ୍ରକ୍ରିୟା ନୁହେଁ। ତା'ଛଡ଼ା ମେଟ୍ରୋ ଟ୍ରେନ୍‌ର ପରିବର୍ତ୍ତିତ ରୂପରେଖକୁ ନେଇ ମନ୍ତ୍ରିପରିଷଦର ସଦସ୍ୟମାନେ ବିଭିନ୍ନ ସମୟରେ ଦେଇଥିବା ବିବୃତ୍ତିରେ ତାଳମେଳ ରହୁ ନଥିବାରୁ ଏହି ପ୍ରକଳ୍ପ ଯେ ନିକଟ ଭବିଷ୍ୟତରେ ଆରମ୍ଭ ହେବାର ନାହିଁ ତାହା ଅନୁମାନ କରାଯାଉଛି।

ମେଟ୍ରୋ ରେଳପ୍ରକଳ୍ପ ଆଉ ବିଳାସ ହୋଇ ରହିନାହିଁ। ବରଂ କ୍ରମବର୍ଦ୍ଧିଷ୍ଣୁ ମହାନଗର ସମୂହର ଗଣପରିବହନ ଆବଶ୍ୟକତାକୁ ପୂରଣ କରିବାରେ ଅପରିହାର୍ଯ୍ୟ ହୋଇପଡ଼ିଛି। ଏପରିକି ମେଟ୍ରୋ ରେଳ ଏବେ ସହରାଞ୍ଚଳରେ ସବୁଠୁ ଲୋକପ୍ରିୟ ଗଣପରିବହନ ଏବଂ ଦ୍ରୁତ ଗମନାଗମନର ମାଧ୍ୟମ ପାଲଟିଛି। କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ବିପୁଳ ଅର୍ଥ ଓ ବୈଷୟିକ ଜ୍ଞାନକୌଶଳ ସହାୟତା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଯୋଗାଇ ଦେଉଛନ୍ତି। ସମ୍ପ୍ରତି ଦେଶର ୧୨ଟି ପ୍ରମୁଖ ସହରରେ ୬୭୦ କିମି ମେଟ୍ରୋ ରେଳପଥରେ ଟ୍ରେନ୍ ଚଳାଚଳ କରୁଛି। ଏହାବାଦ୍ ଅନ୍ୟ ୧୫ଟି ସହରରେ ୫୦୦ କିମି ମେଟ୍ରୋ ଲାଇନ୍ ନିର୍ମାଣାଧୀନ ଅଛି।

କଟକ-ଭୁବନେଶ୍ୱର ଦ୍ୱୈତନଗରୀ ଜନସଂଖ୍ୟା ଏବେ ୨୦ ଲକ୍ଷରେ ପହଞ୍ଚିଥିବା ବେଳେ ଆଇଆଇଟି ଖଡ଼ଗପୁର ରିପୋର୍ଟ ଅନୁସାରେ ଚୌଦ୍ୱାର-କଟକ-ଭୁବନେଶ୍ୱର-ଜଟଣୀ-ପିପିଲିକୁ ନେଇ ପରିକଳ୍ପିତ ବୃହତ୍ ସହରାଞ୍ଚଳର ଜନସଂଖ୍ୟା ୨୦୫୦ ବେଳକୁ ୧ କୋଟି ଟପିବ। ତେଣୁ ଏବେଠାରୁ ଗଣପରିବହନ ବ୍ୟବସ୍ଥାକୁ ସୁସଂହତ, ସୁଗମ ଓ ସୁଦୃଢ଼ ନ କଲେ ଆଉ ୨୫/୩୦ ବର୍ଷ ପରେ ପରିସ୍ଥିତି ଜଟିଳ ହେବ। ଏହି ପୃଷ୍ଠଭୂମିରେ ମେଟ୍ରୋରେଳ ଜନସାଧାରଣଙ୍କ ପାଇଁ ଯେ ଏକ ଚରମ ଆବଶ୍ୟକତା ଏହାକୁ ହୃଦୟଙ୍ଗମ କରି ଏକ ଦୂରଦୃଷ୍ଟି ସମ୍ପନ୍ନ ମହତାକାଂକ୍ଷୀ ଦୃଷ୍ଟିକୋଣ ନେଇ ନବୀନ ପଟ୍ଟନାୟକଙ୍କ ସରକାର ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ କରିଥିଲେ। ଦୀର୍ଘବର୍ଷ ଧରି କେନ୍ଦ୍ର ସରକାର ଏହି ପ୍ରକଳ୍ପ ପ୍ରସ୍ତାବ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ ନ କରିବାରୁ ଓଡ଼ିଶା ସରକାର ନିଜସ୍ୱ ଖର୍ଚ୍ଚରେ ଏଭଳି ଏକ ସାହସିକ ପଦକ୍ଷେପ ନେଇଥିଲେ।

ମୋଟ୍ ୬୨୫୫ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪, ଜାନୁଆରୀ ୧ ତାରିଖରେ କଟକ ଉପକଣ୍ଠ ରଣଗଡ଼ଠାରେ କରିଥିଲେ। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ମୋଟ୍ ୨୬ କିମି ଦୈର୍ଘ୍ୟବିଶିଷ୍ଟ ଏହି ମେଟ୍ରୋପଥ ଚାରିବର୍ଷରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା କ୍ୟାପିଟାଲ୍ ହସ୍ପିଟାଲ, ରାଜମହଲ, ବାଣୀବିହାର, ଜୟଦେବ ବିହାର ଓ ପଟିଆଛକ ସମେତ ୨୦ଟି ଷ୍ଟେସନ ରହିବ ବୋଲି ଯୋଜନା ହୋଇଥିଲା। ପ୍ରଥମ ପର୍ଯ୍ୟାୟ କାମ ପାଇଁ ମୋଟ ୫୯୨୯ କୋଟି ୩୮ ଲକ୍ଷ ଟଙ୍କାର ବ୍ୟୟ ବରାଦ ମଧ୍ୟ କରାଯାଇଥିଲା। ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ଦିଲ୍ଲୀ ମେଟ୍ରୋ ନିଗମ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମେଟ୍ରୋ ରେଳପଥ କଟକ ଓ ପୁରୀ ଦିଗକୁ ସଂପ୍ରସାରିତ ହେବାର ଯୋଜନା ରଖାଯାଇଥିଲା। ତ୍ରିଶୂଳିଆକୁ ଏହି ମେଟ୍ରୋ ଟ୍ରେନ୍‌ର ପ୍ରବେଶ ପଥ ବା ମୁଖ୍ୟ ଟର୍ମିନାଲ୍ ଭାବେ ବ୍ୟବହାର କରିବାର ଉଦ୍ଦେଶ୍ୟ ଥିଲା - ବାଙ୍କୀ ଓ ଆଠଗଡ଼ ଦିଗକୁ ବଢୁଥିବା ଦ୍ୱୈତ ମହାନଗରୀର ଗମନାଗମନ ଆବଶ୍ୟକତା ପୂରଣ କରିବା। କିନ୍ତୁ ଏବେ ଟେଣ୍ଡର ବାତିଲ୍ ହୋଇଥିବାରୁ ଉପରୋକ୍ତ ସଂସ୍ଥାମାନେ ଯେ ପୁଣି ଓଡ଼ିଶା ପ୍ରକଳ୍ପ ପାଇଁ ଆଗ୍ରହୀ ହେବେ ସେ ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ।

ଇତିମଧ୍ୟରେ ବୈଷୟିକ ଜ୍ଞାନକୌଶଳରେ ପ୍ରଭୂତ ବିକାଶ ଫଳରେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ଭୂମିତଳ ସୁଡ଼ଙ୍ଗ ଆଉ ଅପରିହାର୍ଯ୍ୟ ହୋଇ ରହିନାହିଁ। ଦେଶର ପ୍ରମୁଖ ବୃହତ୍ ସହରମାନଙ୍କରେ ସଡ଼କ ଉପରେ ଉଚ୍ଚ ଭାୟାଡକ୍ଟବାହୀ ସେତୁ ଉପରେ ରେଳ ଲାଇନ୍ ନିର୍ମାଣ ହେଉଛି। କିନ୍ତୁ ବର୍ତ୍ତମାନର ରାଜ୍ୟ ସରକାର ଏହି ପ୍ରକଳ୍ପ ମାଟି ତଳେ କରାଯିବା ପାଇଁ ଯୋଜନା କରିଥିବା ସୂଚନା ମିଳିଛି। ଟେଣ୍ଡର ବାତିଲ୍ ହେବା ପଛରେ ଏହା ଆଉ ଏକ କାରଣ ବୋଲି ଜଣାପଡ଼ିଛି। ଯେଉଁ ସରକାର ସମୟର ଆହ୍ୱାନକୁ ବୁଝିପାରେ ନାହିଁ, ତାହାର ଦୂରଦୃଷ୍ଟିର ଅଭାବ ରହେ। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଥାର୍ଥରେ କହିଛନ୍ତି ଯେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ଟେଣ୍ଡର ବାତିଲ୍ ହେବା ପରେ ଓଡ଼ିଶା ୧୦ ବର୍ଷ ପଛକୁ ଚାଲିଯାଇଛି।

ବିଶେଷଜ୍ଞ ମହଲରେ ଏବେ ଆଲୋଚନା ହେଉଛି ଯେ ଡିପିଆରରେ କିଛି ତ୍ରୁଟିବିଚ୍ୟୁତି ଥିଲେ ତାହାକୁ ସଂଶୋଧନ କରା ଯାଇପାରିଥା'ନ୍ତା। କିନ୍ତୁ ଟେଣ୍ଡର ବାତିଲ୍ ଯଦି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ ଏବଂ ପ୍ରକଳ୍ପର ଶ୍ରେୟ ବିଜେଡି ସରକର ନେଇଯିବାର ଭୟ ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାରଙ୍କୁ ଘାରିଥାଏ ତେବେ ଜନମାନସରେ ସରକାର ନିନ୍ଦିତ ହେବା ହିଁ ସାର ହେବ। ମେଟ୍ରୋ ଚଳାଚଳ ପାଇଁ ଡବଲ୍ ଇଞ୍ଜିନ୍‌ର ଦକ୍ଷତା, କ୍ଷମତା ଓ ଆନ୍ତରିକତାକୁ ନେଇ ମଧ୍ୟ ଏବେ ପ୍ରଶ୍ନ ଉଠିଲାଣି। ସାନି ଡିପିଆର ପ୍ରସ୍ତୁତ ପରେ ତୁରନ୍ତ ଟେଣ୍ଡର ଚୂଡ଼ାନ୍ତ କରିବା ଏବେ ରାଜ୍ୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ଏହାଦ୍ୱାରା ବରଂ ସରକାର ଅପବାଦରୁ ମୁକ୍ତି ପାଇବେ। ସର୍ବୋପରି କିଛିଟା ବିଳମ୍ବ ହେଲେ ମଧ୍ୟ ସ୍ୱାଧୀନ ଭାରତର ଯୁଗ୍ମପ୍ରଥମ ଯୋଜନାବଦ୍ଧ ରାଜଧାନୀ ସହର ଭୁବନେଶ୍ୱର ମେଟ୍ରୋ ରେଳ ସେବା ମଣ୍ଡିତ ହୋଇପାରିବ। ●

# ଧରିତ୍ରୀ ଶିଖର ସମ୍ମିଳନୀ ଓ ଭାରତ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ସ୍ୱିଡେନ୍‌ର ରାଜଧାନୀ ଷ୍ଟୋକହୋମ୍‌ଠାରେ ପ୍ରଥମ ଥର ପାଇଁ ମାନବୀୟ ପରିବେଶ ଉପରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀ (୫-୧୬ ଜୁନ୍ ୧୯୭୨) ପରେ ପରବର୍ତ୍ତୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବଶାଳୀ ଶିଖର ସମ୍ମିଳନୀ ଥିଲା 'ଜାତିସଂଘ ପରିବେଶ ଏବଂ ବିକାଶ ସମ୍ମିଳନୀ'(ୟୁଏନ୍‌ସିଇଡି), ଯାହାକୁ 'ଧରିତ୍ରୀ ଶିଖର ସମ୍ମିଳନୀ' ମଧ୍ୟ କୁହାଯାଏ। ଏହା ୧୯୯୨ ମସିହା, ଜୁନ୍ ୩-୧୪ ପର୍ଯ୍ୟନ୍ତ ବ୍ରାଜିଲର ରିଓ ଡି ଜେନେରିଓରେ ଅନୁଷ୍ଠିତ ହୋଇଥିଲା। ଏହି ଶୀର୍ଷ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ୩ଟି ପ୍ରମୁଖ ଦଲିଲ ପ୍ରସ୍ତୁତ କରାଯାଇଥିଲା, ଯଥା - (୧) ରିଓ ଘୋଷଣାନାମା ଆଧାରିତ ପରିବେଶ ସୁରକ୍ଷା ଏବଂ ବିକାଶ ସମ୍ପର୍କରେ ମାର୍ଗଦର୍ଶନ କରିବା ପାଇଁ ବ୍ୟାପକ ନୀତିର ଏକ ବିବୃତ୍ତି, (୨) ସମସ୍ତ ପ୍ରକାରର ଜଙ୍ଗଲର ପରିଚାଳନା, ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ଉପରେ ଏକ ଅଣ-ଆଇନଗତ ଭାବରେ ବାଧ୍ୟତାମୂଳକ ବିବୃତ୍ତି, (୩) ଏକବିଂଶ ଶତାବ୍ଦୀ ପାଇଁ ଦୀର୍ଘସ୍ଥାୟୀ ଖସଡ଼ା, ପାଣ୍ଠି ପାଇଁ ବିସ୍ତୃତ କାର୍ଯ୍ୟ ଯୋଜନା ଏବଂ ଆକଳନ ଉପସ୍ଥାପନ କରୁଥିବା ଏକ ବିଶାଳ ଦଲିଲ। ୩ଟି ଚୁକ୍ତି ଯଥା - ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘ ଫ୍ରେମୱାର୍କ ଶିଖର ସମ୍ମିଳନୀ(ୟୁଏନ୍‌ଏଫ୍‌ସିସିସି), ଜୈବ ବିବିଧତା ଶିଖର ସମ୍ମିଳନୀ(ସିବିଡି), ମରୁଭୂମି ମୁକାବିଲା ପାଇଁ ମିଳିତ ଜାତିସଂଘ ଶିଖର ସମ୍ମିଳନୀ(ୟୁଏନ୍‌ସିସିଡି)। ଏଗୁଡ଼ିକ ଯଥାକ୍ରମେ ୧୯୯୪, ୧୯୯୩ ଓ ୧୯୯୬ରେ ଅନୁମୋଦନ ଲାଭ କରି କାର୍ଯ୍ୟକାରୀ ହୋଇଥିଲା।

ୟୁଏନ୍‌ଏଫ୍‌ସିସିସର ମୂଳ ଉଦ୍ଦେଶ୍ୟ ହେଉଛି ସବୁଜଗୃହ ବାଷ୍ପ ସାନ୍ଦ୍ରତାକୁ ହ୍ରାସ କରି ଏପରି ସ୍ତରରେ ସ୍ଥିର କରିବା, ଯାହା ଜଳବାୟୁ ପ୍ରଣାଳୀ ସହିତ ବିପଦପୂର୍ଣ୍ଣ ମାନବଜାତ(ମାନବ ପ୍ରେରିତ) ହସ୍ତକ୍ଷେପକୁ ରୋକିପାରିବ। ସିବିଡି ରାଷ୍ଟ୍ରଗୁଡ଼ିକର ଜୈବିକ ସମ୍ପଦ ଉପରେ ସାର୍ବଭୌମ ଅଧିକାରକୁ ପୁନଃନିର୍ଦ୍ଦିଷ୍ଟ କରିବା ସହିତ ଜୈବିକ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସ୍ଥାୟୀ ବ୍ୟବହାର ଏବଂ ଜେନେଟିକ୍ ବା ଜିନୀୟ ସମ୍ପଦର ବ୍ୟବହାରରୁ ଉତ୍ପନ୍ନ ଲାଭର ନିରପେକ୍ଷ ଓ ସମାନ ବଣ୍ଟନ ଉପରେ ଗୁରୁତ୍ୱାରୋପ କରେ। ୟୁଏନ୍‌ସିସିଡିର ମୌଳିକ ଉଦ୍ଦେଶ୍ୟ ହେଉଛି ଆମର ଭୂମିକୁ ସୁରକ୍ଷା ଏବଂ ପୁନରୁଦ୍ଧାର କରିବା ସହିତ ଏକ ସୁରକ୍ଷିତ, ନ୍ୟାୟପୂର୍ଣ୍ଣ ଓ ଅଧିକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା।

ତିନୋଟିଯାକ ଶିଖର ସମ୍ମିଳନୀ ପାଇଁ ଅଂଶୀଦାର ଦେଶର ପ୍ରତିନିଧିମାନେ ନିୟମିତ ଆୟୋଜିତ ସମ୍ମିଳନୀରେ ଏକତ୍ରିତ ହୋଇ ଆଲୋଚନା କରନ୍ତି, ଯାହାକୁ କୁହାଯାଏ କନଫରେନ୍ସ ଅଫ୍ ପାର୍ଟିସ୍(ସିଓପି ବା କୋପ୍)। 'କୋପ୍'ଗୁଡ଼ିକ ସମ୍ମିଳନୀର ପରିଚାଳନା ସଂସ୍ଥା ଏବଂ ଏହାର ସାମୟିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଦାୟୀ। ୟୁଏନ୍‌ଏଫ୍‌ସିସିସିର ସର୍ବଶେଷ ବା ୨୯ତମ ଅଧିବେଶନ ଥିଲା କୋପ୍-୨୯, ଯାହା ୧୧-୨୨ ନଭେମ୍ବର ୨୦୨୪ରେ ଆଜରବାଇଜାନର ବାକୁଠାରେ ଅନୁଷ୍ଠିତ ହୋଇଥିଲା। ସେହିପରି ସିବିଡିର ସର୍ବଶେଷ ଅଧିବେଶନ ଥିଲା କୋପ୍-୧୬, ଯାହା ଅକ୍ଟୋବର ୨୧-୧ ନଭେମ୍ବର ୨୦୨୪ରେ କଲମ୍ବିଆର କାଲିରେ ଅନୁଷ୍ଠିତ ହୋଇଥିଲା। ସମଭାବରେ ୟୁଏନ୍‌ସିସିଡିର ଏପର୍ଯ୍ୟନ୍ତ ସର୍ବଶେଷ ଅଧିବେଶନ କୋପ୍-୧୬, ସାଉଦି ଆରବର ରିୟାଦରେ ୨ ରୁ ୧୩ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୟୁଏନ୍‌ଏଫ୍‌ସିସିସ ଶିଖର ସମ୍ମିଳନୀ ୨୯ ଥର ଅନୁଷ୍ଠିତ ହୋଇସାରିଥିବା ବେଳେ ସିବିଡି ଓ ୟୁଏନ୍‌ସିସିଡିର ଶିଖର ସମ୍ମିଳନୀ ପ୍ରତ୍ୟେକେ ୧୬ ଥର ଲେଖାଏଁ ଅନୁଷ୍ଠିତ ହୋଇଛି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ୧୨ ଡିସେମ୍ବର ୨୦୧୫ରେ ଶେଷ ହୋଇଥିବା ୟୁଏନ୍‌ଏଫ୍‌ସିସିସି ବା କୋପ୍-୨୧ ବହୁତ ପ୍ରଭାବଶାଳୀ ଥିଲା। ଏହି ସମ୍ମିଳନୀରେ ଗୃହୀତ ଚୁକ୍ତିନାମା, ଯାହା 'ପ୍ୟାରିସ ଚୁକ୍ତିନାମା' ନାମରେ ଖ୍ୟାତ, ହେଉଛି ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆଇନଗତ ଭାବରେ ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତିନାମା। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବିଶ୍ୱ ହାରାହାରି ତାପମାତ୍ରାକୁ ପ୍ରାକଶିଳ୍ପାୟନ ସ୍ତରଠାରୁ ୨ ଡିଗ୍ରୀ ସେଣ୍ଟିଗ୍ରେଡ ତଳେ ରଖିବା ଏବଂ ପ୍ରାକଶିଳ୍ପାୟନ ସ୍ଥିତି ସ୍ତର ଠାରୁ ତାପମାତ୍ରା ବୃଦ୍ଧିକୁ ମାତ୍ର ୧.୫ ଡିଗ୍ରୀ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ସୀମିତ ରଖିବା ପାଇଁ ପ୍ରୟାସ କରିବା।

ଅଂଶୀଦାର ଦେଶମାନେ ସବୁଜ ଗୃହ ବାଷ୍ପ ପରିମାଣ ହ୍ରାସ କରିବା ପାଇଁ ପ୍ୟାରିସରେ ୨୦୧୫ ରେ କୋପ୍ ୨୧ ସମୟରେ ନିଜସ୍ୱ ଅଙ୍ଗୀକାରବଦ୍ଧତା ଦାଖଲ କରିଥିଲେ। ଭାରତ ୨୦୦୫ ସ୍ତର ତୁଳନାରେ ୨୦୩୦ ସୁଦ୍ଧା ନିର୍ଗମନ ହାରରେ ୩୩% ରୁ ୩୫% ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ସିବିଡି ପ୍ରତିଶ୍ରୁତି ଅନୁଯାୟୀ, ୧୯୯୯ରେ ଭାରତର ପ୍ରଥମ ଜାତୀୟ ଜୈବ ବିବିଧତା ରଣନୀତି ଏବଂ କାର୍ଯ୍ୟଯୋଜନା ଆରମ୍ଭ କରିଥିଲା। ଭାରତ ୨୦୨୫-୩୦ ଆର୍ଥିକ ବର୍ଷରେ ଜୈବ ବିବିଧତା ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରାୟ ୮୧, ୬୬୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ବ୍ୟୟବରାଦ କରିଛି। ୟୁଏନ୍‌ସିସିଡି ତଥ୍ୟ ଅନୁଯାୟୀ, ୨୦୧୫-୨୦୧୯ ପର୍ଯ୍ୟନ୍ତ ଭାରତର ମୋଟ ରିପୋର୍ଟ କରାଯାଇଥିବା ଜମିର ୩୦.୫୧ ନିୟୁତ ହେକ୍ଟର ଅବକ୍ଷୟ ହୋଇଥିଲା। ଏହାର ଜବାବରେ ଭାରତ ଭୂମି ଅବକ୍ଷୟକୁ ସମାଧାନ କରିବା, ମରୁଡ଼ି ସ୍ଥିତିସ୍ଥାପକତା ନିର୍ମାଣ କରିବା, ପରିବେଶ ପୁନରୁଦ୍ଧାର ଏବଂ ଜୈବ ବିବିଧତା ବୃଦ୍ଧି ପାଇଁ ଏକ ବ୍ୟାପକ ପଦ୍ଧତି ଗ୍ରହଣ କରିଛି।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ଏବେ ପ୍ରତିବର୍ଷ ପ୍ରାୟ ୪.୧ ବିଲିୟନ ମେଟ୍ରିକ୍ ଟନ୍ ଅଙ୍ଗାର କାମ୍ଳ ସମତୁଲ୍ୟ ସବୁଜ ଗୃହ ବାଷ୍ପ ନିର୍ଗମନ କରେ, ଯାହା ଚୀନ୍ (୧୫.୯ ବିଲିୟନ ମେଟ୍ରିକ୍ ଟନ୍) ଏବଂ ଆମେରିକା (୬ ବିଲିୟନ ଟନ୍) ପରେ ବିଶ୍ୱରେ ତୃତୀୟ ସର୍ବାଧିକ ଯୋଗଦାନକାରୀ। ତେବେ ଭାରତରେ ମୁଣ୍ଡପିଛା ନିର୍ଗମନ (୨.୯) ମେଟ୍ରିକ୍ ଟନ୍ ଆମେରିକା (୧୭.୬) ଏବଂ ଚୀନ (୧୧.୧) ତୁଳନାରେ ବହୁତ କମ୍। ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ପରେ ଭାରତକୁ ଏବେ ଆର୍ଥିକ ଅଭିବୃଦ୍ଧି ହାସଲ କରିବା ସହିତ ଏହାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଆଗକୁ ବଢ଼ାଇବାକୁ ପଡ଼ିବ ଏବଂ ନିର୍ଗମନକୁ ନିୟନ୍ତ୍ରଣ କରିବାକୁ ପଡ଼ିବ।

ଯଦି ମିଳିତ ଜାତିସଂଘ ଦ୍ୱାରା ସ୍ଥିର କରାଯାଇଥିବା ୧୭ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଧାର୍ଯ୍ୟ ୨୦୩୦ ସୁଦ୍ଧା ହାସଲ କରିବାକୁ ହୁଏ, ତେବେ ବିଶ୍ୱସ୍ତରୀୟ ସହଯୋଗ, ବିଶେଷକରି ବିକଶିତ ଦେଶମାନଙ୍କ ଦ୍ୱାରା, ଅତ୍ୟନ୍ତ ଜରୁରୀ। ୨୦୨୫ ହେଉଛି କୋପ୍ ୨୧ରେ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ୨୦୧୫ ର ପ୍ରଥମ ଦଶନ୍ଧି। ପ୍ୟାରିସ୍ ଚୁକ୍ତିନାମାର ଧାରା ୨.୧ ସି ନିର୍ଗମନ ହ୍ରାସ ଏବଂ ଜଳବାୟୁ-ସ୍ଥାପକତା ସହିତ 'ଆର୍ଥିକ ପ୍ରବାହକୁ ସୁସଙ୍ଗତ କରିବା' ଉପରେ ଧ୍ୟାନ ଦିଏ। ଧାରା ୯.୧ ରେ କୁହାଯାଇଛି ଯେ ବିକଶିତ ଦେଶମାନେ ବିକାଶଶୀଳ ଦେଶମାନଙ୍କୁ ଏଥିପାଇଁ 'ଅର୍ଥ ଯୋଗାଇବେ'। ଦୁଇଟି ବଡ଼ ତୈଳ ରପ୍ତାନିକାରୀ ରାଷ୍ଟ୍ର ଇରାନ ଓ ଲିବିଆ ୧୪-ସଦସ୍ୟ ପେଟ୍ରୋଲିୟମ୍ ରପ୍ତାନିକାରୀ ଦେଶ ସଂଗଠନ ମଧ୍ୟରୁ ଏବଂ ୟେମେନ୍ ପ୍ୟାରିସ୍ ଚୁକ୍ତିନାମାକୁ ଅନୁମୋଦନ କରିନାହାନ୍ତି। ଦ୍ୱିତୀୟ ସର୍ବାଧିକ ନିର୍ଗମନକାରୀ ଆମେରିକା ୨୦୨୦ରେ ଚୁକ୍ତିନାମାରୁ ଓହରିଗଲା, ୨୦୨୧ ରେ ପୁନର୍ବାର ଯୋଗ ଦେଲା ଏବଂ ୨୦୨୫ରେ ପୁଣି ପ୍ରତ୍ୟାହାର ଘୋଷଣା କଲା। ଗତ ବର୍ଷ ୟୁଏନ୍‌ଏଫ୍‌ସିସିସିର କୋପ୍୨୯ ରେ, ରାଷ୍ଟ୍ରଗୁଡ଼ିକ ୨୦୩୫ ସୁଦ୍ଧା 'ଜଳବାୟୁ ଆର୍ଥିକ ବଜେଟ ଅଟକଳ' ବାର୍ଷିକ ଅତିକମରେ ୩୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇଁ ସହମତ ହୋଇଥିଲେ, ଯାହା ମୁଖ୍ୟତଃ ବିକଶିତ ଦେଶଗୁଡ଼ିକରୁ ଆସିବ। ଏହି ଅର୍ଥ ବିକାଶଶୀଳ ଦେଶଗୁଡ଼ିକୁ ସେମାନଙ୍କର ନିର୍ଗମନକୁ ନିୟନ୍ତ୍ରଣ କରିବାରେ ଏବଂ ଆହୁରି ଅଧିକ ଜଟିଳ ଜଳବାୟୁ ବିପଦର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ପାଇଁ ଉଦ୍ଦିଷ୍ଟ। ପୂର୍ବରୁ ସବୁଠାରୁ ବଡ଼ ଯୋଗଦାନକାରୀ ଆମେରିକା ପ୍ରାୟତଃ ସମସ୍ତ ଜଳବାୟୁ ସହାୟତା ବାତିଲ କରିସାରିଛି। ଜର୍ମାନୀ, ଫ୍ରାନ୍ସ ଏବଂ ୟୁକେ ସମେତ ପ୍ରମୁଖ ୟୁରୋପୀୟ ଦାତାମାନେ ମଧ୍ୟ ସହାୟତା ହ୍ରାସ ଘୋଷଣା କରିଛନ୍ତି। ଏହା ଆର୍ଥିକ ସହାୟତା କ୍ଷେତ୍ରରେ ସଙ୍କଟ ସୃଷ୍ଟି କରିବ।

ୟୁଏନ୍‌ଏଫ୍‌ସିସିସିର କୋପ୍ ୩୦ ଚଳିତ ବର୍ଷ ନଭେମ୍ବର ୨୦୨୫ ରେ ବ୍ରାଜିଲର ବେଲେମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ପୂର୍ବରୁ ସମ୍ପୃକ୍ତ ପକ୍ଷ ରାଷ୍ଟ୍ର ପ୍ରତିନିଧିମାନେ ଗତ ଜୁନ୍ ମାସରେ ବନ୍ (ଜର୍ମାନୀ) ରେ ପୂର୍ବ ପ୍ରସ୍ତୁତି ବୈଠକ ଆଲୋଚନା କରି ଏଥିପାଇଁ ଏଜେଣ୍ଡା ବା କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ବର୍ତ୍ତମାନ ଜଳବାୟୁ ଜରୁରୀକାଳୀନ ପରିସ୍ଥିତି ରାଜନୈତିକ, ସାଂସ୍କୃତିକ, ଭୌଗୋଳିକ, ଅର୍ଥନୈତିକ ଏବଂ ସାମାଜିକ ସୀମା ଅତିକ୍ରମ କରି ଚାଲିଛି, ଯାହା ବ୍ୟକ୍ତି, ସମ୍ପ୍ରଦାୟ, ପରିସଂସ୍ଥା ଏବଂ ଅର୍ଥନୀତିକୁ ପ୍ରଭାବିତ କରୁଛି। ଏହାର ପ୍ରଭାବ ସବୁଠାରୁ ଦୁର୍ବଳ ଲୋକଙ୍କ ଉପରେ ଲଦି ହେଉଛି। ଆଶା କରାଯାଏ, କୋପ୍୩୦ ନିଶ୍ଚିତ ଭାବରେ ଏକ ମୋଡ଼ ହେବ, ଯାହା କେବଳ ମହତ୍ୱାକାଂକ୍ଷା ଉପରେ ନୁହେଁ ବରଂ ସର୍ବାଧିକ ଜଳବାୟୁ ବିପଦର ସମ୍ମୁଖୀନ ହେଉଥିବା ଲୋକଙ୍କ ପାଇଁ ସମାନତା, ଆର୍ଥିକ ଏବଂ ନ୍ୟାୟ ପ୍ରଦାନ କରିବ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

# ଦ୍ୱିତୀୟ କ୍ୱାଣ୍ଟମ ବିପ୍ଳବ

**ଡ. ଗୌରୀ ଶଙ୍କର ତ୍ରିପାଠୀ**

ଚଳିତ ବର୍ଷକୁ ବିଶ୍ୱରେ କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ବର୍ଷ ରୂପେ ପାଳନ କରାଯାଉଛି। ପ୍ରାୟ ୧୦୦ ବର୍ଷ ପୂର୍ବେ କ୍ୱାଣ୍ଟମ୍ ମେକାନିକ୍ସ ବିଜ୍ଞାନରେ ଏକ ଚାଞ୍ଚଲ୍ୟକାରୀ ଜ୍ଞାନ ଭାବେ ଆବିର୍ଭାବ ହେଇଥିଲା। କ୍ୱାଣ୍ଟମ୍ ତତ୍ତ୍ୱରେ ଏମିତି କିଛି ରହସ୍ୟ ଲୁଚି ରହିଥାଏ, ଯାହା ଅନ୍ୟ କୋଉଠି ନଥାଏ। ଯେମିତି କି କ୍ୱାଣ୍ଟମ୍ ଦୁନିଆରେ ସୁପରପୋଜିସନ୍ ନିୟମ ଲାଗୁ ହେଇଥାଏ। ଗୋଟିଏ ବସ୍ତୁ ଏକାଥରେ ଦୁଇଟା ଅବସ୍ଥାରେ ରହିପାରେ। ଆଉ ଗୋଟେ ଆଶ୍ଚର୍ଯ୍ୟ ନିୟମ ହେଲା କ୍ୱାଣ୍ଟମ ଏନଟାଙ୍ଗଲମେଣ୍ଟ ତଥା କ୍ୱାଣ୍ଟମ୍-ଜଡ଼ିତତା, ଯାହାକି ଦୁଇଟା କଣିକା ଯେତେ ଦୂରରେ ଥିଲେ ବି କିଛି ଗୋଟେ ଅଦୃଶ୍ୟ ସୁତାରେ ଦୁଇଟାକୁ ଯୋଡ଼ି ରଖିଥାଏ। ଏମିତି ଅନେକ ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳେ କ୍ୱାଣ୍ଟମ୍ ଦୁନିଆରେ।

କ୍ୱାଣ୍ଟମ୍ ବିଜ୍ଞାନ ଆବିର୍ଭାବ ପରଠାରୁ ଏହି ଜ୍ଞାନ ଅନେକ ଯୁଗାନ୍ତକାରୀ ତଥ୍ୟ, ତତ୍ତ୍ୱ ଓ ପ୍ରଯୁକ୍ତିବିଦ୍ୟାକୁ ଜନ୍ମ ଦେଇଛି। ଏହାଦ୍ୱାରା ବିଂଶ ଶତାବ୍ଦୀରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଏଭଳିକି ଜୀବ ବିଜ୍ଞାନ ଏବଂ ଭେଷଜ ବିଜ୍ଞାନ ମଧ୍ୟ ଋଦ୍ଧିମନ୍ତ ହେଇଛି। ଏହାର ଦ୍ୱିତୀୟ ସଂସ୍କରଣ ଏବେ ଏକ ଅଭିନବ ବିଜ୍ଞାନ ଭାବେ ଉଭା ହେଇଛି। ଏହି ଜ୍ଞାନରେ ଅଧିକତର ଗବେଷଣା ଏବଂ ବିକାଶ ଭବିଷ୍ୟତରେ ଆମ ଜୀବନକୁ ଆହୁରି ଅଧିକ ବିସ୍ମୟମଣ୍ଡିତ କରିବ। ସେଇଥିପାଇଁ ସମଗ୍ର ବିଶ୍ୱ ଏହି ବିଜ୍ଞାନରେ ଶ୍ରେଷ୍ଠତା ପ୍ରାପ୍ତି ନିମନ୍ତେ ତତ୍ପର ହୋଇପଡ଼ିଛନ୍ତି।

ଭାରତର ଜାତୀୟ କ୍ୱାଣ୍ଟମ୍ ମିଶନ(ଏନ୍‌କ୍ୟୁଏମ୍) ୨୦୨୩ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହେଇଥିବା ଏକ ଆଠ ବର୍ଷିଆ ପ୍ରକଳ୍ପ, ଯେଉଁଥିପାଇଁ ପ୍ରାୟ ୬୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏନ୍‌କ୍ୟୁଏମ୍ ଚାରୋଟି ଦିଗର ବିକାଶ ଉପରେ ଧ୍ୟାନ ଦେଉଛି: (୧) କ୍ୱାଣ୍ଟମ୍ କମ୍ପ୍ୟୁଟିଂ; (୨) କ୍ୱାଣ୍ଟମ୍-ଯୋଗାଯୋଗ; (୩) କ୍ୱାଣ୍ଟମ୍-ସେନ୍ସିଂ ଓ ମାପ ବିଜ୍ଞାନ; (୪) କ୍ୱାଣ୍ଟମ୍-ବସ୍ତୁ ଓ କ୍ୱାଣ୍ଟମ୍-ଉପକରଣ। ଭାରତ ଯଦି କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟାରେ ନେତୃତ୍ୱ ନେବାକୁ ଚାହୁଁଛି, ତେବେ ଏହି କ୍ଷେତ୍ରରେ ପ୍ରୟାସକୁ ତୀବ୍ର କରିବା ସହିତ ଘରୋଇ ନିବେଶକୁ ବୃଦ୍ଧି କରିବାକୁ ପଡ଼ିବ। ଏହା ଏନ୍‌କ୍ୟୁଏମ୍‌ର ପ୍ରଥମ ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଦେଶର ଡିଜିଟାଲ୍ ଭିତ୍ତିଭୂମିକୁ କ୍ୱାଣ୍ଟମ୍-ସୁରକ୍ଷିତ କରିବା ପାଇଁ ଏହାର ସୁରକ୍ଷା ଓ ନିୟମାବଳୀରେ ଉନ୍ନତି ଆଣିବାକୁ ପଡ଼ିବ।

'ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ସହ ଜଡ଼ିତ ହେବା ରଣନୀତି' ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ କ୍ୱାଣ୍ଟମ୍ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପାଇଁ ଭାରତ ବିଶ୍ୱରେ ନେତୃତ୍ୱ ନେବାର ଆଗ୍ରହ ରଖିଛି ଏବଂ ଏହି ଦିଗରେ ପ୍ରୟାସ କରୁଛି। ଏଥିରେ ଅଛି କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ତ୍ରୁଟି-ସଂଶୋଧନ ଆଲଗୋରିଦମ୍। ଏହାବ୍ୟତୀତ, କ୍ୱାଣ୍ଟମ୍ ହାର୍ଡୱେର ନିର୍ମାଣ ପାଇଁ ଦରକାର ସୁପରକଣ୍ଡକ୍ଟିଂ ସର୍କିଟ୍, ଫସି ରହିଥିବା ପରମାଣୁ/ଆୟନ ଏବଂ ଇଞ୍ଜିନିୟର୍ଡ କ୍ୱାଣ୍ଟମ୍-ଡଟ୍ ଉପଯୋଗର ବିକାଶ। ଉଦାହରଣ ସ୍ୱରୂପ, ଏନ୍‌କ୍ୟୁଏମ୍ ସମର୍ଥିତ ବେଙ୍ଗାଲୁରୁ-ଭିତ୍ତିକ ଷ୍ଟାର୍ଟଅପ୍ କ୍ୟୁପିଆଇଏଆଇ ସମ୍ପ୍ରତି 'ଇଣ୍ଡସ୍' ନାମକ ଏକ ୨୫-ସୁପରକଣ୍ଡକ୍ଟିଂ କ୍ୟୁବିଟ୍ କ୍ୱାଣ୍ଟମ୍ କମ୍ପ୍ୟୁଟର ବିକଶିତ କରିଛି। ଏହା ସମ୍ପୂର୍ଣ୍ଣ ଦେଶୀୟ ନୁହେଁ। ଏହାର କ୍ୟୁବିଟ୍‌ଗୁଡ଼ିକ ବିଦେଶରେ ତିଆରି ହେଇଥିବା ଅନୁମାନ କରାଯାଉଛି। ଏହାସତ୍ତ୍ୱେ ଏହା ଏକ ଉଲ୍ଲେଖଯୋଗ୍ୟ ପ୍ରୟାସ।

ତଥ୍ୟକୁ ବିରାମ ଦେଇ ବିଜ୍ଞାନ ଉପରେ ବର୍ତ୍ତମାନ ଆମେ କିଛି ଧ୍ୟାନ ଦେବା। ଏହି କ୍ୟୁବିଟ୍ କ'ଣ? ଏକ କ୍ୟୁବିଟ୍ (କ୍ୱାଣ୍ଟମ୍ ବିଟ୍) ହେଉଛି କ୍ୱାଣ୍ଟମ୍ କମ୍ପ୍ୟୁଟରରେ ସୂଚନାର ଏକ ମୌଳିକ ଏକକ। ଏକ ନିୟମିତ କମ୍ପ୍ୟୁଟରରେ ଆମେ ବିଟ୍ ବ୍ୟବହାର କରୁ, ଯାହା ୦ କିମ୍ବା ୧ ହୋଇପାରେ। କିନ୍ତୁ କ୍ୱାଣ୍ଟମ୍‌ବିଟ୍ ସ୍ୱତନ୍ତ୍ରତା ବହନକରେ। କାରଣ ଏହା ଏକ ସମୟରେ ୦, ୧, କିମ୍ବା ଉଭୟ ହୋଇପାରେ। ଏହାକୁ ଉପରେ ବର୍ଣ୍ଣିତ ସୁପରପୋଜିସନ୍ କୁହାଯାଏ। ଉଦାହରଣରେ ବାୟୁରେ ଘୁରୁଥିବା ଏକ ମୁଦ୍ରାକୁ ଭାବନ୍ତୁ। ଯେପର୍ଯ୍ୟନ୍ତ ଏହା ଅବତରଣ କରିନାହିଁ, ଏହା ଏକା ସମୟରେ ଉଭୟ ମୁଣ୍ଡ ଏବଂ ଲାଞ୍ଜ ହୋଇଥାଏ। ଏକାଧିକ ଅବସ୍ଥାରେ ରହିବାର ଏହି କ୍ଷମତା କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ନିୟମିତ କମ୍ପ୍ୟୁଟର ଅପେକ୍ଷା ବହୁତ ଶୀଘ୍ର ଜଟିଳ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ। କ୍ୟୁବିଟ୍‌ସର ଆଉ ଏକ ଆକର୍ଷଣୀୟ ଗୁଣ ହେଉଛି ଜଡ଼ିତତା। ଦୁଇଟି କ୍ୟୁବିଟ୍ ଏପରି ଭାବରେ ସଂଯୁକ୍ତ ହୋଇପାରିବେ ଯେ, ସେମାନେ ଯେତେଦୂରରେ ଥିଲେ ମଧ୍ୟ, ଗୋଟିଏକୁ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଅନ୍ୟଟି ପ୍ରଭାବିତ ହୁଏ। ଏହି କ୍ୱାଣ୍ଟମ୍-ଜଡ଼ିତତା ଏପରି ଏକ ଜଟିଳ ବିଷୟ, ଯାହାକୁ ପ୍ରସିଦ୍ଧ ବିଜ୍ଞାନୀ ଆଇନଷ୍ଟାଇନ ଏକ ବିଚିତ୍ର(ସ୍ପୁକି) ଚିନ୍ତାଧାରା ବୋଲି କହିଥିଲେ।

ଭାରତରେ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ ଉପରେ ଗବେଷଣା ୧୯୯୦ରୁ ଆରମ୍ଭ ହୋଇଥିଲା। ଭାରତ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ସଫ୍ଟୱେର୍-କେନ୍ଦ୍ରିକ, ତାତ୍ତ୍ୱିକ ଏବଂ ଆଲଗୋରିଦମିକ୍ ଦିଗଗୁଡ଼ିକରେ ଦୃଢ଼, କିନ୍ତୁ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ହାର୍ଡୱେରର ସମ୍ପୂର୍ଣ୍ଣ ସ୍ୱଦେଶୀ ବିକାଶ ହେଇନାହିଁ। ଏହି କାର୍ଯ୍ୟ ଏକ ନବଜାତ ପର୍ଯ୍ୟାୟରେ ରହିଛି। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ କ୍ୱିବିଟ୍ ଏବଂ ଅନ୍ୟାନ୍ୟ ସହାୟକ ହାର୍ଡୱେର ତିଆରି କରିବା ପାଇଁ ସ୍ୱଦେଶୀ କ୍ଷମତାକୁ ଉନ୍ନୀତ କରିବା ପାଇଁ ପ୍ରୟାସର ବିଶେଷ ଆବଶ୍ୟକତା ଅଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବେ ବି ବିକଶିତ ହେଉଛି। କିନ୍ତୁ ଏଥିରେ ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ ଏବଂ ଔଷଧୀୟ-କ୍ଷେତ୍ରରେ ବିପ୍ଳବ ଆଣିବାର ସମ୍ଭାବନା ଅଛି। ସୁତରାଂ, ଅତୀତର ଜ୍ଞାନ-ଗରିମା ଉପରେ ବହୁତ ତର୍କ-ବିତର୍କ ନ କରି ବର୍ତ୍ତମାନର ଜ୍ଞାନକୌଶଳକୁ ଆଗେଇନେବା ଆମ ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ହେବ। ବର୍ତ୍ତମାନ ନିବେଶକ ଏବଂ ପ୍ରଯୁକ୍ତିବିଦ୍ୱାନଙ୍କ ପାଇଁ କ୍ୱାଣ୍ଟମ୍ ଟେକ୍ନୋଲୋଜିରେ ବିପୁଳ ନିବେଶ କରିବାର ସମୟ ଆସିଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ କ୍ୱାଣ୍ଟମ୍ ଟେକ୍ନୋଲୋଜିର ଭବିଷ୍ୟତର କମ୍ପ୍ୟୁଟିଂ ଏବଂ ସଞ୍ଚାର କ୍ଷମତାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସମ୍ଭାବନା ଅଛି। ଏହା ଭବିଷ୍ୟତ ଜୀବନର ପ୍ରତ୍ୟେକ ଦିଗକୁ ବଦଳାଇ ଦେବ। ●

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରଫେସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ରିମା ଛତ୍ର ମଠ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ମଧ୍ୟଭାରତରେ ରିମା ନାମକ ଏକ ଛୋଟ ରାଜ୍ୟ ଥିଲା। ସେଠାରେ ରଘୁରାଜ ସିଂହ ନାମରେ ଜଣେ ବିଷ୍ଣୁଭକ୍ତ ରାଜା ରାଜତ୍ୱ କରୁଥିଲେ। ରଘୁରାଜ ମର୍ଯ୍ୟାଦାପୁରୁଷ ରଘୁନାଥଙ୍କ ପରି ସୁଶାସକ ଓ ପ୍ରଜାବତ୍ସଳ ଥିଲେ। ପୁରାଣରୁ ସେ ନୀଳାଚଳ ନିବାସୀ ଜଗନ୍ନାଥଙ୍କ ମହିମା ଶୁଣିଥିଲେ। ତେଣୁ ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ରାଜାଙ୍କ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା। କିଛି ପାରିଷଦଙ୍କ ସାଙ୍ଗରେ ନେଇ ରାଜା ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ମହୋଦଧିରେ ସ୍ନାନ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ଶୋଭା ଦର୍ଶନ କରି କୃତ୍ୟକୃତ୍ୟ ହେଲେ। ସମଗ୍ର ବିଶ୍ୱର ସାଙ୍କେତିକ ସ୍ୱରୂପ, ନିରାକାର, ପୁଣି ନରାକାର ମହାପ୍ରଭୁଙ୍କ ରୂପ ତାଙ୍କୁ ବିମୋହିତ କଲା। ସେ କିଛିଦିନ କ୍ଷେତ୍ରରେ ରହି ପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରିବା ପାଇଁ ନିଷ୍ପତ୍ତି ନେଲେ।

ଦିନେ ରାଜା ଦର୍ଶନ ପାଇଁ ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଅରୁଣଚକଡ଼ାରେ ଏକ ଅଦ୍ଭୁତ ଘଟଣା ଘଟିଲା। ଗୋଟିଏ କାଉ ମହାପ୍ରଭୁଙ୍କୁ ଲାଗି ହୋଇଥିବା ଖଣ୍ଡେ ଅମାଲୁ ଧରି ଉଡ଼ି ଆସିଲା। ଅମାଲୁ ଖଣ୍ଡକ କାଉ ଥଣ୍ଟରୁ ରାଜାଙ୍କ ସମ୍ମୁଖରେ ଅକସ୍ମାତ୍ ଖସି ପଡ଼ିଲା। ରାଜା ମହାପ୍ରସାଦ ଖଣ୍ଡକୁ ଉଠାଇ ଆଣିବା ପାଇଁ ହାତ ବଢ଼େଇଲା ବେଳକୁ ଗୋଟିଏ କୁକୁର କାହିଁଥିଲା, ପବନ ବେଗରେ ଆସି ଅମାଲୁରୁ ଖଣ୍ଡେ ନେଇ ଚାଲିଗଲା। କୁକୁର ଅଇଁଠା ହେଲେ ମଧ୍ୟ ମହାପ୍ରସାଦର ପବିତ୍ରତା ହାନି ହୁଏ ନାହିଁ। ସେ ବିଷୟରେ ଶାସ୍ତ୍ରରେ ଅନେକ ପ୍ରମାଣ ଦେଖିବାକୁ ମିଳେ। କିନ୍ତୁ ରାଜା ସେ ବିଷୟରେ ଅଜ୍ଞାତ ଥିବାରୁ ଅମାଲୁ କୁକୁର ଅଇଁଠା ହୋଇଗଲା ବୋଲି ଆଉ ଆଣିଲେ ନାହିଁ। ମହାପ୍ରସାଦକୁ ଅସମ୍ମାନ କରିବା ଅପରାଧ ଯୋଗୁଁ ରାଜା କୁଷ୍ଠ ବ୍ୟାଧିଗ୍ରସ୍ତ ହେଲେ। ରାଜା ଏକଥା ଜାଣିପାରି ପ୍ରଭୁଙ୍କର ଶରଣାଗତ ହେଲେ ଏବଂ କ୍ଷେତ୍ର ଛାଡ଼ି ଗଲେ ନାହିଁ। କିନ୍ତୁ ରାଜ୍ୟର ଭଲମନ୍ଦ କଥା ଭାବି ଭାବି ସେ ଅନେକ ସମୟରେ ଚିନ୍ତିତ ରହୁଥିଲେ। ଅନ୍ତର୍ଯ୍ୟାମୀ ମହାପ୍ରଭୁ ଭକ୍ତର ମନକଥା ଜାଣିପାରିଲେ। ସେ ଦିନେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ଆଦେଶ ଦେଲେ - 'ରାଜା! ମୁଁ ତୁମର ଭକ୍ତିରେ ସନ୍ତୁଷ୍ଟ। ତୁମେ ମୋର କୈବଲ୍ୟ ପ୍ରସାଦ ନେଇ ରାଜ୍ୟକୁ ଫେରିଯାଅ। ମୋର କୈବଲ୍ୟ ସେବନ କରି ତୁମେ ରୋଗମୁକ୍ତ ହେବ।' ରାଜା ମହାପ୍ରଭୁଙ୍କ ଆଦେଶାନୁସାରେ କୈବଲ୍ୟ ନେଇ ରାଜ୍ୟକୁ ଫେରି ଗଲେ। ପ୍ରତିଦିନ ସ୍ନାନପରେ ମହାପ୍ରଭୁଙ୍କୁ ଆରାଧନା କରି କୈବଲ୍ୟ ସେବା କରିବା ପରେ ପାନଭୋଜନ ଗ୍ରହଣ କରୁଥିଲେ। ଅଳ୍ପଦିନ ପରେ ସେ ରୋଗମୁକ୍ତ ହୋଇ ଯିବାରୁ ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତିଭାବ ବହୁଗୁଣିତ ହେଲା।

ତା'ପରେ ରାଜା ପୁଣିଥରେ ଶ୍ରୀକ୍ଷେତ୍ର ଯାଇ ପ୍ରଭୁଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ତାଙ୍କ କ୍ଷେତ୍ର ଓ ଭକ୍ତମାନଙ୍କ ପାଇଁ କିଛି କରିବାକୁ ସଙ୍କଳ୍ପ କଲେ। ସେଦିଗରେ ଉପଯୁକ୍ତ ପ୍ରସ୍ତୁତି ସହ ସେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ସେ ପ୍ରଥମେ ମହାପ୍ରଭୁଙ୍କ ରତ୍ନଭଣ୍ଡାରକୁ ସାଢ଼େସାତ ମହଣ ସୁନା ଦାନ କଲେ। ତା' ପରେ ଷୋଳଶାସନ ଓ ବତିଶ କରବାଡ଼ର ବ୍ରାହ୍ମଣମାନଙ୍କୁ ସାଢ଼େସାତ ମହଣ ସୁନା ଦାନ କଲେ। ଶେଷରେ ସେ ଶ୍ରୀକ୍ଷେତ୍ରରେ ରହି ଠାକୁରଙ୍କୁ ଆରାଧନା କରୁଥିବା ସାଧୁ, ସନ୍ଥ ଓ ମଠ ମହନ୍ତମାନଙ୍କୁ ସମାନ ଓଜନର ସୁନା ଦାନ କରିବାକୁ ଚାହୁଁଥିଲେ। କିନ୍ତୁ ସାଧୁ, ସନ୍ଥ ଓ ମହନ୍ତମାନେ ମହାପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାର କୃପାପ୍ରାର୍ଥୀ ହେବେ ନାହିଁ ବୋଲି ଦୃଢ଼ତାର ସହ ଜଣେଇ ଦେଲେ। ତେଣୁ ରାଜା ସେ ସୁନାକୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନଙ୍କ ପାଇଁ ଅନ୍ନଛତ୍ର ଖୋଲିବା ଉଦ୍ଦେଶ୍ୟରେ ଏମାର ମଠର ମହନ୍ତଙ୍କୁ ଦାନ କଲେ ଏବଂ ନିଜେ ବଡ଼ଦାଣ୍ଡ କଡ଼ରେ ଏକ ଗୃହ ନିର୍ମାଣ କରି ବାସ କଲେ। ପ୍ରଥମେ ଅନ୍ନଛତ୍ର ରାଜାଙ୍କ ବସାପାଖରେ ଆରମ୍ଭ ହୋଇ ଅନେକ ଦିନ ପର୍ଯ୍ୟନ୍ତ ଚାଲିଲା। ତା' ପରେ ଏମାର ମଠପାଖରେ ଏକ ମଣ୍ଡପ ନିର୍ମାଣ କରାଯାଇ ଅନ୍ନଛତ୍ରକୁ ସେଠକୁ ସ୍ଥାନାନ୍ତର କରାଗଲା।

ବଡ଼ଦାଣ୍ଡରେ ନିର୍ମିତ ରିମା ରାଜାଙ୍କ ପ୍ରାସାଦ ପରବର୍ତ୍ତୀ କାଳରେ ଏକ ମଠରେ ରୂପାନ୍ତରିତ ହେଲା ଏବଂ ତାହା 'ରିମା ଛତ୍ର ମଠ' ଭାବରେ ଖ୍ୟାତ ହେଲା। ଏମାର ମଠର ମହନ୍ତଙ୍କ ତଦାରଖରେ ଏ ମଠ ପୂର୍ବେ ପରିଚାଳିତ ହେଉଥିବାରୁ ଏହା ଶ୍ରୀସଂପ୍ରଦାୟର ମଠ ଥିଲା। ଶୁଣାଯାଏ ଯେ ଏମାର ମଠର ମହନ୍ତ ଶ୍ରୀଗଦାଧର ରାମାନୁଜ ଦାସଙ୍କ ସମୟରେ କୌଣସି କାରଣରୁ ମଠର ଅନ୍ନଛତ୍ର ବନ୍ଦ ହୋଇଗଲା। ପରେ ଏହି ମଠ ଶ୍ରୀମନ୍ଦିର ପରିଚାଳନା ସମିତିକୁ ହସ୍ତାନ୍ତରିତ ହେଲା। ●

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ୮ ଛାତ୍ରୀଙ୍କୁ ଅସଦାଚରଣ ଘଟଣା

## ଶିକ୍ଷକ ଫେରାର୍; ପୋକ୍ସୋ ଆକ୍ଟରେ ମାମଲା

**ବାରିପଦା/ବେତନଟୀ,୨୯।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନାବାଳିକା ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ପ୍ରଧାନ ଶିକ୍ଷକଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ପୋକସୋ ଆକ୍ଟ ଅନୁଯାୟୀ (କେସ ନଂ ୩୮୦/୨୫)ରେ ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ନିଲମ୍ବିତ ଶିକ୍ଷକ ଫେରାର୍ ହୋଇଯାଇଥିବାରୁ ପୁଲିସ ଗିରଫ କରିପାରିନାହିଁ।

ସୂଚନାଯୋଗ୍ୟ, ୮ଜଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କୁ ଶିକ୍ଷକ ଶ୍ରୀ ମହାନ୍ତ କୋଳରେ ବସାଇ ଗେଲ କରିବା ଆଳରେ ଅସଦାଚରଣ କରୁଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଶିକ୍ଷକଙ୍କୁ କୈଫିୟତ ତଲବ ଘଟଣା ଏବଂ ପୀଡ଼ିତା ଛାତ୍ରୀଙ୍କ ତଦନ୍ତ ଘଟଣା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ବେତନଟୀ ବିଇଓ ୨୧ ତାରିଖରେ ୧୫ ଦିନିଆ ଅସ୍ଥାୟୀ ନିଲମ୍ବନ କରି ତଦନ୍ତ ଆଦେଶ ଦେଇଥିଲେ। ମାତ୍ର ଘଟଣାକୁ ଚପାଇବା ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନଥିଲା; ଯାହାକୁ ନେଇ ଦୈନିକ 'ସକାଳ'ରେ ଏକ ଖବର ପ୍ରକାଶ ପାଇବା ପରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ପୁଲିସ ମଙ୍ଗଳବାର ସ୍କୁଲକୁ ଯାଇ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କ ବୟାନକୁ ରେକର୍ଡ କରିଛି। ତେବେ ପୂର୍ବରୁ ଏକାଧିକ ସ୍କୁଲରେ ଶିକ୍ଷକଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ବିଭାଗ ପକ୍ଷରୁ ବାରମ୍ବାର ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପୂର୍ବକ ଶିକ୍ଷକଙ୍କୁ ଗିରଫ ଓ ଚାକିରିରୁ ବହିଷ୍କାର କରିବାକୁ ବେତନଟୀ ବ୍ଲକ୍ ଜେଏମ୍ଏମ୍ ପକ୍ଷରୁ ଦାବି କରାଯାଇ ବିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ନିଆଁରେ ପୋଡ଼ି ମହିଳା ମୃତ

### ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ଖଇରା, ୨୯।୭(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ଥାନା କୁପାରୀ ପଞ୍ଚାୟତ ଅଧୀନ କବର ହାତୀମୁଣ୍ଡା ଗ୍ରାମରେ ଜଣେ ବିଧବା ମହିଳା ନିଜ ଦେହରେ ନିଆଁ ଲଗାଇ ପ୍ରାଣ ହରାଇଛନ୍ତି।

ତାଙ୍କ ମୃତ୍ୟୁ ସାଧାରଣରେ ସନ୍ଦେହ ସୃଷ୍ଟି କରିଥିବା ବେଳେ ଭାଇ ସୁକାନ୍ତ ଖଇରା ଥାନାରେ ଦେଇଥିବା ଅଭିଯୋଗରେ ଭଉଣୀଙ୍କୁ ଶାଶୂଘର ଲୋକେ ପୋଡି ମାରିଦେଇଥିବା ଅଭିଯୋଗ କରିଛନ୍ତି। ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଲିକ ଏକ ମାମଲା(୨୨୭/୨୫)ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ଘଟଣାରେ ସଂପୃକ୍ତ ଥିବା ସନ୍ଦେହରେ ମହିଳାଙ୍କ ଦିଅର ଗୋପାଳ ଚନ୍ଦ୍ର ରାଉତ ଓ ଶଶୁର କୈଳାସ ରାଉତ ଓ ଶାଶୂଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି।

ଶାଳଗଡ଼ିଆ ଗ୍ରାମର ଅନନ୍ତ ଦାସଙ୍କ ଝିଅ କୁନି ୨୩ ବର୍ଷ ତଳେ ଉକ୍ତ କବର ଗ୍ରାମର ପ୍ରଫୁଲ୍ଲ ରାଉତଙ୍କୁ ବିବାହ କରିଥିଲେ। ଗତ ୨ବର୍ଷ ତଳେ ପ୍ରଫୁଲ୍ଲଙ୍କ ମୃତ୍ୟୁ ପରେ କୁନିଙ୍କ ମାନସିକ ଅବସ୍ଥା ଠିକ୍ ନଥିଲା। ବିଶେଷ କାମଦାମ କରିପାରୁ ନଥିବାରୁ ଶ୍ୱଶୁରଘର ଲୋକେ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ସକାଳେ ଭଉଣୀ ପୋଡ଼ି ହୋଇ ଆତ୍ମହତ୍ୟା କରିଥିବା ନେଇ ଭାଇ ସୁକାନ୍ତଙ୍କୁ ଖବର ଦେବା ପରେ ସୁକାନ୍ତ ଖଇରା ଥାନାରେ ନ୍ୟାୟ ପାଇଁ ଆଶ୍ରୟ ନେଇଥିଲେ।

## ଅବଶିଷ୍ଟାଂଶ

### ସଂସଦରେ 'ସିନ୍ଦୂର'...

ଶିକ୍ଷା ଦିଆଯାଇଛି। ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସେନାକୁ ପୂରା ସ୍ୱାଧୀନତା ଦିଆଯାଇଥିଲା। ଆମର ସେନା ଆତଙ୍କବାଦର ମାଷ୍ଟରମାଇଣ୍ଡକୁ ଏପରି ଜବାବ ଦେଇଛନ୍ତି ଯେ ସେମାନଙ୍କର ନିଦ ହଜିଯାଇଛି। ବିରୋଧୀ ଦଳଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ କହିଲେ ଯେ ଆମର ସେନା ପାକିସ୍ତାନ ସହିତ ଲଢ଼େଇ କରୁଥିବା ବେଳେ ବିରୋଧୀ ନେତାମାନେ 'ଛିଛୋରାପନ'ରେ ମାତିଥିଲେ। ସେମାନେ ଜାତୀୟ ସୁରକ୍ଷାର ରାଜନୀତିକରଣ କରୁଥିଲେ। ସେ କହିଲେ ଯେ ବିରୋଧୀଙ୍କ ଏଭଳି ଆଚରଣ କେବଳ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପାରିବ। ସେମାନେ କେବେହେଲେ ଦେଶବାସୀଙ୍କ ହୃଦୟ ଜିଣିପାରିବେ ନାହିଁ। ଅପରେସନ ସିନ୍ଦୂରର ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଲେ ଯେ ସବୁଜ ସଙ୍କେତ ମିଳିବା ମାତ୍ରେ ଭାରତୀୟ ସେନା ଲକ୍ଷ୍ୟଭେଦି ଆକ୍ରମଣ କରି ୨୨ ମିନିଟ ମଧ୍ୟରେ ସଫଳତା ପାଇଥିଲେ। ଏପ୍ରିଲ ୨୨ ତାରିଖରେ ପହଲଗାମ ଆକ୍ରମଣ ପରେ ପାକିସ୍ତାନ ଜାଣିଥିଲା ଯେ ଭାରତ ଆକ୍ରମଣ କରିବ। ଏବଂ ଆମେ ଅପରେସନ ସିନ୍ଦୂର ମାଧ୍ୟମରେ ଆମର ଦୃଢ଼ ଇଚ୍ଛାଶକ୍ତିର ପ୍ରଦର୍ଶନ କରିଛୁ। ଭାରତ ପ୍ରମାଣ କରିଦେଇଛି ଯେ କୌଣସି ପରମାଣୁ ବ୍ଲାକମେଲିଂ ଆଗରେ ଭାରତ ମୁଣ୍ଡ ନୁଆଁଇବ ନାହିଁ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଓ ଭିତ୍ତିଭୂମି ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ସେମାନଙ୍କର ଅନେକ ବାୟୁସେନା ଘାଟୀ ଏବେ ଆଇସିୟୁରେ ରହିଛି ବୋଲି ସେ କହିଥିଲେ। ଏହା ଥିଲା ଟେକନୋଲୋଜି ଭିତ୍ତିକ ଯୁଦ୍ଧ। ଗତ ୧୦ ବର୍ଷ ମଧ୍ୟରେ ଆମେ ଏଥିପାଇଁ ପ୍ରସ୍ତୁତ କରିନଥିଲେ, ପାକିସ୍ତାନର ଏଭଳି ଅକଳ୍ପନୀୟ କ୍ଷତି ହୋଇନଥାଆନ୍ତା।

ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ପହଲଗାମ ଆକ୍ରମଣରେ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପି. ଚିଦମ୍ବରମ ପାକିସ୍ତାନକୁ କ୍ଲିନଚିଟ୍ ଦେଇଛନ୍ତି ବୋଲି ଉଲ୍ଲେଖ କରି ଶାହ କହିଲେ ଏଥିରେ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିଲେ, ଏହାର ପ୍ରମାଣ ଆମ ପାଖରେ ରହିଛି। ପହଲଗାମ ଆକ୍ରମଣରେ ସଂପୃକ୍ତ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ସେ କହିଲେ ଯେ ଭାରତର ବିଭାଜନକୁ କଂଗ୍ରେସ ବିରୋଧ କରିଥିଲେ ଯେ ଆଜି ଆତଙ୍କବାଦୀ ହିଂସା ହୋଇନଥାଆନ୍ତା। ସେ କହିଲେ ଯେ ୧୯୪୮ରେ ପାକ୍ ଅଧିକୃତ କଶ୍ମୀରକୁ ପୁଣି ଦଖଲ କରିବା ଲାଗି ଭାରତୀୟ ସେନା ପ୍ରସ୍ତୁତ ଥିବା ବେଳେ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ଏକତରଫା ଭାବେ ଅସ୍ତ୍ରବିରତି ଘୋଷଣା କରିଥିଲେ। ସେହିଭଳି ୧୯୭୧ରେ ପାକିସ୍ତାନର ୯୩ ହଜାର ସୈନ୍ୟ ଆତ୍ମସମର୍ପଣ କରିଥିଲେ ଏବଂ ପାକିସ୍ତାନର ୧୫ ହଜାର ବର୍ଗକିଲୋମିଟର ଭାରତର କବ୍ଜାରେ ଥିଲା। ତଥାପି ପାକ୍ ଅଧିକୃତ କଶ୍ମୀର ଦଖଲ କରାଗଲା ନାହିଁ। ସେ କହିଲେ ଯେ ୨୦୦୫ରୁ ୨୦୧୧ ମଧ୍ୟରେ ଭାରତରେ ୨୭ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। କିନ୍ତୁ ଏହାର ମୁକାବିଲା ଲାଗି ସେତେବେଳେ କଂଗ୍ରେସ ସରକାର କଣ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ। ଏବେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କଲେ ଏହାର କଡ଼ା ଜବାବ ଦିଆଯାଉଛି।

ଅପରେସନ ସିନ୍ଦୂର ବେଳେ ପାକିସ୍ତାନର ମୁକାବିଲା କରିବାରେ ଭାରତ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ ଥିଲା ବୋଲି ଅଭିଯୋଗ କରିଛନ୍ତି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ଲୋକସଭାରେ ଏହି ପ୍ରସଙ୍ଗରେ ଚାଲିଥିବା ଆଲୋଚନାରେ ଭାଗ ନେଇ ରାହୁଲ କହିଲେ ଯେ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରିବା ଲାଗି ଭାରତୀୟ ବାୟୁସେନାକୁ ପଠାଯାଇଥିଲା, କିନ୍ତୁ ପାଇଲଟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ସେମାନେ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବେ ନାହିଁ। ଏହି କାରଣରୁ ଭାରତକୁ କିଛି ଜେଟ୍ ହରାଇବାକୁ ପଡ଼ିଲା। ଏହା ନିଜେ ଭାରତୀୟ ସାମରିକ ଅଧିକାରୀ ସ୍ୱୀକାର କରିଛନ୍ତି। ଅପରେସନ ସିନ୍ଦୂର ବେଳେ ପାକିସ୍ତାନକୁ ଭାରତ କାହିଁକି ଜଣାଇଥିଲା ଯେ ପାକିସ୍ତାନର ପ୍ରତିରକ୍ଷା ପ୍ରତିଷ୍ଠାନକୁ ଆକ୍ରମଣ କରାଯିବ ନାହିଁ। ଏହା ଆମର ଦୁର୍ବଳତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବକୁ ଦର୍ଶାଉଛି। ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନା ସଫଳତା ହାସଲ କରୁଥିବା ବେଳେ କଣ ପାଇଁ ଯୁଦ୍ଧବିରତି କରାଗଲା ବୋଲି ପ୍ରଶ୍ନ ଉଠାଇ ସେ କହିଲେ ଯେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୯ ଥର କହିଲେଣି ଯେ ତାଙ୍କ ଯୋଗୁଁ ଯୁଦ୍ଧବିରତି ହୋଇଛି। ଯଦି ଟ୍ରମ୍ପ ମିଛ କହୁଛନ୍ତି, ତାହେଲେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ମିଛୁଆ କାହିଁକି କହୁ ନାହାନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅପରେସନ ସିନ୍ଦୂରକୁ ୧୯୭୧ ଯୁଦ୍ଧ ସହିତ ରାଜନାଥ ସିଂହଙ୍କ ତୁଳନାକୁ ବିରୋଧ କରି ରାହୁଲ କହିଲେ ଯେ ବାଂଲାଦେଶ ଯୁଦ୍ଧ ବେଳେ ପାକିସ୍ତାନର ବିଭାଜନକୁ ବିରୋଧ କରିବା ଲାଗି ଆମେରିକା ଏହାର ଯୁଦ୍ଧ ଜାହାଜ ଓ ଯୁଦ୍ଧ ବିମାନ ପଠାଇଥିଲା। କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହାକୁ ଖାତିର ନକରି ପାକିସ୍ତାନକୁ ଦୁଇ ଭାଗ କରାଇଥିଲେ। ସେଭଳି ଇଚ୍ଛାଶକ୍ତି ଅପରେସନ ସିନ୍ଦୂର ବେଳେ ନଥିଲା। ଅପରେସନ ସିନ୍ଦୂର ପରେ ଭାରତର କୁଟନୀତିର ସମାଲୋଚନା ରାହୁଲ କହିଲେ ଯେ ଚୀନ ଓ ପାକିସ୍ତାନକୁ ଅଲଗା ରଖିବାରେ ଆମ ନୀତି ବିଫଳ ହୋଇଛି। ଅପରେସନ ସିନ୍ଦୂର ବେଳେ କେବଳ ଭାରତ କେବଳ ପାକିସ୍ତାନ ନୁହେଁ, ଚୀନ ସହ ମଧ୍ୟ ଲଢ଼ିଥିଲା।

ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଲେ ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟିଲା। ଏଥିପାଇଁ କେହି ନିଜ ଉପରକୁ ଦୋଷ ନେଉ ନାହାନ୍ତି କାହିଁକି। ନେହରୁ, ଇନ୍ଦିରା ଓ ସୋନିଆଙ୍କ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ, କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କାହିଁକି ହେଲା, ସେସଂପର୍କରେ କାହିଁକି ନିରବ ରହିଲେ ବୋଲି ପ୍ରିୟଙ୍କା ପ୍ରଶ୍ନ କରିଥିଲେ।

### ବ୍ୟାଙ୍କରେ ୬୭ ହଜାର...

ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ଏବଂ କାନାରା ବ୍ୟାଙ୍କ ୬୨୭୮.୧୪ କୋଟି ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ରହିଛି। ସେ କହିଛନ୍ତି ଯେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କରେ ସର୍ବାଧିକ ୨୦୬୩.୪୫ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଏହା ପଛକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ୧୬୦୯.୫୬ କୋଟି ଟଙ୍କାର ଅଘୋଷିତ ଜମା ଅଛି ଏବଂ ଆକ୍ସିସ୍ ବ୍ୟାଙ୍କରେ ୧୩୬୦.୧୬ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଦାବି ନ ଥିବା ଜମା ରାଶି ପର୍ଯ୍ୟନ୍ତ ପ୍ରବେଶ ବୃଦ୍ଧି କରିବା ଏବଂ ସନ୍ଧାନ ପ୍ରକ୍ରିୟାକୁ ସରଳ କରିବା ପାଇଁ, ଆର୍‌ବିଆଇ ଜନସାଧାରଣଙ୍କ ପାଇଁ ଏକ କେନ୍ଦ୍ରୀୟ ୱେବ୍ ପୋର୍ଟାଲ୍ 'ଉଦ୍‌ଗମ୍' ଆରମ୍ଭ କରିଛି। ଉକ୍ତ ପୋର୍ଟାଲ୍ ପଞ୍ଜୀକୃତ ଉପଭୋକ୍ତାମାନଙ୍କୁ ଏକାଧିକ ବ୍ୟାଙ୍କରେ କେନ୍ଦ୍ରୀୟ ଭାବରେ ଏକ ସ୍ଥାନରେ ଅଘୋଷିତ ଜମା/ରାଶି ପରିମାଣ ଖୋଜିବାର ସୁବିଧା ପ୍ରଦାନ କରେ।

### କେଉଁଠି ରଖିବେ...

ଆଲୋଚନା କରିବା ସହ ଏଫସିଆଇ ଦ୍ୱାରା ଚାଉଳ ସ୍ଥାନାନ୍ତରକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ଖରିଫ ଓ ରବି ଫସଲ ସମେତ ରାଜ୍ୟର ବ୍ୟବହାର ପରେ ବଳକା ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଫସିଆଇର ମନମାନିକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଉପମୁଖ୍ୟମନ୍ତ୍ରୀଙ୍କ ଫେରାଦ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ ପରୋକ୍ଷରେ ସ୍ପଷ୍ଟ କରିଛି।

କେନ୍ଦ୍ର ସରକାର ତଥା ଏଫସିଆଇର ମନମାନି କରାଣରୁ ରାଜ୍ୟ ସରକାର ଦୋଛକିରେ ପଡ଼ିଛନ୍ତି। ଇନପୁଟ ସବସିଡି ସହ ଧାନର ଏମଏସପି ୩୧୦୦ ଟଙ୍କା ଘୋଷଣା କରିବା ପରେ ସରକାରଙ୍କୁ ଧାନ ବିକିବା ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାଯୋଗୁଁ ଗତ ଖରିଫରେ ସରକାର ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଥିବା ସରକାର ଦାବି କରିଥିଲେ। ମାତ୍ର ଏବେ ଏଫସିଆଇ ଚାଉଳ ଉଠାଉ ନଥିବାରୁ ଆସନ୍ତା ଖରିଫରେ ଚାଷୀଙ୍କଠାରୁ ଧାନ କିଣି ସରକାର କଣ କିଣିବେ, ସେନେଇ ଚିନ୍ତା ପ୍ରକାଶ ପାଇଲାଣି। ଅତଏବ ଚାଷୀଙ୍କ ଠାରୁ କମ୍ ଧାନ କିଣିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ, ଇ-କେୱାଇସି ପରି ଜଟିଳ ପନ୍ଥା ଆପଣେଇଛନ୍ତି ବୋଲି ଚାଷୀ ନେତାଏ ସନ୍ଦେହ ପ୍ରକାଶ କରୁଛନ୍ତି। ଅତୀତରେ ବିଜେଡି ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲା, ଦଳୀୟ ସାଂସଦମାନେ ଏହି ପ୍ରସଙ୍ଗ ସଂସଦରେ ଉଠାଇଥିଲେ। ମାତ୍ର ଏବେ ରାଜ୍ୟରୁ ନିର୍ବାଚିତ ୨୦ ସାଂସଦ ଏହି ପ୍ରସଙ୍ଗକୁ ନେଇ ନିରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦଳର ସାଂସଦମାନେ ଏହାକୁ ସଂସଦରେ କାହିଁକି ଉଠାଉ ନାହାନ୍ତି ବୋଲି ରାଜ୍ୟର ଚାଷୀମାନେ ପ୍ରଶ୍ନ କରିଛନ୍ତି।

### ଚଷମାରେ ଗୁପ୍ତ...

ଶ୍ରୀମନ୍ଦିର ଭିତରେ ବୁଲୁଥିଲେ। ତେବେ ସେ ଫଟୋ କ୍ୟାପ୍‌ଚର କରୁଥିବା ପୁଲିସର ସନ୍ଦେହ ହୋଇଥିଲା। ବେହରଣ ଦ୍ୱାର ନିକଟରେ ପୁଲିସ ତାଙ୍କୁ ଅଟକାଇବା ପରେ ସିଂହଦ୍ୱାର ଥାନାକୁ ଆଣିଥିଲା। ସେଠାରେ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ଚଷମାକୁ ଯାଞ୍ଚ କରାଯାଇଥିଲା। ସେଥିରେ ଫଟୋ କ୍ୟାପ୍‌ଚର କରିଛନ୍ତି କି ନାହିଁ, ସେନେଇ ଖୋଳତାଡ଼ କରିଥିଲା ପୁଲିସ। ଯୁବକଜଣଙ୍କ ଅଣ୍ଡରଟେକିଂ ଲେଖି ଦେବା ପରେ ପୁଲିସ ତାଙ୍କୁ ଛାଡ଼ିଥିଲା।

ଏଠାରେ ପ୍ରଶ୍ନ ଉଠୁଛି, ସେହି ଗୁପ୍ତ କ୍ୟାମେରାରେ ସେ ଶ୍ରୀମନ୍ଦିରର ଫଟୋ ଉଠାଇଛନ୍ତି ନା ନାହିଁ? ଏ ସଂକ୍ରାନ୍ତରେ ପୁଲିସ କିଛି ସ୍ପଷ୍ଟ ସୂଚନା ଦେଇ ନଥିବା ବେଳେ ଯୁବକଙ୍କୁ ଛାଡ଼ି ଦିଆଯିବା ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକ ନୂତନ ଜିଲ୍ଲାପାଳ ଦେବ ଜ୍ୟୋତି ପରିଡ଼ାଙ୍କ ସହିତ ଉଠାଇଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଛି।

ଅନ୍ୟପକ୍ଷରେ ଏଏସ୍‌ଆଇ ସୋସିଆଲ ମିଡିଆ ପେଜ୍‌ରେ ଶ୍ରୀମନ୍ଦିର ଭିତର ଫଟୋ ପୋଷ୍ଟ ହେବା, ଭିଆଇପି ଦର୍ଶନ ପାଇଁ ସ୍ଲଟ୍ ବୁକିଂ ଏବଂ ଚଷମାରେ ହିଡେନ୍ କ୍ୟାମେରା ଲଗାଇ ମନ୍ଦିରକୁ ଯିବା ପ୍ରସଙ୍ଗରେ ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ମନ୍ଦିର ପ୍ରଶାସନକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଯେତେ କଠୋର ପଦକ୍ଷେପ ଆବଶ୍ୟକ, ମନ୍ଦିର ପ୍ରଶାସନ ନେଇପାରିବେ। ଏହାସହ ନୀତିକାନ୍ତି ବିଳମ୍ବ ହେବା ଉପରେ ମଧ୍ୟ ମନ୍ଦିର ପ୍ରଶାସନ ତର୍ଜମା କରୁଛି। ସେ ଦିଗରେ ମଧ୍ୟ ତୁରନ୍ତ ପଦକ୍ଷେପ ନିଆଯିବ।

### ସ୍ତ୍ରୀ, ଶାଶୂଙ୍କୁ ମାରି...

ଅନୁମାନ କରୁଛି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଦେବାଶିଷକୁ ପଚରାଉଚରା ଚଳାଇଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ପାରିବାରିକ କଳହ ଯୋଗୁ ସୋନାଲି ସ୍ୱାମୀ ଦେବାଶିଷଙ୍କୁ ଛାଡ଼ି ନିଜ ଘରେ ରହୁଥିଲେ। ଗତ ୧୨ ତାରିଖରେ ସୋନାଲି ତାଙ୍କ ମା' ସୁମତାଙ୍କ ସହ ଦେବାଶିଷଙ୍କ ଘରକୁ ଆସିଥିଲେ। ହେଲେ ଗତ ୧୭ ତାରିଖ ଦିନଠାରୁ ତାଙ୍କର ଆଉ ଖୋଜଖବର ମିଳି ନ ଥିଲା। ଏ ସଂପର୍କରେ ସୋନାଲିଙ୍କ ଭଉଣୀ ଦୁହିଁଙ୍କ ନିଖୋଜ ନେଇ କୁଳିଅଣା ଥାନାରେ ଅଭିଯୋଗ କରିଥିଲେ। ବହୁ ତଦନ୍ତ ପରେ ମଧ୍ୟ କାହାରି ସନ୍ଧାନ ନ ମିଳିବାରୁ ଆଜି ପୁଲିସ ଦେବାଶିଷ ଘରେ ପହଞ୍ଚି ତନାଘନା କରିଥିଲା। ପ୍ରଥମେ ପ୍ରଥମେ ପୁଲିସ୍‌କୁ ଏଣ୍ଡୁତେଣ୍ଡୁ କହି ଦେବାଶିଷ ଫାଙ୍କିଥିଲା। କିନ୍ତୁ ପରେ ପୁଲିସ୍‌ର ନାଲି ଆଖି ଦେଖି ସତ ଓଗାଳିଥିଲା। ଗତ ୧୫ତାରିଖରେ ସେ ସ୍ତ୍ରୀ ଓ ଶାଶୂଙ୍କୁ ପଥରରେ ଛେଚି ହତ୍ୟା କରିବା ପାରେ ମାଟି ତଳେ ପୋତି ଦେଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଥିଲା ଦେବାଶିଷ। ପରେ ପୁଲିସ୍ ଗାତ ଖୋଳି ଲେମ୍ବୁବାଡ଼ିରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲା।

### ମୟୂରଭଞ୍ଜରେ ପ୍ରତିଷ୍ଠା...

ମଧ୍ୟରୁ ୩ ଲକ୍ଷ ୧ ହଜାର ୫୦୦ ହେକ୍ଟର ଜମି ଚାଷ ଉପଯୋଗୀ। ସେଥିମଧ୍ୟରୁ ୨ଲକ୍ଷ ୯୫ହଜର ୭୦୦ ହେକ୍ଟର ଜମିରେ ଚାଷ କରାଯାଏ। ଏଥିମଧ୍ୟରୁ ୯୯ ହଜାର ହେକ୍ଟରରେ ଧାନ ଚାଷ ହେଉଥିବା ବେଳେ ୧ ଲକ୍ଷ ୮ ହଜାର୨୮୦ ହେକ୍ଟର ଜମିରେ ଅଣଧାନ ଚାଷ କରାଯାଏ। ଜିଲ୍ଲାରେ ମୋଟ ଜମିରୁ ୧ଲକ୍ଷ୨ ହାର୬୮୫ ହେକ୍ଟର ଜମି ଖରିଫ ଋତୁରେ ଓ ରବି ଋତୁରେ ୮୭ ହଜାର ୨୮୦ ହେକ୍ଟର ଜମିରେ ବିଭିନ୍ନ ଜଳଉତ୍ସ ମାଧ୍ୟମରେ ଜଳସେଚନ ହେଉଛି।

---

"e" Tender Notice — i-248

PANCHAYAT SAMITI, BALIANTA

E-mail- ori-balianta@nic.in

No.2696/ Date 28.07.2025

DETAIL TENDER CALL NOTICE NO. 02/PSB/2025-26

1. Number of Civil works : 07 (Seven)
2. Estimated Cost : Rs 1167306/- to 2213248/-
3. Period of completion : 03(Three) to 04(Four) Calender Months
4. Availability of Tender online for biding: 31.07.2025 at 11.00 AM to 16.08.2025 up to 5.00 P.M.
5. Last Date /Time of seeking Tender Clarification: 16.08.2025 up to 5.00 P.M.
6. Date & time of opening of Tender: 18.08.2025 at 11.00 A.M.
7. Further the details can be seen from the web site(http://www.tenderodisha.gov.in)

Block Development Officer
Balianta

OIPR-19265/11/0007/2526

---

IDBI BANK — ଆଇଡିବିଆଇ ବ୍ୟାଙ୍କ୍ ଲିଃ. ଖଣ୍ଡଗିରି ଶାଖା, ଭୁବନେଶ୍ୱର, ପିନ୍-୭୫୧୦୩୦

CIN: L65190MH2004GOI148838

**ସର୍ବସାଧାରଣ ନୋଟିସ୍**

ଆମ୍ଭେ ମେସର୍ସ ମା ସି ଫିସ୍ ଟ୍ରେଡିଙ୍ଗ୍ ଆଣ୍ଡ ସପ୍ଲାୟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଗୁରୁ ଏବଂଏବଂ ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁଷମା ରାଣୀ ଗୁରୁଙ୍କ ଏନ୍‌ପିଏ (NPA) ଋଣ ଆକାଉଣ୍ଟ ନିମନ୍ତେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୯୯/୧୧୧୩, ଖାତା ନଂ.: ୬୭, ପରିମିତ କ୍ଷେତ୍ର: ଏକର୦.୦୪୬ଡିସିମିଲି, ମୌଜା: ଅରୁଣୋଦୟ ନଗର, ୟୁନିଟ୍-୩୮, ତହସିଲ/ଏସ୍‌ଆରଓ: କଟକ, ଥାନା: ମଧୁପାଟଣା, ଥାନା ନଂ.: ୫, ଜିଲ୍ଲା: କଟକ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅଶୋକ ସାହୁ, ଦକ୍ଷିଣ: ରାସ୍ତା,ପୂର୍ବ: ବିରା ଗୁରୁ ଏବଂ ପଶ୍ଚିମ: ନାରାୟଣ ଗୁରୁ ତାହାକୁ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ ଜିଲ୍ଲା ମାଜିଷ୍ଟ୍ରେଟ, ଖୋର୍ଦ୍ଧାଙ୍କ ଆଦେଶ ପ୍ରାପ୍ତ କରି କଟକ ପୋଲିସ୍‌ଙ୍କ ସହାୟତାରେ **ତା.୧୮.୦୫.୨୦୨୨**ରିଖରେ ଭୌତିକ (Physical) ଦଖଲ ନେଇଛୁ। ଉପର ଦର୍ଶିତ ଗୃହରେ କିଛି ଘରୋଇ ବ୍ୟବହୃତ ଦ୍ରବ୍ୟ ଥିବାର ଆମ୍ଭ ଦୃଷ୍ଟିକୁ ଆସିଛି ଏବଂ ଆମ୍ଭେ ସଂପୃକ୍ତ ପକ୍ଷମାନଙ୍କୁ ସେଗୁଡିକୁ ନେଇଯିବାକୁ ଜଣାଇ ଦେଇଥିଲୁ କିନ୍ତୁ ସଂପୃକ୍ତ ପକ୍ଷମାନେ କିମ୍ବା ସେମାନଙ୍କର ପ୍ରତିନିଧି ବର୍ତ୍ତମାନ ସୁଦ୍ଧା ଉକ୍ତ ଦ୍ରବ୍ୟଗୁଡିକୁ ନେଇ ନାହାଁନ୍ତି। ତେଣୁ ଆମ୍ଭେ ସଂପୃକ୍ତ ପକ୍ଷମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଉପର ଦର୍ଶିତ ଗୃହରୁ ସେମାନଙ୍କର ଦ୍ରବ୍ୟଗୁଡିକୁ ନିମ୍ନ ସ୍ୱାକ୍ଷରକାରୀଙ୍କଠାରୁ ଏହି ନୋଟିସ୍ ପ୍ରକାଶନର **୧୫ ଦିନ** ମଧ୍ୟରେ ନିଅନ୍ତୁ ଅନ୍ୟଥା କୌଣସି ଦାବୀ ପକ୍ଷମାନଙ୍କ ତରଫରୁ ନାହିଁ ବୋଲି ବ୍ୟାଙ୍କ ବିବେଚନା କରିବ ଏବଂ ଆଇନ ଅନୁସାରେ ଉକ୍ତ ଦ୍ରବ୍ୟଗୁଡିକର ଫଏସଲା ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

କ୍ଷମତାପ୍ରାପ୍ତ ଅଧିକାରୀ

---

O-488

Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com

Letter No. 4144 — Date 21.07.2025

e-Procurement Notice

| | | |
|---|---|---|
| Name of the work | :- | Building Works |
| Total No. of works | :- | 29 (Twenty Nine) No's. |
| Approx. Estimated Cost | :- | Rs. 2.54 lakhs to Rs. 08.47 lakhs |
| Class of Contractor | :- | "C" & "D" Class Contractor |
| Period of completion | :- | 02 (Two) Calender Month |

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | | 6 | |
| Rural Works Division-I, Nabarangpur | EERWNGP – Online -04/2025-26 | 29 (Twenty Nine) No's. | 01.08.2025 at 10.00 AM | 11.08.2025 up to 03.00 PM | 12.08.2025 at 11.00 AM | |

For Details can be seen from the Government website www.tendersorissa.gov.in

Superintending Engineer
Rural Works Division-I, Nabarangpur

OIPR-25092/11/0019/2526

---

O-508 — e-mail – serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

No. 2647 — Dt. 28.07.2025

1st corrigendum

In continuation to this office Bid Identification No- CCERWCSBD Online-07/2025-26 invited vide this office Notice No.2306 Dtd. 03.07.2025, partial modification of TCN has been made as follows:-

| Sl No | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 10.07.2025 at 11.00 AM to 30.07.2025 up to 5.00 Pm | Extended up to 14.08.2025 5.00 Pm |
| 2 | Date and Time of seeking tender clarification if any | 29.07.2025 up to 2.00 PM | 13.08.2025 up to 2.00 PM |
| 3 | Date & Time of opening of tender (Technical Bid) | 31.07.2025 at 11.00 AM | 16.08.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

* Estimated Cost : Varies from Rs.73.95 Lakhs to Rs. 283.61 Lakhs (Approximately) **is revised as Varies from Rs.70.33 Lakhs to Rs.299.10 Lakhs (Approximately).**

All other terms and conditions will remain unaltered.

Chief Construction Engineer,
Rural Works Circle, Sunabeda

OIPR-25182/11/0068/2526

---

C-748

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA.**

e-mail: -eephd.rgda.od@od.gov.in,eephdrgda@gmail.com

NATIONAL COMPETITIVE BIDDING THROUGH e-Procurement

INVITATION FOR BIDS (IFB) NO.EEPHDRAYAGADA-17/2025-26 DT.25.07.2025

| Sl No. | Name of the work | Bid identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Supply & Installation of Flow Meter at Intake Well and different Pump House at Rayagada. | EEPHDRAYAGADA-17/2025-26 Dtd.25.07.2025 | 20.01 | "C" & "B" Class | 02 (Two Months) | 04.08.2025 (11.00 Hr) | 13.08.2025 (17.00 Hr) |

Name & Address of Officer Inviting Bid: **Executive Engineer, P.H. Division, Rayagada.**

Email: eephd.rgda.od@od.gov.in, eephdrgda@gmail.com

- Further details can be seen from the e-Procurement portal "https://www.tendersorissa.gov.in".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

Executive Engineer,
P.H. Division, Rayagda

OIPR-13052/11/0031/2526

---

**AFFIDAVIT**

I, Pradeep Jena, S/o-Dayanidhi Jena, Resident of At-Rahangiria, PO-Biraharekrushnapur, PS-Puri Sadar, Dist-Puri, Odisha 752002, declare by the affidavit No.417 dtd.-23/07/2025 that now onwards I shall be known as **PRADIP KUMAR JENA** for all future purposes.

**AFFIDAVIT**

I, Joyti Ranjan Sharma, S/o-Chandrika Sharma, resident of Bharatpur Plot No - 1729, Khandagarigi, Khordha, Odisha 751003, declare by the affidavit No.22088 dtd.- 16/08/2019 that now onwards I shall be known as ***Jyoti Ranjan Sharma*** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, At-Narasinghpur, dated- 28.07.2025. I, Bisarada Sahoo of Village - Hinjalkhal, Po-Zillinda, Ps-Jodum, Dist-Cuttack declare that I have changed the name of my minor Daughter name from Dipanjali Sahoo to Dipa Sahoo. Henceforth, she shall be known as **Dipa Sahoo** for all purposes.

**AFFIDAVIT**

**I, Purnachandra Nayak Sunksal, S/o Pranabandhu Nayak, resident of Village at - Kunchi, Kurvenagar, Gulli No-8, Behind Kalina church santacruz east Mumbai, Moharastra, Pin - 400029 declare by this affidavit No-7538, dtd. 28.07.2025 that now onwards I shall be known as PURNACHANDRA NAYAK for all future purposes.**

**Sd- PURNACHANDRA NAYAK**

**AFFIDAVIT**

By virtue of an affidavit before Executive Magistrate, Bargarh, bearing affidavit no.- 170 dtd. 30.5.2025, I Smt. Astami Bishi, W/o- Sri Saroj Kumar Bishi, resident of Vill.- Katurkata, Po.- Vijayapalli, Via- Tulandi, Ps.- Tahasil- Barpali, Dist.- Bargarh state that, my daughter's actual name **Smita Rani Bishi**, **D.O.B- 13/01/2017**, but in her Aadhaar Card her name has been wrongly mentioned as Sweta Rani Bishi. henceforth she will be known as **Smita Rani Bishi** for all purposes.

**AFFIDAVIT**

I, Sayed Abdullah Shamsher, S/o- Sayed Ale Murtaza, Resident of At-Azad Mohalla, Nala Road, Rourkela, Dist- Sundargarh, Pin-769001, Odisha declare by this Affidavit No. 91, Dated 28.07.2025, that now onwards I shall be known as **SAYED ABDULLAH SHAMSHER MURTAZA** for all future purposes.

**CHANGE OF NAME**

By virtue of an affidavit before Executive Magistrate, Khordha, bearing affidavit no.1493, dtd.30.05.2025, I Radharani Dalei, W/o-Narayan Dalei, resident of Vill./Po.- Badatota, Ps.- Jatni, Dist.- Khordha, Odisha, Pin-752050 state that, I have changed my minor son's name from **Suresh Dalei** to **Suraj Dalei**. Henceforth he will be knwn as **Suraj Dalei** for all future purposes.

**AFFIDAVIT**

I , RUBITA PARIDA, D/o-Ramesh Chandra Parida, At- Singhol, Po-Khalarda, P.s- Cuttack Sadar, Dist-Cuttack , Pin -753011, Odisha declared by this affidavit No. 7942, dated 28/07/25 that now onwards I shall be known as **Rubita Parida** for all future purposes.

**AFFIDAVIT**

**I, Priya Purnachandra Nayak, W/o Purnachandra Nayak, resident of Village at - Bania, Po- Aruha, Ps- Basudevpur, Dist- Bhadrak, Odisha, Pin - 756168 declare by this affidavit No- 7537, dtd. 28.07.2025 that now onwards I shall be known as PRIYA NAYAK for all future purposes.**

**Sd- PRIYA NAYAK**

---

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/48,ତା.24.07.2025ରିଖ

(1) ଟେଣ୍ଡର ସଂ.eTender-EastKUR-169-2025,ତା.17.07.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ପୂର୍ବ) ସେକ୍ସନ ଅଧୀନସ୍ଥ ବିଭିନ୍ନ ୟାର୍ଡ଼ଗୁଡ଼ିକରେ 3.675 କି.ମି. ନିମନ୍ତେ TRR(S) ଏବଂ 4.46 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 188.53 ଲକ୍ଷ, EMD (ଟଙ୍କାରେ) : 2,44,300/-।

(2) ଟେଣ୍ଡର ସଂ.eTender-SouthKUR-168-2025,ତା.17.07.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଛତ୍ରପୁର-ପଲାସା ସେକ୍ସନର ବିଭିନ୍ନ ୟାର୍ଡ଼ଗୁଡ଼ିକରେ 5.337 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 172.47 ଲକ୍ଷ, EMD (ଟଙ୍କାରେ) : 2,36,200/-।

(3) ଟେଣ୍ଡର ସଂ.e-TenderSouthKUR-167-2025,ତା.16.07.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାଲୁଗାଁ ଏବଂ ଛତ୍ରପୁରମ୍ ଠାରେ TRD କାରଖାନା ତଥା ମଡେଲ OHEକୁ ସ୍ଥାନ ଯୋଗାଇ ଦେବା ପାଇଁ OHE ଏବଂ PSI ଡିପୋଗୁଡ଼ିକର ଉନ୍ନତିକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 170.14 ଲକ୍ଷ, EMD (ଟଙ୍କାରେ) : 2,35,100/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 2 ପାଇଁ) ତଥା 10 ମାସ(କ୍ରମ ସଂ.3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.08.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-409/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Athgarh, dated- 15.07.2025 I Laxmi Narayan Pattanayak of village- Radhadarsanpur, Po-Khuntakata Ps- Athagarh, Dist-Cuttack declare that I have changed the name of my minor Son name from Ram Narayan Pattanayak to Rama Narayan Pattanayak. Henceforth, he shall be known as **Rama Narayan Pattanayak** for all purposes.

**NOTICE (FOR MINOR)**

By virtue of an affidavit sworn before Executive Magistrate, Bhubaneswar, dated 21/07/2025. I, **Sthitapragyan Routray,** Address: B1-111, G.A. Colony, Bharatpur, P.O.- Bharatpur, P.S.-Bharatpur, Bhubaneswar, Dist-Khordha, PIN- 751003, Odisha, declare that I have changed the name of my daughter from **Vanshika Routray to Vanshika P Routray.** Henceforth, she shall be known as **Vanshika P Routray** for all purposes.

**Sthitapragyan Routray**

**AFFIDAVIT**

By virtue of an affidavit sworn before the Executive Magistrate, Ranapur, I **Madhab Chandra Parida,** aged 53 yrs, resident of Vill/Po- Gopalpur, Ps- Ranapur, Dist-Nayagarh, Odisha declared that my son name has been mentioned as **Ritesh Parida** in school record and my name has been mentioned as **Madhab Parida** in Aadhar Card vide No: 9505 8804 4506 my son name has been mentioned as **Hitesh Parida** and my name has been mentioned as **Nirmal Parida**, My sons correct name is **Ritesh Parida** and my correct name is **Madhab Chandra Parida**. Henceforth both name **Ritesh Parida** and **Hitesh Parida** are same and one person and my correct name is **Madhab Chandra Parida** instead of **Nirmal Parida,** my son will be known as **Ritesh Parida** for all future purposes.

**Madhab Chandra Parida**

**AFFIDAVIT**

I, Shailendra Kumar Jain, aged about 51 years, S/o-Tek Chand Jain, resident of Main Road, Kantabanji, Po- Kantabanji, Ps-Kantabanji, Dist- Balangir, Odisha, Pin- 767039 declare by this affidavit No. 1491, dtd. 29/07/2025, that now onwards I shall be known as **SAILENDRA JAIN** for all future purposes

**AFFIDAVIT**

By virtue of an affidavit before The Notary Public, Titilagarh, on dated- 28/07/2025. I, **Bijay Kumar Goel,** aged about 54 years, S/o- Late Chamrulal Agrawal, permanent resident of At- Raghunathpada, Titilagarh, PO- Titilagarh, PS- Titilagarh, Dist- Balangir (Odisha) affirm that, my actual name is **Bijay Kumar Goel,** which has been reflected in the Aadhar Card vide No. 5843 0099 9477 and other relevant document, but in the School Certificate of my daughter namely **Komal Goel** deponent's name has been mentioned as **Bijay Goel** instead of **Bijay Kumar Goel.** Henceforth, both the names **Bijay Goel** and **Bijay Kumar Goel** is same and one person.

**Bijay Kumar Goel**

**ଜମିପଟ୍ଟା ହଜିଛି**

ମୁଁ ଶ୍ରୀ ପ୍ରତାପ ଗର୍ଡ଼ିଆ (୩୮) ,ପିତା - ନବୀନ ଚନ୍ଦ୍ର ଗର୍ଡ଼ିଆ , ଗ୍ରାମ - ଧୁତରା , ପୋ.-ଅର୍ଡା , ଥାନା-ଲଇକେରା , ଜିଲ୍ଲା - ଝାରସୁଗୁଡା ,ଓଡିଶାର ନିବାସୀ ଅଟେ। ମୁଁ ଗତ ତାରିଖ ୨୩ ଜୁଲାଇ ୨୦୨୫ , ବୁଧବାର ଦିନ ସକାଳ ୧୦ . ୩୦ ନିଜ ଗ୍ରାମ ଧୁତରାରୁ କିର୍ମିରାକୁ ଯାଉଥିବା ବେଳେ ନଂ.୭୪୭/୪୭୯୫ , ମୌଜା- ଝାରସୁଗୁଡା , ସତ୍ୟନଗର , ବାଲିଯୋରୀ, ୟୁନିଟ-୨ ନିଜସ୍ୱ ଜମିପଟ୍ଟାଟି ହଜି ଯାଇଛି। କେହି ସହୃଦୟ ବ୍ୟକ୍ତିଙ୍କ ନଜରରେ ଆସିଲେ ମୋ ମୋବାଇଲ ନଂ. ୭୫୪୦୯୪୩୪୬୪ ଯୋଗାଯୋଗ ପାଇଁ ଅନୁରୋଧ।

# ପାଣି ମାଡ଼ରେ ଦବିଲା କଣ୍ଟି ଏସ୍କେପ୍



ବାରିକପୁର,୨୯ ।୭ (ସମିସ): ଚଳିତବର୍ଷ ବୈତରଣୀ ନଦୀରେ ଦ୍ୱୀତୀୟ ବନ୍ୟା ଜଳ ଆସିବା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକର ୭ଟି ପଞ୍ଚାୟତ ପ୍ରଭାବିତ ହୋଇଛି । ବିଶେଷ କରି ଧାନ ଓ ପନିପରିବା ଚାଷ ମଧ ନଷ୍ଟ ହୋଇଛି । ବ୍ଲକର ଝୁଟଣା ଓ ବନ୍ଧାଳମଢିଆଳୀ ପଞ୍ଚାୟତ ଅଞ୍ଚଳ ବୈତରଣୀ ନଦୀ ପଠାରେ ଥିବା ବେଳେ ବନ୍ୟାଜଳ ପ୍ରଥମେ ଏଠାରେ ପ୍ରବେଶ କରିଥିଲା । ପରେ କଣ୍ଟି ଏସକେପ ଅତିକ୍ରମ କରି ରହଣିଆ, ମାଳଦା, ଶୋଳମପୁର, ନପଙ୍ଗ ଓ କୋରିଗାଁ ପଞ୍ଚାୟତକୁ ବନ୍ୟା ଜଳ ପ୍ରବେଶ କରିଥିଲା । ପ୍ରାୟ ୧୨ ଘଣ୍ଟାରୁ ଅଧିକ ସମୟ ଧରି ଚାରି ଫୁଟର ବନ୍ୟା ଜଳ ଏସକେପ ଉପରେ ପ୍ରବାହିତ ହୋଇଥିଲା । ଫଳରେ ଉଭୟ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି । ପ୍ରାୟ ବର୍ଷେ ହେବ ୨.୮୦ ମିଟର ଦୈର୍ଘ୍ୟ ବିଶିଷ୍ଟ କଣ୍ଟି ଏସକେପ କଂକ୍ରିଟ ନିର୍ମାଣ ହୋଇଥିଲା । କଂକ୍ରିଟକୁ ମଜଭୁତ କରିବା ପାଇଁ ନଦୀ ଓ ଖୋଲା ନାଳ ପାର୍ଶ୍ୱରେ ପଥର ପ୍ୟାକି ହୋଇଥିଲା । ଗୋଟିଏ ପଥର ଉପରେ ଗ୍ରାଉଟିଂ ହୋଇଥିବା ବେଳେ ଅନ୍ୟ ପାର୍ଶ୍ୱରେ ତାରଜାଲି ଦ୍ୱାରା ପଥରକୁ ସୁରକ୍ଷା ଦିଆ ଯାଇଥିଲା । ନିର୍ମାଣ ଦିନଠାରୁ ଏଯାଏଁ ଏସକେପର ମରାମତି ହୋଇ ନାହିଁ । ଫଳରେ ଦୁର୍ବଳ ହୋଇଥିଲା । ତେଣୁ ଚଳିତ ବନ୍ୟାରେ ଅଧିକାଂଶ ପଥର ନିର୍ମାଣ ବାହାରି ଯାଇଥିବା ବେଳେ କେତେକ ସ୍ଥାନରେ ଏହା ଦବି ଯାଇଛି । ସିମେଣ୍ଟ ବାଲି ମିଶ୍ରିତ ଗ୍ରାଉଟିଂ ମଧ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଛି । ଏହାଛଡା ତାରଜାଲି ମଧ ଛିଣ୍ଡି ଯାଇଛି । ବନ୍ୟା ସମୟ ଆହୁରି ଦୁଇ ମାସ ରହିଥିବା ବେଳେ ଏହାକୁ ତୁରନ୍ତ ମରାମତି ଜରୁରୀ ହୋଇଛି ।

# ମହିଳା ସୁରକ୍ଷା ଦାବିରେ ବିଜେଡିର 'ଜିଲ୍ଲାପାଳ ଅଫିସ୍ ଚାଲ'




ଭଦ୍ରକ,୨୯।୭ (ସମିସ): ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ନେତୃତ୍ୱ ଓ ପ୍ରାକ୍ତନ ବିଜୁ ମହିଳା ଜନତା ଦଳର ଭଦ୍ରକ ବ୍ଲକ ସଭାନେତ୍ରୀ ଦେବୀଦତା ମହାନ୍ତିଙ୍କ ସଭାପତିତ୍ୱରେ ବିଜୁ ମହିଳା ଜନତା ଦଳ ତରଫରୁ ଆଜି ଦଳର 'ଭଦ୍ରକ ଜିଲ୍ଲାପାଳ ଅଫିସ୍ ଚାଲ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳେ ଟାଉନ୍ ହଲ୍ ଛକରୁ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ । ସେଠାରେ ଶ୍ରୀମତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟରେ ମହିଳା, ଛାତ୍ରୀ ଓ ଶିଶୁମାନେ ଅସୁରକ୍ଷିତ । ରାଜ୍ୟରେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପ୍ରସଙ୍ଗକୁ ନେଇ ବିଜେଡ଼ି ମହିଳା କର୍ମୀମାନେ ସରକାରଙ୍କୁ ଦାୟୀ କରି ଭାଷଣ ରଖିଥିଲେ । ଓଡ଼ିଶାର ରାଜ୍ୟପାଳଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ମହିଳା ଓ ଛାତ୍ରୀ ମାନଙ୍କ ସୁରକ୍ଷା ଦାବୀରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧକ୍ଷା ଗୁଲମକ୍ସି ଦଲାୱାଜି ହବିବ, ପ୍ରାକ୍ତନ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସୁଶ୍ରୀ ବିଦ୍ୟୁତଲତା ନାୟକ, ବିଜେଡ଼ି ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ଭଦ୍ରକ ଟାଉନ୍ ସଭାପତି ଏମ୍‌ଡି ଜକାଉଲ୍ଲା, ସରପଞ୍ଚ ତିଲୋତ୍ତମା ମହାପାତ୍ର, ପଦ୍ମାବତୀ ପୃଷ୍ଟି, ମୀନାରାଣୀ ମହାଳିକ, ଅନସୂୟା ସେଠୀ, ବାସନ୍ତୀ ଜେନା, ସୁଚିସ୍ମିତା ସାହୁ, ଉର୍ମିଳା ଜେନା, ଗୌରୀ ମଲ୍ଲିକ, ରାଜଲକ୍ଷ୍ମୀ ଦାସ, ଜ୍ୟୋତ୍ସ୍ନା ମଞ୍ଜରୀ ରାଉତ, ନାଜନିନ ଆଲମ, ରିହାନା ବିବି, ବିଶୁ ନାୟକ, ଯୋଗେନ୍ଦ୍ର ଘଡେଇ, ଅକ୍ଷୟ କୁମାର ମହାନ୍ତି, ରମେଶ ବେହେରା, କ୍ଷୀରୋଦ ଚନ୍ଦ୍ର ଦାସ, ଦିଲ୍ଲୀପ ନାୟକ, ସୁଧାକର ମହାଳିକ, ଜାହିଦ ହବିବ, ପ୍ରିୟବ୍ରତ ନାୟକ, ଫରହାତ୍ ଆଲମ ଖାନ, ସାହୀଦ ଖାନ, ଅଞ୍ଜନ ଜେନା, ମନୋରଞ୍ଜନ ପୁହାଣ, ମେହେବୁବ ଖାନ, ଜାହିରୁଦ୍ଦିନ ଖାନ, ରଘୁନାଥ ପଣ୍ଡା ପ୍ରମୁଖ ବହୁ କର୍ମକର୍ତ୍ତା ଏବଂ କର୍ମୀ ସାମିଲ ହୋଇଥିଲେ ।

**ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ମୁଖ୍ୟ କିରାଣି**

# ଜିଲ୍ଲାପାଳଙ୍କ ଅଫିସରେ ଆତ୍ମହତ୍ୟା କରିବାକୁ ଚେତାବନୀ



ଧାମନଗର/ଦୋବଲ,୨୯ ।୭ (ସମିସ): ଭଦ୍ରକ ଜିଲ୍ଲାପାଳଙ୍କ ଅଫିସରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ସାମନାକୁ ଆସିଛି । ଧାମନଗର ବ୍ଲକର ଜଣେ କାର୍ଯ୍ୟରତ ବରିଷ୍ଠ ତଥା ମୁଖ୍ୟ କିରାଣିଙ୍କୁ ବାରମ୍ବାର ବଦଳି କରି ମାନସିକ ନିର୍ଯାତନା ଅଭିଯୋଗ ଆଣିବା ସହିତ ଜିଲ୍ଲାପାଳଙ୍କ ଅଫିସରେ ଆତ୍ମହତ୍ୟା କରିବାକୁ ଗଣମାଧମ ଆଗରେ ପ୍ରକାଶ କରିଛନ୍ତି କଟନ ସିଂ । ବିଭିନ୍ନ ସମୟରେ ତାଙ୍କୁ ଲାଞ୍ଚ ମାଗିବା ଓ ନ ଦେବାରୁ ଏଷ୍ଟାବ୍ଲିସମେଣ୍ଟ ବିଭାଗ ଅଧିକାରୀ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ସେ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ, ଜିଲ୍ଲାପାଳ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିକଟକୁ ଚିଠି ମାଧମରେ ଅଭିଯୋଗ ଜଣାଇଛନ୍ତି । ହେଲେ କୌଣସି ଫଳାଫଳ ପାଇଲେ ନାହିଁ । ସେ ବରିଷ୍ଠ ହୋଇଥିଲେ ସୁଦ୍ଧା ତାଙ୍କୁ ପଦୋନ୍ନତି ଦିଆଯାଉ ନାହିଁ । ସେ କୌଣସି ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ସେଥିଲାଗି ତାଙ୍କୁ ହଇରାଣ କରାଯିବା ସହ ପ୍ରମୋସନ ଦିଆଯାଉ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଏନେଇ ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ପ୍ରମିଳା ମଲ୍ଲିକଙ୍କୁ ପଚାରିବାରୁ ଶ୍ରୀ ସିଂହଙ୍କ ନାମରେ ମାଳମାଳ ଅଭିଯୋଗ ରହିଛି । ସେଥିପାଇଁ ତାଙ୍କର ପଦୋନ୍ନତି ହେଉନାହିଁ ବୋଲି କହିଛନ୍ତି । ତେବେ ତାଙ୍କ ନାମରେ ଯେଉଁ ଦୁର୍ନୀତି ଅଭିଯୋଗ ଆଣିଛନ୍ତି, ତାହାର କୌଣସ ସତ୍ୟାସତ୍ୟ ନାହିଁ ବୋଲି ଶ୍ରୀ ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ଭଦ୍ରକ,୨୯ ।୭ (ସମିସ): ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନକ୍ରମେ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ଖିଲାରଙ୍କ ନେତୃତ୍ୱରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । କିଛିଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣା କ୍ରମାଗତ ବଢିଚାଲିଛି । ଏହାକୁ ନେଇ ସାରା ରାଜ୍ୟରେ ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ରାଜ୍ୟରେ "ସାମ୍ବାଦିକ ସୁରକ୍ଷା ଆଇନ' ପ୍ରଣୟନ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତାଙ୍କ ସମେତ ୨୫ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ସାମିଲ କରିବା, ୬୦ ବର୍ଷରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କ ପାଇଁ ପେନ୍‌ସନ ଲାଗୁ କରିବା ଆଦି ଦାବିରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଜିଲାର ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳ ଶ୍ରୀ ରାଉତରାଏ ସହିତ ସଂଘ ପକ୍ଷରୁ ଆଲୋଚନା କରାଯାଇଥିଲା । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରମୋଦ ରାୟ, ନରେନ୍ଦ୍ର ସାମଲ,ଅପୂର୍ବରଞ୍ଜନ ବେହେରା, ଅଶ୍ୱିନୀ ପାଢ଼ୀ, ସାଧନ ଧର, କାଳିପଦ ରାୟ,ସେକ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ସୁଜୟ ପାକଳ, ସଞ୍ଜୟ ଦାସ, ଦୁର୍ଯ୍ୟୋଧନ ଲେଙ୍କା, ଜଗନ୍ନାଥ ବେହେରା, ପୁନିଲ ସାମନ୍ତ, ଅବଦୁଲ ଫିରୋଜ ଖାଁ, ଅଶୋକ ସାହୁ, ସୀତାକାନ୍ତ ବିଶ୍ୱାଳ, କାହ୍ନୁ ଜେନା, ଅଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

**ଜଳଖିଆ ଆଣିବାକୁ ଯାଇ ନାବାଳିକା ନିଖୋଜ**

# ଫାଇଲ ତଳେ ଏତଲା ଚାପିରଖିଛି ପୁଲିସ



ବାସୁଦେବପୁର,୨୯ ।୭ (ସମିସ): ସାରା ଓଡ଼ିଶାରେ ଏବେ ନାରୀ ଅସୁରକ୍ଷିତ । ଗୋଟିଏ ପରେ ଗୋଟିଏ ଘଟଣା ଆସୁଛି ପଦାକୁ । କେଉଁଠି ଅପହରଣ ତ ପୁଣି କେଉଁଠି ନ୍ୟାୟ ପାଇଁ ଗୁହାରି କରି କରି ନିରାଶ ହୋଇ ଆତ୍ମହତ୍ୟା କରୁଛନ୍ତି । ପୁଣି ଏକ ନାବାଳିକା ଅପହରଣ ବାସୁଦେବପୁରରେ ଘଟିଛି । ବାସୁଦେବପୁର ବଜାରକୁ ୧୪ ତାରିଖ ସକାଳେ ଜଳଖିଆ ଆଣିବାକୁ ଯାଇଥିବାବେଳେ ଜଣେ ନାବାଳିକା ନିଖୋଜ ହୋଇଯାଇଛନ୍ତି । ଖୋଜାଖୋଜି କରି ନିରାଶ ହେବା ପରେ ୧୬ ତାରିଖ ବାସୁଦେବପୁର ଥାନାର ଲିଖିତ ଅଭିଯୋଗ ହୋଇଛି । ପୁଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ କରିବା ବଦଳରେ ଫାଇଲ ତଳେ ଚାପି ରଖିଛି ଏତଲା କପି । ବାସୁଦେବପୁର ପୌରପାଳିକାର ଅଟଳ ବିହାରୀ ଛକ ପଦ୍ମାବତୀ ଦାସଙ୍କ ଘର । ସ୍ୱାମୀ ନିରେନ୍ ଦାସଙ୍କ ସହିତ ତାମିଲନାଡୁର ଏକ କମ୍ପାନୀର କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ନିରେନ୍‌ଙ୍କ ଦେହ ଅସୁସ୍ଥ ହେବାରେ ସପରିବାର ଘରକୁ ବାସୁଦେବପୁର ଫେରିଆସିଥିଲେ । ନିରେନଙ୍କ ପରିବାର କହିଲେ ପତ୍ନୀ ପଦ୍ମାବତୀ, ନାବାଳକ ପୁଅ ଓ ନାବାଳିକା ଝିଅ । ନୀରେନ୍‌ଙ୍କ ମୃତ୍ୟୁ ଘଟିବା ପରେ ଭାଙ୍ଗି ପଡିଛି ପରିବାର । ଜୁଲାଇ ୧୪ ତାରିଖରେ ସକାଳେ ନାବାଳିକା ବାସୁଦେବପୁର ବଜାରକୁ ଜଳଖିଆ ଆଣିବାକୁ ଯାଇଥିଲେ । ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ଆରମ୍ଭ ହୋଇଥିଲା ଖୋଜାଖୋଜି । ନାବାଳିକା ଜଣକ ନିଖୋଜ ହେବାର ଦୁଇ ଦିନ ପରେ ୧୬ ତାରିଖ ବାସୁଦେବପୁର ଥାନାର ଲିଖିତ ଏତାଲା କରିଥିଲେ । ନାବାଳିକା ଝିଅଟି ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ । ଝିଅକୁ ନ ପାଇ ବିଧବା ମାଆ ଥାନାକୁ ୫.୬ ଥର ତଦନ୍ତକାରୀ ଅଧିକାରୀଙ୍କୁ ନପାଇ ନିରାଶ ହୋଇ ଫେରିଛନ୍ତି ବୋଲି କହିଛନ୍ତି । ଏ ସମ୍ପର୍କରେ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଯୋଗାଯୋଗ କରିବାରୁ ମୋ ପାଖକୁ ଏହି ଅଭିଯୋଗ ଆସିନାହିଁ । ତୁରନ୍ତ ଘଟଣାର ଅନୁସନ୍ଧାନ କରୁଛି ବୋଲି କହିଛନ୍ତି ।

# ଶିକ୍ଷାବିତ୍ ଡ. କୃଷ୍ଣଚରଣ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୨୯ ।୭ (ସମିସ): ଜଣେ ସୁଖ୍ୟାତ ଲେଖକ ଭାବରେ କେବଳ ନୁହେଁ, ଜଣେ ଗବେଷକ, ସମ୍ପାଦକ ଓ ଶିକ୍ଷାବିତ ଭାବରେ ଡ. କୃଷ୍ଣଚରଣ ବେହେରାଙ୍କ ସ୍ମୃତି ଆଗାମୀ ପିଢି ପାଇଁ ପ୍ରେରଣାର୍ ଉତ୍ସ ବୋଲି ତାଙ୍କ ସ୍ମୃତିସଭାରେ ମତପ୍ରକାଶ ପାଇଛି । ସ୍ମୃତି ସଂସଦର ସଭାପତି ଭାବେ ଡ. ବାସୁଦେବ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଓ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ଓ ପ୍ରେମ ପୃଥିବୀର ସମ୍ପାଦକ କୈଳାସଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଡକ୍ଟର ରାଧାରାଣୀ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସାହିତ୍ୟିକ ତଥା ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ଡ. କୃଷ୍ଣଚରଣ ବେହେରା ସ୍ମୃତି ସମ୍ମାନ ଏବଂ ଗାଳ୍ପିକ ସୁରେଶ ଛୋଟରାୟଙ୍କୁ ଶୁଭକାନ୍ତ ବେହେରା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । କବୟିତ୍ରୀ ଚୈତାଳି ଖିଲାର ଓ ସଂଯୁକ୍ତା ବଳ ମାନପତ୍ର ପାଠ କରିଥିଲେ । ସେହିପରି ଚଳିତ ବର୍ଷ ଓଡ଼ିଆ ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖିଥିବା ଶୁଭସ୍ମିତା ବାରିକ ଓ ଶୁଭଲକ୍ଷ୍ମୀ ମଲ୍ଲିକଙ୍କୁ ଅର୍ଥ ରାଶି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । କବି କିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍ୟୋଗୀ ବିକାଶ କର୍ମଶାଳା ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୨୯ ।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ୧୨ ଦିନିଆ ଉଦ୍ୟୋଗୀ ବିକାଶ କର୍ମଶାଳା ମଙ୍ଗଳବାର ଉଦଯାପିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଅୂଲ୍ୟ କୁମାର ନାୟକ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ଏଥିରେ ପୂର୍ବତନ ସମିତି ସଭ୍ୟ ସୁରେଶ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ପ୍ରତିଭାମାନଙ୍କ ନିକଟରେ ଅର୍ନ୍ତନିହିତ ଗୁଣର ବିକାଶ କରି ଉଦ୍ୟୋଗୀ ଭାବେ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ୧୨ଜଣ ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ରୂପଶ୍ରୀ ପଣ୍ଡା, ଗୀତା ସେଠୀ, ସତ୍ୟଜିତ ମହାପାତ୍ର, ଗୟାଧର ପଣ୍ଡା, ରାଜେଶ ପାଣି, ଗଣେଶ ଜେନା ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



ଦୋବଲ,୨୯ ।୭ (ସମିସ): ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ କୁଣ୍ଡୁ (୭୮)ଙ୍କ ସୋମବାର ବିଳମ୍ବିତ ରାତିରେ ବାର୍ଦ୍ଧକ୍ୟ ଜନିତ ପରଲୋକ ଘଟିଛି । ସେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ସମସ୍ତଙ୍କ ପ୍ରିୟପାତ୍ର ଥିଲେ । ତାଙ୍କ ବିୟୋଗ ଖବର ପାଇ ଦୋବଲ ସରପଞ୍ଚ ଅଶୋକ ପଣ୍ଡା, ବିଜେଡ଼ି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସମିତିସଭ୍ୟ ସୁଶାନ୍ତ ପଣ୍ଡା, ଆଇନଜୀବୀ ଦେବାଶିଷ ସାମଲ, ରଣଜିତ ମହାନ୍ତି, ଶିକ୍ଷାବିତ ହୃଦାନନ୍ଦ କର, ଭୋଳାନାଥ ସାହୁ, ପ୍ରମୋଦ କୁମାର ନାୟକ, ସଞ୍ଜିତ ସାହୁ, ସାମ୍ବାଦିକ ପ୍ରଦୀପ ମହାପାତ୍ର, ପ୍ରଶାନ୍ତ ସାହୁ, ସମାଜସେବୀ ସେକ୍ ତାଜୁଦିନ, ରତ୍ନାକର ସାହୁ, ଦବିରୁଦ୍ଦିନ୍ ଖାଁ ପ୍ରମୁଖ ଯୋଗଦେଇ ଶୋକ ସନ୍ତପ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ ।

# ବଂଶାବଳୀ ପ୍ରଦାନରେ ବିଳମ୍ବ ଯୋଗୁ ହୋଇପାରୁନି ଚାଷୀ ପଞ୍ଜୀକରଣ

ଭଣ୍ଡାରିପୋଖରୀ,୨୯।୭ (ସମିସ): ଭଣ୍ଡାରିପୋଖରି ବ୍ଲକର ୧୬ଟି ଅନୁମୋଦିତ ମଣ୍ଡିରେ ୨୦୨୫-୨୬ ଖରିଫ ଧାନକ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି । ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣର ସମୟସୀମା ୨୫ ଦିନ ଧାର୍ଯ୍ୟ କରାଯାଇଛି । ସେଥିମଧ୍ୟରୁ ୧୧ ଦିନ ଅତିକ୍ରାନ୍ତ ହୋଇଛି । ୨୯ ତାରିଖ ମଙ୍ଗଳବାର ସୁଦ୍ଧା ବ୍ଲକସ୍ତରରେ ମୋଟ ୧୯୦୫ ଚାଷୀ ପଞ୍ଜିକୃତ ହୋଇଛନ୍ତି । ବାଲିପୋଖରୀ ପାକ୍ସ ମଣ୍ଡିରେ ୯୫, ଜଳମଣ୍ଡୁଆ ପାକ୍ସ ମଣ୍ଡିରେ ୨୭୬, ମାଳଦା ପାକ୍ସ ମଣ୍ଡିରେ ଜଣେ, ନାଥାମୀ ପାକ୍ସ ମଣ୍ଡିରେ ୧୪୧, ନାରାୟଣପୁର ପାକ୍ସ ମଣ୍ଡିରେ ୧୭୯, ନେରଡା ପାକ୍ସ ମଣ୍ଡିରେ ୭୨, ରହଣିଆ ପାକ୍ସ ମଣ୍ଡିରେ ୩୨୩, ତେସିଙ୍ଗା ପାକ୍ସ ମଣ୍ଡିରେ ୩୯, ଆଦିଶକ୍ତି ଏସ.ଏସ.ଜି. ମଣ୍ଡିରେ ୯୦, ଆସ୍ଥାମନ୍ତ୍ରବାସିନୀ ଏସ.ଏସ.ଜି. ମଣ୍ଡିରେ ୧୮୧, ମା ବଡମ୍ବା ଏସ.ଏସ.ଜି. ମଣ୍ଡିରେ ୭୧, କୋରିଗାଁ ମା' ଦୁର୍ଗା ଏସ.ଏସ.ଜି. ମଣ୍ଡିରେ ୫୭, ବୟାବନାପୁର ମା ଦୁର୍ଗା ଏସ.ଏସ.ଜି. ମଣ୍ଡିରେ ୭୫, ଓମ୍ ବାବାମଣି ଏସ.ଏସ.ଜି. ମଣ୍ଡିରେ ୯୯, ଶକ୍ତିସ୍ୱରୂପା ଏସ.ଏସ.ଜି. ମଣ୍ଡିରେ ୭୯ ଓ ସିରିଡିସାଇ ଏସ.ଏସ.ଜି. ମଣ୍ଡିରେ ୧୨୭ ଚାଷୀ ପଞ୍ଜିକରଣ କରାଯାଇଛି । ୨୦୨୪-୨୫ ବର୍ଷର ପଞ୍ଜୀକରଣ ତୁଳନାରେ ଚଳିତ ବର୍ଷ ଅଦ୍ୟାବଧି ପଞ୍ଜିକରଣ ୧୮ ପ୍ରତିଶ । ଏଭଳି ନୈରାଶ୍ୟଜନକ ପଞ୍ଜିକରଣ ପାଇଁ ପଞ୍ଜିକୃତ ହେବାକୁ ଥିବା ଜମିର ମୃତମାଲିକଙ୍କ ଆଇନଗତ ଉତ୍ତରାଧିକାରୀ ଅଥବା ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ବଂଶାବଳୀ ଆବଶ୍ୟକ । ଅଧିକାଂଶ ଚାଷୀ ବଂଶାବଳୀ ଉପରେ ନିର୍ଭରଶୀଳ । ରାଜସ୍ୱ ନିରୀକ୍ଷକମାନେ ଏଥିପାଇଁ ଅମଙ୍ଗ ହେଉଥିଲେ । ମାତ୍ର ଜିଲ୍ଲାପାଳଙ୍କ ପକ୍ଷରୁ ଗତ ୨୩ ତାରିଖରେ ଆଦେଶ ସଂଖ୍ୟା ୪୨୪୯ ଜାରି ହେବାପରେ ରାଜସ୍ୱ ନିରୀକ୍ଷକମାନେ ମନା କରୁ ନ ଥିଲେ ବି କ୍ଷେତ୍ରୀୟସ୍ତରକୁ ଯାଇ ସଠିକ ବଂଶାବଳୀ ପ୍ରସ୍ତୁତ କରି ପ୍ରଦାନ କରିବା ଭଳି କଷ୍ଟକର କାର୍ଯ୍ୟକୁ ସମ୍ପାଦନ କରିବାକୁ ସମୟ ଗଡାଇ ଚାଲୁଥିବା ଦେଖାଯାଇଛି । ସରଳ ଜମିପଟ୍ଟାର ଚାଷୀମାନେ ପଞ୍ଜିକରଣ କରୁଥିବା ବେଳେ ଏହି ବର୍ଗର ଜମିମାଲିକମାନେ ଉତ୍ତରାଧକାରୀ ସାବ୍ୟସ୍ତ ପାଇଁ ବଂଶାବଳୀକୁ ଅପେକ୍ଷା କରିରହିଛନ୍ତି ।

**ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

# ନାହାନ୍ତି ଡାକ୍ତର ଓ ନର୍ସ; ବନ୍ୟାଞ୍ଚଳରେ ସେବା ବିପର୍ଯ୍ୟସ୍ତ




ବାରିକପୁର,୨୯ ।୭ (ସମିସ)

ମଣିଷ ପାଇଁ ଖାଦ୍ୟ, ବାସଗୃହ ଓ ସ୍ୱାସ୍ଥ୍ୟ ହେଉଛି ମୌଳିକ ଆବଶ୍ୟକତା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଠିକ ସ୍ୱାସ୍ଥ୍ୟ ସେବା ବିନା ସାଧାରଣ ଲୋକଟିଏ ନାନାଦି ଯନ୍ତ୍ରଣା ଭୋଗ କରିଥାଏ । ତେଣୁ ଗ୍ରାମାଞ୍ଚଳରେ ଉଚିତ ଚିକିତ୍ସା ଯୋଗାଇ ଦେବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାନ ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ଲୋକେ ଠିକ୍‌ଭାବେ ସେବା ପାଉନାହାନ୍ତି । ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ବିରୋଳି ଜନଆରୋଗ୍ୟ ମନ୍ଦିର ତଥା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ । ବୈତରଣୀ ନଦୀର କଟିଂ ଏସକେପ ମୁହଁ ତଥା ଗେଙ୍ଗୁଟି ନଦୀର ପଠା ଉପରେ ସ୍ୱାସ୍ଥ୍ୟ କେନ୍ଦ୍ରଟି ଅବସ୍ଥିତ ଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶେଷକରି ବନ୍ୟାପ୍ରବଣ ଅଞ୍ଚଳରେ ଏହି ଡାକ୍ତରଖାନା ରହିଥିବା ବେଳେ ଏଠାକୁ ଦୈନିକ ଶହଶହ ରୋଗୀ ଆସିଥାନ୍ତି । ବିରୋଳି ଗାଁ ସହିତ ଶାସନ, ଜଳହରି, ସାରଣା,ମାଳଦା, ଚତୁର୍ଭୁଜପୁର, ଚାଙ୍ଗୁଆ, ବାହାଣିଆ, ଦାଣ୍ଡକୂଳ, ଟିଖିଲିଆ, ଷଠଗାଁ, ଷୋଳମପୁର ପ୍ରମୁଖ ଗ୍ରାମର ଲୋକେ ଏହି ମେଡିକାଲ ଉପରେ ନିର୍ଭରଶୀଳ । ଏହାଛଡା ପଡୋଶୀ ଧାମନଗର ବ୍ଲକର ଆନନ୍ଦପୁର, କାଞ୍ଜିଆପାଳ, ପାହାଡପୁର ଗ୍ରାମର ମଧ କେତେକ ରୋଗୀ ଆବଶ୍ୟକସ୍ଥଳେ ନିର୍ଭର କରିଥାନ୍ତି । ତେବେ ଏହି କେନ୍ଦ୍ରରେ ଦୀର୍ଘ ବର୍ଷ ହେବ ଡାକ୍ତର ନ ଥିବା ବେଳେ ଷ୍ଟାପ ନର୍ସ ମଧ କେହି ନାହାନ୍ତି । ସେହିପରି ସ୍ୱାସ୍ଥ୍ୟ କର୍ମୀ, ଡ୍ରେସର, ଫାର୍ମାସିଷ୍ଟ ପଦବୀ ମଧ ଖାଲି ପଡ଼ିଛି । ସାଧାରଣ ଝାଡ଼ାବାନ୍ତି ହେଲେ ଲୋକେ ଯାଜପୁର ମେଡିକାଲ ଯିବାକୁ ବାଧ ହେଉଛନ୍ତି । ଡାକ୍ତର ଓ କର୍ମଚାରୀ ଅଭାବରୁ ବନ୍ୟା ସମୟରେ ରୋଗୀ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି । ଆୟୁଷ ଡାକ୍ତରଙ୍କ ସହିତ ଜଣେ ନିଦାନ ଟେକ୍ନିସିଆନ ଓ ଅନ୍ୟ ଜଣେ କର୍ମଚାରୀଙ୍କୁ ନେଇ କଷ୍ଟେମଷ୍ଟେ ମେଡିକାଲଟି ଚାଲିଛି । ଏହାଛଡା ପ୍ରାଥମିକ ଅର୍ନ୍ତବିଭାଗ ଗୃହ, ପାଚେରୀ, କର୍ମଚାରୀ ଗୃହ ଏଯାଏଁ ନିର୍ମିତ ହୋଇନାହିଁ । ତେଣୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

**ସେମାନେ ଯାହା କୁହନ୍ତି...**



■ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ସହିତ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ପଞ୍ଚାୟତ ସମିତି ବୈଠକରେ ଡାକ୍ତର ନିଯୁକ୍ତି ପାଇଁ ଦାବି କରିଛି । ଏହାଛଡା ଅନ୍ୟାନ୍ୟ କର୍ମଚାରୀ ଯୋଗାଇ ଦେବାକୁ ମଧ କୁହାଯାଇଛି । ହେଲେ ଆଜିଯାଏଁ କେହି ଦୃଷ୍ଟି ଦେଉନାହାନ୍ତି ।

-- ପରମାନନ୍ଦ ନାୟକ, ସରପଞ୍ଚ, ଷୋଳମପୁର ପଞ୍ଚାୟତ



■ ୧୫/୨୦ ଖଣ୍ଡଗାଁର ଲୋକେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭରଶୀଳ । ଏବେ କେବଳ ଆୟୁଷ ଡାକ୍ତର ଜଣଙ୍କ ଯେତିକି ସେବା ଯୋଗାଉଛନ୍ତି ସେତିକି । ସାମାନ୍ୟ ଝାଡ଼ାବାନ୍ତି ହେଲେ ଶଯ୍ୟା ନ ଥିବା ଯୋଗୁଁ ଲୋକେ ସାଲାଇନ ପାଇଁ ଯାଜପୁର ଯାଉଛନ୍ତି ।

-ପ୍ରମୋଦ କୁମାର ମିଶ୍ର, ବରିଷ୍ଠ ନାଗରିକ



■ ଡାକ୍ତର ଅଭାବ ଯୋଗୁଁ ଠିକ ସ୍ୱାସ୍ଥ୍ୟ ସେବା ମିଳୁନାହିଁ । ଏପରିକି ବନ୍ୟା ସମୟରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣ ଇଞ୍ଜେକ୍ସନଟିଏ ଦେବା ପାଇଁ ସେବିକା ଜଣେ ମଧ କେହି ନାହାନ୍ତି । ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଥାଇ ଲାଭ କଣ ।

- ଅଜୟ କୁମାର ଜେନା, ଜନଆରୋଗ୍ୟ ସମିତି ସଭ୍ୟ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ଖୁବଶୀଘ୍ର

## ପୁରୁଣା ଡିଏଚ୍‌ଏଚ୍‌କୁ ସିଟି ହସ୍ପିଟାଲ ମାନ୍ୟତା ଲାଗି ଦାବି ଉଠିଲା

ଭଦ୍ରକ, ୨୯ ।୭ (ସମିସ)




ଆଉ ଦିନ କେଇଟା ପରେ ୧୯୯୩ରେ ଜିଲ୍ଲା ମାନ୍ୟତା ପାଇଥିବା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦୀର୍ଘ ୩୧ବର୍ଷ ପରେ ସ୍ଥାନାନ୍ତର ହେବ। ପୂର୍ବ ସରକାର ଅମଳରେ ୧୪୬କୋଟି ଟଙ୍କା ବ୍ୟୟରେ ସହର ଉପକଣ୍ଠ ଗେଲପୁରଠାରେ ୩ଶହ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି ଗତ ଦେଢବର୍ଷ ତଳୁ ନିର୍ମିତ ହୋଇଥିଲା। ବିଳମ୍ବରେ ହେଲେ ବି ଏହି ନୂତନ ମୁଖ୍ୟ ଚିକିତ୍ସାଳୟଟି ସ୍ଥାନାନ୍ତର ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ନୂଆବଜାରଠାରେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟିକୁ ସିଟି ହସ୍ପିଟାଲ ଘୋଷଣା କରିବାକୁ ସହରବାସୀ ଦାବି କଲେଣି। ସୂଚନାଯୋଗ୍ୟ, ଭଦ୍ରକରେ ୧୮୬୨ରେ ଏକ ଡିସପେନସରି ଭାବେ ଚିକିତ୍ସାଳୟ ଖୋଲାଯାଇଥିଲା। ପରବର୍ତ୍ତୀ ସମୟରେ ସ୍ୱାଧୀନତା ପରେ ପରେ ଏହା ଏସଡିଏଚ୍ ବା ସବ୍ ଡିଭିଜନାଲ ହସ୍ପିଟାଲ ମାନ୍ୟତା ପାଇଥିଲା। ଆଉ ଜିଲ୍ଲା ମାନ୍ୟତା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବା ଡିଏଚ୍‌ଏଚ୍ ମାନ୍ୟତା ପାଇଥିଲା। ରୋଗୀ ସଂଖ୍ୟା, ଶଯ୍ୟା ସଂଖ୍ୟା ଓ ସଂକୀର୍ଣ୍ଣ ପରିସର ଯୋଗୁଁ ପୂର୍ବତନ ଭଦ୍ରକ ବିଧାୟକ ତଥା ଏବେର ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ପ୍ରଚେଷ୍ଟାରେ ତତ୍କାଳୀନ ସରକାର ଗେଲପୁରଠାରେ ୧ଶହ ଶଯ୍ୟାର ଏମ୍‌ସିଏଚ୍ (ମଦର ଚାଇଲ୍ଡ ହସ୍ପିଟାଲ) ଓ ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଡିଏଚ୍‌ଏଚ୍ ନିର୍ମାଣ କରିଥିଲେ। ତେବେ ଭଦ୍ରକ ପୌରାଞ୍ଚଳର ୩୦ଟି ୱାର୍ଡ ସହିତ ସହର ଉପକଣ୍ଠ ଲକ୍ଷ ଲକ୍ଷ ଅଧିବାସୀ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସେବା ପାଇବାକୁ ନିୟମିତ ସୁବିଧାରେ ଆସୁଥିଲେ। ତେଣୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସିଟି ହସ୍ପିଟାଲ ଖୋଲାଗଲେ ଏହା ସହରବାସୀଙ୍କ ସ୍ୱାସ୍ଥ୍ୟସେବାରେ ବିଶେଷ ସହାୟକ ହେବ। ଅନ୍ୟପକ୍ଷରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବୃଦ୍ଧି ପାଉଥିବା ଭିଡ଼ ନଲାଗିବାରେ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି।

### ସେମାନେ ଯାହା କହନ୍ତି....



ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେବେ ପୁରୁଣା ଜିଲ୍ଲା ହସ୍ପିଟାଲକୁ ସିଟି ହସ୍ପିଟାଲ ମାନ୍ୟତା ଦେବା ନିହାତି ଆବଶ୍ୟକ। ଏହା ଭଦ୍ରକ ସହରାଞ୍ଚଳ, ସହର ଉପକଣ୍ଠ ଗ୍ରାମାଞ୍ଚଳର ରୋଗୀଙ୍କୁ ସେବା ଯୋଗାଇଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଣୁ ରାଜ୍ୟ ସରକାର ଏଦିଗରେ ଗୁରୁତର ସହ ଦୃଷ୍ଟି ଦେବା ଉଚିତ।

- ଦେବରୂପ ମହାନ୍ତି, ପ୍ରାକ୍ତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି



ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପାଇଁ ପୁରୁଣା ସରକାର ଭିତ୍ତିଭୂମି ତିଆରି କରିଥିଲେ। ଏବେ ଏହା ସ୍ଥାନାନ୍ତର ହେଉଛି। ତେବେ ସରକାର ନୂଆବଜାରଠାରେ ଥିବା ପୁରୁଣା ଜିଲ୍ଲା ହସ୍ପିଟାଲକୁ ସିଟି ହସ୍ପିଟାଲ ପ୍ରତିଷ୍ଠା କରିପାରିଲେ ଏହା ଜନମଙ୍ଗଳ କାର୍ଯ୍ୟ ହେବ।

- ତାହେର ମହମ୍ମଦ, ବରିଷ୍ଠ ଆଇନଜୀବୀ ତଥା ପ୍ରାକ୍ତନ ଟାଉନ ବିଜେଡି ସଭାପତି



ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ଖୁବଶୀଘ୍ର ହେଉଛି। ପୁରୁଣା ଜିଲ୍ଲା ହସ୍ପିଟାଲକୁ ସିଟି ହସ୍ପିଟାଲ ମାନ୍ୟତା ଲାଗି ଜନସାଧାରଣଙ୍କ ପକ୍ଷରୁ ଆଗତ ଦାବିପତ୍ରକୁ ମୁଁ ସରକାରଙ୍କ ନିକଟକୁ ପଠାଇବି।

- ଡାକ୍ତର ସୁଧୀରଂଜନ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ

## ସିଟି ହସ୍ପିଟାଲ ପାଇଁ ଭଦ୍ରକ ଟାଉନ କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଭଦ୍ରକ,୨୯ ।୭ (ସମିସ): ଭଦ୍ରକ ନୂଆବଜାରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ କରାଯିବା ଦାବିରେ ଆଜି ଭଦ୍ରକ ଟାଉନ କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ ଜିଲ୍ଲାମୁଖ୍ୟ ଚିକିତ୍ସାଳୟଟି ଗେଲପୁରସ୍ଥିତ ନୂତନ ବିଲଡିଂକୁ ସ୍ଥାନାନ୍ତରିତ ହେଉଥିବାରୁ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ହେଲେ ନୂଆବଜାରସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଉପରେ ନିର୍ଭରଶୀଳ ଶହ ଶହ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପୂର୍ବପରି ନୂଆବଜାରସ୍ଥିତ ଚିକିତ୍ସାଳୟକୁ ସିଟି ହସ୍ପିଟାଲ କରାଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କଂଗ୍ରେସ କମିଟି ପକ୍ଷରୁ ଦାବି ହୋଇଛି। ଭଦ୍ରକ ଟାଉନ କଂଗ୍ରେସ କମିଟି ନେତା ଅବଦୁଲ ମୋକିତ ଖାଁଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ପିସିସି ଅନୁସୂଚିତ ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, କାଉନସିଲର ହେମନ୍ତ ସାହୁ, ପୀତବାସ ଧଳ, ପୂର୍ବତନ ସେକ ଗୋଲାମ ମହିଉଦ୍ଦିନ, ନାରୀ ନେତ୍ରୀ ଅମିତା ଆଚାର୍ଯ୍ୟ, ଶର୍ମିଷ୍ଠା ପଣ୍ଡା, ହସିନା ଖାତୁନ, ସାଇଖ ରୋହିତ ରୋଶନ, ଅବଦୁଲ ଯସୀମ ଖାଁ, ସେକ ଅବଦୁଲ ସଲାମ, ପଦ୍ମଲୋଚନ ବେହେରା, ରାଜୁ ପ୍ରସାଦ ରାୟ, କୃଷ୍ଣଚନ୍ଦ୍ର ବେହେରା ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀଙ୍କ ସ୍ମୃତିସଭା



ଭଦ୍ରକ, ୨୯।୭ (ସମିସ): କୁଆଁସ ନିବାସୀ ତଥା ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ଏକାଦଶାହ ଅବସରରେ କୁଆଁସଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜଣେ ସରଳ, ସଚ୍ଚୋଟ ଓ ଦକ୍ଷ ଅଧିକାରୀ ସ୍ୱର୍ଗତ ମହାପାତ୍ର ଓଡିଆ ଓ ଇଂରାଜୀରେ ଏକାଧିକ କବିତା ରଚନା କରିଛନ୍ତି। ବରିଷ୍ଠ ଶିକ୍ଷକ ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବିଶିଷ୍ଟ ସମାଜସେବୀ କିଶୋର ମହାପାତ୍ର, ପ୍ରାକ୍ତନ କାଉନସିଲର ପ୍ରଭାତ ମହାନ୍ତି, ପ୍ରାକ୍ତନ କାଉନସିଲର ଶୁଭଙ୍କର ମହାପାତ୍ର, ଆଶୀଷ ରାଉତ, ସଞ୍ଜିବ ଦାସ, ସୂର୍ଯ୍ୟନାରାୟଣ ମହାନ୍ତି, ଟାଉନ ଥାନା ଆଇଆଇସି ପ୍ରଭାଂଶୁଶେଖର ମିଶ୍ର, ଜିଆରପି ଏସ୍‌ଆଇ ରଘୁନାଥ ମୁଦୁଲି, ପୀତାମ୍ବର ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିବାର ପକ୍ଷରୁ ପତ୍ନୀ ସାବିତ୍ରୀ ମହାପାତ୍ର, ଏକମାତ୍ର କନ୍ୟା ତପସ୍ୱିନୀ ଗୋସ୍ୱାମୀ, ଜାମାତା ଅଶ୍ୱିନୀ ଗୋସ୍ୱାମୀ, ପୁତ୍ର ଅମରେଶ, ଅନୁଜ ଅନ୍ନଦା ମହାପାତ୍ର, ସଞ୍ଜୟ ମହାପାତ୍ର, କମଳିନୀ ମହାପାତ୍ର, ଲେଖା ମହାପାତ୍ରଙ୍କ ସହ ପୁତୁରା ଦେବାଶିଷ, ଅଭିନାଶ, ଅଭିଷେକ, ନାତୁଣୀ ଆୟାସା ମହପାତ୍ର ପୁରା ପରିବାର ଓ ଆତ୍ମୀୟସ୍ୱଜନ କୃତଜ୍ଞତା ଅର୍ପଣ କରିଥିଲେ।

## ତିହିଡ଼ି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବାଣିଜ୍ୟ ବିଭାଗରେ ତାଲା

ତିହିଡି, ୨୯।୭ (ସମିସ): ସରକାରୀ ଅନୁଦାନପ୍ରାପ୍ତ ତିହିଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଣିଜ୍ୟ ବିଭାଗରେ ଛାତ୍ରଛାତ୍ରୀମାନେ ତାଲା ପକାଇଦେଇଛନ୍ତି। ବାଣିଜ୍ୟ ବିଭାଗରେ କେହି ଅଧ୍ୟାପକ, ଅଧ୍ୟାପିକା ନାହାନ୍ତି। ଏନେଇ ଛାତ୍ରଛାତ୍ରୀମାନେ ଗତ ୩୦ ତାରିଖରେ ଏକ ଲିଖିତ ଅଭିଯୋଗ ଅଧ୍ୟକ୍ଷଙ୍କ ନିକଟରେ କରିବା ସହ ଅସ୍ଥାୟୀ ଭାବେ ଯେଉଁ ଅଧ୍ୟାପିକାଙ୍କୁ ରଖାଯାଇଛି ତାଙ୍କୁ ଅପସାରଣ କରିବାକୁ ଦାବି କରିଥିଲେ। ଖୋଲା ବିଜ୍ଞାପନ ମାଧ୍ୟମରେ ଅତିଥି ଅଧ୍ୟାପକ ଚୟନ କରିବା ପରିବର୍ତ୍ତେ ଗତ ବର୍ଷ ଚୟନ ବେଳେ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରାର୍ଥୀଙ୍କୁ ଡକାଯାଇ କ୍ଲାସ କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ସେହିପରି ଯେଉଁ ଅତିଥି ଅଧ୍ୟାପିକା ଶିକ୍ଷାଦାନ କରୁଥିଲେ ତାଙ୍କର ପଢ଼ାଇବାର ଶୈଳୀ ଖୁବ ଭଲ ଥିଲା ଓ ତାଙ୍କୁ ପାଠ ପଢ଼ାଇବା ପାଇଁ ଡକାଯାଉ, ତେବେ ଇତିମଧ୍ୟରେ ଏକ ମାସ ବିତିଯିବାକୁ ବସିଥିବା ବେଳେ ଅଧ୍ୟକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ଅଭିଯୋଗ କରିବା ସହ ବିଭାଗରେ ତାଲା ଠୁଙ୍କି ଦେଇଥିଲେ। ତେବେ ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣ ଛାତ୍ରଛାତ୍ରୀଙ୍କୁ ବୁଝାବୁଝି କରିବା ପରେ ତାଲା ଖୋଲାଯାଇଥିଲା। ଏନେଇ ଅଧ୍ୟକ୍ଷ କହିଛନ୍ତି, ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞାପନ ଦିଆଯାଇଛି। ଖୁବଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଶେଷ କରାଯିବ। ତେବେ ଛାତ୍ରଛାତ୍ରୀମାନେ ଯେଉଁ ଅଧ୍ୟାପିକାଙ୍କୁ ଆଣିବାକୁ ଦାବି କରୁଛନ୍ତି ତାଙ୍କୁ ପଢ଼ାଇବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ତାଙ୍କର ବ୍ୟକ୍ତିଗତ କାର୍ଯ୍ୟ ଦୃଷ୍ଟିରୁ ସେ ନ ଆସିବାରୁ ଆମେ ସଂପୃକ୍ତ ଅଧ୍ୟାପିକାଙ୍କୁ ଡାକିଥିଲୁ। ନିଯୁକ୍ତି ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଚାହୁଁଥିବା ଅଧ୍ୟାପିକାଙ୍କୁ ପାଠ ପଢ଼ାଇବାକୁ ଅନୁରୋଧ କରାଯିବ।



## ତିନିଘରିଆରେ ଉଜୁଡ଼ିଗଲା ଫସଲ; କ୍ଷତିପୂରଣ ଦାବି



ଅସୁରାଳି, ୨୯ ।୭ (ସମିସ): ନଦୀଗାଁ ପଞ୍ଚାୟତର ତିନିଘରିଆ ଗ୍ରାମଠାରେ ୨୨୦ଟି ପରିବାର ବାସ କରନ୍ତି। ଏଥର ବନ୍ୟାଜଳ ପ୍ରବେଶ କରି ପରିବା ବାଡିକୁ ବିନାଶ କରିଛି। ଫସଲ ଗଛ ନଷ୍ଟ ହୋଇଗଲା, ଚାଷ ବାଡ଼ି ଶୂନ୍ୟ ହୋଇ ସବୁ ଜାଗା ଜଳାର୍ଣ୍ଣବ୍ ହୋଇ ପଡ଼ିଛି। ଏହି ଅଞ୍ଚଳର କୃଷି ଅର୍ଥନୀତି ଏତେ ଗଭୀର ଭାବେ ପ୍ରଭାବିତ ହୋଇଛି ଯେ ଚାଷୀମାନେ ଜୀବିକା ପାଇଁ ବାହାରୁ ଉଧାର କରିବା ଉପରେ ନିର୍ଭର କରୁଛନ୍ତି। ବହୁ କୃଷକ ଅଭିମନ୍ୟୁ ବସନ୍ତିଆ, ଅର୍ଜୁନ ରାଉତ, ଭୀମସେନ୍ ରାଉତ, ସୁବାସ ବସନ୍ତିଆ, ମନୋଜ ବସନ୍ତିଆ, ସନ୍ତୋଷ ସାହୁ, ସଞ୍ଜୀବ ବସନ୍ତିଆ ପ୍ରମୁଖ ଏନେଇ କ୍ଷତିପୂରଣ ଦାବି କରିଛନ୍ତି। ସେମାନେ ଦାବି କରୁଛନ୍ତି ଯେ ବନ୍ୟା ଦ୍ୱାରା ସୃଷ୍ଟି ହୋଇଥିବା କ୍ଷୟକ୍ଷତିକୁ ତୁରନ୍ତ ଆକଳନ କରି, ସମର୍ଥନ ଯୋଗାଇ ଦିଆଯାଉ, ଚାଷୀ ବୃତି, ବିଜ ଓ ସାଧନ ସହଯୋଗ ଏବଂ ଅନୁଦାନ ମାଧ୍ୟମରେ ସେମାନଙ୍କୁ ପୁନର୍ବାସିତ କରାଯାଉ। ଗ୍ରାମ ଅନ୍ତର୍ଗତ ବୃଦ୍ଧ ବର୍ଗ, ନାରୀ, ଓ ନବୀନ ଚାଷୀମାନେ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି ଓ ଆଶାହୀନ ଅବସ୍ଥାରେ ଅଛନ୍ତି। ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଜରିଆରେ କ୍ଷତିପୂରଣ ସହାୟତା ଯୋଗାଇ ଦେବା ସହ ପନିପରିବା ଚାଷର ନବୀନ ବୈଜ୍ଞାନିକ ପ୍ରଣାଳୀ ଓ ବୀମା ସୁବିଧା ତଥା ବିକ୍ରି ବ୍ୟବସ୍ଥାରେ ନୂତନ ଅନଲାଇନ ମାର୍କେଟିଂ ସହଯୋଗ କରିବା ପାଇଁ କୃଷକଙ୍କ ପକ୍ଷରୁ କୁହାଯାଇଛି।

## ମାଗଣା ନିଯୁକ୍ତିଭିତ୍ତିକ ତାଲିମ ଶିବିର




ତିହିଡି, ୨୯।୭ (ସମିସ): ତିହିଡ଼ି ବ୍ଲକ ସଭାଗୃହରେ ମାଗଣା ନିଯୁକ୍ତି ଭିତ୍ତିକ ତାଲିମ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍କିଲ କନେକ୍ଟ ଦ୍ୱାରା ଆୟୋଜିତ ତାଲିମ ପରାମର୍ଶ ଶିବରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଂଜନ ବାରିକ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ଲାବନ ପଣ୍ଡା, ସ୍କିଲ କନେକ୍ଟର ରାଜ୍ୟ ପ୍ରୋଗ୍ରାମ ପରିଚାଳକ ବିଶ୍ୱରଂଜନ କର, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। କମ୍ପ୍ୟୁଟର, ଆଇଟି, ସ୍ପୋକନ ଇଂଲିସ, ମୋବାଇଲ ଫୋନ ହାଡର୍‌ୱାର ମରାମତି ଆଦି ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି କୁହାଯାଇଥିଲା। ଶିବିରରେ ୧୨୦ ଜଣ ବିଭିନ୍ନ କୋର୍ସରେ ଆବେଦନ କରିବା ପାଇଁ ଫର୍ମ ସଂଗ୍ରହ କରିଥିବା ଜଣାଯାଇଛି।

## ଓଲଟିଲା ଆଳୁ ବୋଝେଇ ଟ୍ରକ୍



ବାରିକପୁର,୨୯ ।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର କାଳିତ୍ରା ନିକଟରେ ଆଜି ଏକ ଆଳୁ ବୋଝେଇ ଟ୍ରକ ଓଲଟି ପଡିଛି। ଟ୍ରକଟି ପଶ୍ଚିମବଙ୍ଗରୁ ଆଳୁ ବୋଝେଇ କରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କୌଣସି କାରଣ ବଶତଃ ଏହା ଓଲଟି ପଡିଥିଲା। ଏଥିରେ ଡ୍ରାଇଭର ଓ ହେଲପର ଆହତ ହୋଇଥିବା ଜଣାଯାଇଛି। ଏଠାରେ ବାରିକପୁରଠାରେ ଓଭରବ୍ରିଜ ସଂଲଗ୍ନ ରାସ୍ତା ମରାମତି କାର୍ଯ୍ୟ ଦୀର୍ଘ ଦିନ ଧରି ହେଉଛି। ତେଣୁ ଯାନବାହନ କାଳିତ୍ରା ନିକଟସ୍ଥ ଡାଇଭର୍ସନଠାରେ ଗୋଟିଏ ପାର୍ଶ୍ୱରେ ଆସି ଯାତାୟାତ କରୁଛନ୍ତି। ଏପରିସ୍ଥଳେ ମାଲ ବୋଝେଇ ଟ୍ରକଟି ଆଜି ଭୋର ସମୟରେ ଉକ୍ତ ଡାଇଭର୍ସନଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିବା ଅନୁମାନ କରାଯାଉଛି।

## ଭଦ୍ରକ କଲେଜ ୧୯୮୨ ବ୍ୟାଚ ବନ୍ଧୁଙ୍କ ସାନ୍ଧ୍ୟ ମିଳନ



ଭଦ୍ରକ, ୨୯ ।୭ (ସମିସ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୮୨ ବ୍ୟାଚରେ ପାଠପଢୁଥିବା ବନ୍ଧୁମାନଙ୍କର ଏକ ବନ୍ଧୁମିଳନ ସ୍ଥାନୀୟ ମନମୋହନ ସଂଗୀତ ପରିଷଦ ଗୃହରେ ଅନୁଷ୍ଠିତ ହୋଇଛି। ବନ୍ଧୁ ରମେଶଚନ୍ଦ୍ର ରାୟଙ୍କ ଆନୁକୂଲ୍ୟରେ ଅଭିମନ୍ୟୁ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାନ୍ଧ୍ୟ ବନ୍ଧୁମିଳନରେ ବ୍ୟାଚ ଦ୍ୱାରା ଆୟୋଜିତ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ଏହି ବ୍ୟାଚକୁ ଅଧିକ ଲୋକାଭିମୁଖୀ କରିବାକୁ ୧୯୮୨ ମସିହା ବ୍ୟାଚ ନାମରେ ଏକ ଟ୍ରଷ୍ଟ ଗଠନ ଦିଗରେ ବନ୍ଧୁମାନେ ସହମତି ପ୍ରକାଶ କରିଥିଲେ। ବନ୍ଧୁ ଆଶିଷ ଗୋସ୍ୱାମୀ ଏବଂ ରାମନାରାୟଣ ରାୟଙ୍କ ଦ୍ୱାରା ଭକ୍ତିସଂଗୀତ ପରିବେଷଣ କରାଯାଇଥିଲା। ବନ୍ଧୁ ମାନଙ୍କ ଶାରୀରିକ ଏବଂ ମାନସିକ ସମୃଦ୍ଧି ପାଇଁ ଏଭଳି ସାନ୍ଧ୍ୟ ବନ୍ଧୁମିଳନ ବେଶ୍ ଉପଯୋଗୀ ବୋଲି ବ୍ୟାଚର ଅନ୍ୟତମ ବନ୍ଧୁ ତଥା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ସୁଧୀର ରଞ୍ଜନ ନାୟକ କହିଥିଲେ। ବନ୍ଧୁ ଅରୁଣ ଲାଖନୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ହନ୍ତସନ୍ତ ହେଉଛନ୍ତି ଭତ୍ତା ହିତାଧିକାରୀ



ଦୋଳସାହି, ୨୯ ।୭ (ସମିସ): ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ ହେଉଥିବା ବିଭିନ୍ନଧରଣର ଭତ୍ତା ହିତାଧିକାରୀଙ୍କ ମଧ୍ୟରୁ ଅନେକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଗୁଆମାଳ ପଞ୍ଚାୟତରେ ସରାକରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସମସ୍ତ ଭତ୍ତା ହିତାଧିକାରୀଙ୍କୁ ପ୍ରତି ମାସ ବିଳମ୍ବରେ ପ୍ରଦାନ କରାଯାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ପଞ୍ଚାୟତରେ ୮୦ ପ୍ରତିଶତରୁ ଶତପ୍ରତିଶତ କିଛି ଭିନ୍ନକ୍ଷମ ବର୍ଦ୍ଧିତ ଭତ୍ତା ପାଇ ନଥିବା ଜଣାପଡିଥିଲା ବେଳେ ବିଧବା ସୁମତୀ ମାଝୀଙ୍କୁ ସରକାରୀ ଖାତାରେ ଭିନ୍ନକ୍ଷମ ଦର୍ଶାଇ ୪ମାସ ଧରି ଭତ୍ତା ବନ୍ଦ କରିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭତ୍ତା ହିତାଧିକାରୀମାନେ ହନ୍ତସନ୍ତ ହେଉଛନ୍ତି। ସେହିପରି ସରକାରଙ୍କ ପାଖରେ ଟଙ୍କା ନଥିବା ନେଇ ହିତାଧିକାରୀମାନେ ବର୍ଦ୍ଧିତ ଭତ୍ତା ପାଇପାରୁ ନଥିବା ଜଣାଯାଇଛି।

## ଅଚଳାବସ୍ଥାରେ କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର

ବାରିକପୁର,୨୯ ।୭ (ସମିସ): ଭଦ୍ରକ ପଶୁ ସମ୍ପଦ ବିଭାଗ ଦ୍ୱାରା ପରିଚାଳିତ ବହୁଦରଡ଼ାଠାରେ ଥିବା ଜିଲ୍ଲାର ଏକମାତ୍ର କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ରଟି ଦୀର୍ଘ ବର୍ଷ ହେବ ଅଚଳ ଅବସ୍ଥାରେ ପଡ଼ିରହିଛି। କୁକୁଡ଼ା ଫାର୍ମ ଓ କୁକୁଡ଼ା ପାଳନ କରୁଥିବା ଚାଷୀଙ୍କ ପାଇଁ ଏଠାରେ ଦୀର୍ଘ ବର୍ଷ ହେବ ଏହି ଚିଆଁ ଉତ୍ପାଦନ କେନ୍ଦ୍ରଟି ନିର୍ମିତ ହୋଇଥିଲା। ସପ୍ତାହକୁ ତିନିରୁ ଚାରି ହଜାର କୁକୁଡ଼ା ଚିଆଁ ଏହି କେନ୍ଦ୍ରରୁ ବାହାରିଥାଏ। ବିଭାଗ ପକ୍ଷରୁ ଜିଲ୍ଲାର ୭ଟି ବ୍ଲକରେ ବଜାର ମୂଲ୍ୟଠାରୁ କମ ମୂଲ୍ୟରେ ଚାଷୀଙ୍କୁ ଏଠାରୁ ଚିଆଁ ଯୋଗା ଯାଇଥାଏ। ଏହାଦ୍ୱାରା କୁକୁଡ଼ା ଚାଷୀମାନେ ହାତପାଆନ୍ତାରେ ଚିଆଁ ପାଉଥିବା ବେଳେ ଲାଭାନ୍ୱିତ ମଧ୍ୟ ହେଉଥିଲେ। ପରିତାପର ବିଷୟ କେନ୍ଦ୍ରଟିରେ ପରିଚାଳନା ଗତ ତ୍ରୁଟି ହେଉ କିମ୍ବା ଅନ୍ୟ କୌଣସି କାରଣ ହେଉ ଧିରେଧିରେ ଚିଆଁ ଉତ୍ପାଦନ ହ୍ରାସ ପାଇଥିଲା। ଏପରିକି ଉତ୍ପାଦନ ଗୃହ ମଧ୍ୟ ଜରାଜୀର୍ଣ୍ଣ ପାଲଟିଥିଲା। ତିନିବର୍ଷ ପୂର୍ବରୁ ପ୍ରାୟ ୫୦ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ସ୍ଥାନରେ ନୂତନ ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା କୁକୁଡ଼ା ଚିଆଁ କେନ୍ଦ୍ର ଏଯାଏଁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ପ୍ରାୟ ଏକ ବର୍ଷ ହେବ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଚିଆଁ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା ସେଟର ଓ ହ୍ୟାଚର ମେସିନ କେନ୍ଦ୍ର ରେ ଲାଗି ପାରିନାହିଁ। ଯେଉଁଥିପାଇଁ ଚାଷୀମାନେ ତିନି ଚାରିବର୍ଷ ହେବ ବାହାର ଜିଲ୍ଲାରୁ ଚିଆଁ ଆମଦାନୀ କରି ଅନେକ କ୍ଷତି ସହୁଛନ୍ତି। ଏପରିକି ଯେଉଁ ବେକାର ଯୁବକ ଯୁବତୀ ମାନେ ଋଣ କରି କୁକୁଡ଼ା ଫାର୍ମ କରୁଛନ୍ତି ସେମାନେ ମଧ୍ୟ ଚିଆଁ କ୍ରୟ ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଜିଲ୍ଲା ଅତିରିକ୍ତ ପଶୁ ସମ୍ପଦ ବିଭାଗ ଅଧିକାରୀଙ୍କ ମତାମତ ନେବାରୁ ନୂଆ ଘରକୁ ମେସିନ ସ୍ଥାନାନ୍ତରିତ ପାଇଁ ବ୍ୟବସ୍ଥା ହୋଇଛି ବୋଲି କହିଛନ୍ତି। ସେଟର ଓ ହ୍ୟାଚର ସ୍ଥାନାନ୍ତରିତ ହେବା ପରେ କେନ୍ଦ୍ରରେ ପୂର୍ବଭଳି ଚିଆଁ ଉତ୍ପାଦନ ପ୍ରକ୍ରିୟା ଜାରି ରହିବ।

# ବୈତରଣୀ ବନ୍ୟାଜଳ କମୁଛି; ଚାଷୀଙ୍କ ଦୁର୍ଦ୍ଦଶା ବଢୁଛି

ଭଦ୍ରକ/ଆରଡି, ୨୯ ।୭ (ସମିସ)





- ୪ ପଞ୍ଚାୟତର ଗାଁ ଦାଣ୍ଡରେ ବନ୍ଧା ଶହଶହ ଗୋରୁ
- ୪ ଦିନ ହେଲା ଚାଷଜମିରେ ଲହଡ଼ି ଭାଙ୍ଗୁଛି ବନ୍ୟାପାଣି

ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ତଳିଆ ଅଞ୍ଚଳ ଭାବେ ପରିଚିତ ଆରଡି, ଓଳଗ, ନାନ୍ଦପୁର, ସୁନ୍ଦରପୁର ୪ ପଞ୍ଚାୟତରେ ଦେଖାଦେଇଥିବା ବୈତରଣୀ ନଦୀର ବନ୍ୟାଜଳ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଗତ ୨ଦିନ ଧରି ଚାନ୍ଦବାଲିର ଏହି ପଞ୍ଚାୟତଗୁଡ଼ିକରେ ବନ୍ୟାପାଣି ପ୍ରବାହିତ ହେବା ଫଳରେ ବହୁ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ଗାଁଦାଣ୍ଡ, ସାହି ଆଦି ସ୍ଥାନ ବୁଡାଇଥିଲା। ମଙ୍ଗଳବାର ଗାଁରୁ ପାଣି କମିଥିଲେ ମଧ୍ୟ ଶହଶହ ଏକର ଚାଷଜମିରେ ଲହଡ଼ି ଭାଙ୍ଗୁଛି ବନ୍ୟାପାଣି। ଆରଡି, ମୁଆଁ, ସନ୍ତରା, ସିଙ୍ଗିପୁର, ବାତୋଳ, ଶୀତଳପୁର, ଓଳଗ, ଷାଠିବାଙ୍କୁଡା, ବୋଡକ, ଦୋହରାପାଟଣା, ଅମୃତମଣି, ସୁନ୍ଦରପୁର, ଖଟୁଆପାଟଣା, ପାରଡିଆ, ଚମ୍ପାସାହି, ନାନ୍ଦପୁର, ପହଣା, କୋଇଲିଖିଆ, ପାଳଟପୁର, ବାଙ୍କମୁଆ ଆଦି ୨୦ଟି ଗାଁ ପ୍ରଭାବିତ ହୋଇଛନ୍ତି ଶହଶହ ଚାଷୀ। ଏହି ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ଏବେବି ବହୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ବିଶେଷକରି ଶହଶହ ଗୋରୁ ଦୀର୍ଘ ୪ ଦିନ ହେବ ବାହାରକୁ ଯାଇନପାରି ଗାଁ ଦାଣ୍ଡରେ ବନ୍ଧା ହୋଇ ରହିଛନ୍ତି। ସେହିପରି ୪/୫ଦିନ ହେବ ଶହଶହ ଏକର ଚାଷଜମିରେ ବନ୍ୟାପାଣି ଲହଡ଼ି ମାରୁଥିବାରୁ ପଚିଶଢି ଯିବାକୁ ବସିଲାଣି ରୁଆ ଓ ବେଉଷଣ ହୋଇଥିବା ସାରଦା ଧାନତଳି। ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ। ଏପଟେ ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ମୁଆ ଘୋଷରାଠାରେ ବନ୍ୟାପାଣି ପ୍ରବାହିତ ହେଉଛି। ସେହିପରି ଆରଡି-ଧାନଖଣିଆ ରାସ୍ତାର ସତସଙ୍ଗ ଛକ ନିକଟରେ ୩ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟାତରେ ବାଧାପ୍ରାପ୍ତ ହୋଇଛି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୮୬
- ୟୁରୋ ୧୦୦.୭୯ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୧,୫୦୦ (ଭୁବନେଶ୍ୱର)
- ରୁପା : ୧,୧୮,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୩୩୭.୦୦
- ନିଫ୍ଟି ୨୪,୮୨୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଫେସ୍ ଆଇଡି, ଫିଙ୍ଗର ପ୍ରିଣ୍ଟରେ ୟୁପିଆଇ ପେମେଣ୍ଟ

ନୂଆଦିଲ୍ଲୀ,୨୯।୭(ଏଜେନ୍ସି)




- ଖୁବ୍ ଶୀଘ୍ର ଆସିବ ନୂଆ ବ୍ୟବସ୍ଥା
- ବର୍ତ୍ତମାନ ନେଣଦେଣ ପାଇଁ ପିନ୍ ଦେବାକୁ ପଡୁଛି

ଏଣିକି ବିନା ପିନ୍‌ରେ ହେବ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ପେମେଣ୍ଟ। ଫେସ୍ ଆଇଡି ଏବଂ ଫିଙ୍ଗରପ୍ରିଣ୍ଟ ଜରିଆରେ ୟୁଜର କରିବେ କାରବାର। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଖୁବ୍ ଶୀଘ୍ର ଏକ ନୂଆ ବୈଶିଷ୍ଟ୍ୟ ଆଣିବାକୁ ଯାଉଛି। ନ୍ୟାଏଥିପାଇଁ ସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ ୟୁପିଆଇରେ ଏକ ପ୍ରମୁଖ ଅପଡେଟ୍ ଆଣିବାକୁ ପ୍ରସ୍ତୁତ ହେଉଛି। ଏହା ବ୍ୟବହାରକାରୀମାନଙ୍କୁ ପ୍ରତ୍ୟେକ ଥର ପିନ୍ ଏଣ୍ଟ୍ରି କରିବା ପରିବର୍ତ୍ତେ ଫେସ୍ ରେକଗ୍ନିସନ୍ ଏବଂ ଫିଙ୍ଗରପ୍ରିଣ୍ଟ ଭଳି ବାୟୋମେଟ୍ରିକ୍ସ ବ୍ୟବହାର କରି କାରବାରକୁ ପ୍ରମାଣିତ କରିବାକୁ ଅନୁମତି ଦେବ।

ଏହି ନୂତନ ବୈଶିଷ୍ଟ୍ୟର ବର୍ତ୍ତମାନ ସମୀକ୍ଷା କରାଯାଉଛି ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିୟାମକ ଅନୁମୋଦନ ଆବଶ୍ୟକ ହେବ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ୟୁପିଆଇର ସୁରକ୍ଷାକୁ ଆହୁରି ମଜବୁତ କରିବ। ଏହି ନୂଆ ବ୍ୟବସ୍ଥାକୁ ଆଗାମୀ ୨୦୨୫ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟରେ ପ୍ରଦର୍ଶନ କରାଯାଇପାରିବ। ଏହି ଅପଡେଟ୍ କାର୍ଯ୍ୟକାରୀ କରିବା ପରେ ବ୍ୟବହାରକାରୀମାନେ ପିନ୍ ଏଣ୍ଟ୍ରି ନ କରି କାରବାର ପାଇଁ ଫେସ୍ ଆଇଡି ଏବଂ ସେମାନଙ୍କର ଫିଙ୍ଗରପ୍ରିଣ୍ଟ ବ୍ୟବହାର କରିପାରିବେ। ଏକ ସୂତ୍ରରୁ ହୋଇଛି ଯେ, ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏହି ଫିଚରର ବିବରଣୀ ୟୁପିଆଇ ଇକୋସିଷ୍ଟମର ଅଂଶଗ୍ରହଣକାରୀମାନଙ୍କ ସହିତ ସେୟାର କରିଛି, ଯାହା କାର୍ଯ୍ୟକାରୀ କରିବା ପୂର୍ବରୁ ସମୀକ୍ଷା, ମତାମତ ଏବଂ ପ୍ରସ୍ତୁତି ସୁନିଶ୍ଚିତ କରିବ। ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏକ ବର୍ଷରୁ ଅଧିକ ସମୟ ଧରି ଏହା ଉପରେ କାମ କରୁଛି। ଏକ ସୂତ୍ର କୁହାଯାଇଛି ଯେ ଏହି ବୈଶିଷ୍ଟ୍ୟ ଉପରେ କାମ ଏବେ ବି ଚାଲିଛି। ନୂଆ ବ୍ୟବସ୍ଥା ଅତିରିକ୍ତ ସୁରକ୍ଷା ପ୍ରଦାନ କରିବ, ଯାହା ଓଟିପି ଅପେକ୍ଷା ଭଲ। ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ଜାତୀୟ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆର ଷ୍ଟିଅରିଂ କମିଟି ଏବଂ ସମଗ୍ର ଇକୋସିଷ୍ଟମରୁ ସବୁଜ ସଙ୍କେତ ପାଇବା ପରେ କାର୍ଯ୍ୟକାରୀ କରାଯିବ।

ଶିଳ୍ପ ସୂତ୍ରରୁ କୁହାଯାଇଛି ଯେ, ଏହି ବୈଶିଷ୍ଟ୍ୟ ଅନେକ ଉପାୟରେ ପାରମ୍ପରିକ ୱାନ୍-ଟାଇମ୍ ପାସୱାର୍ଡ (ଓଟିପି) କିମ୍ବା ପିନ୍ ଅପେକ୍ଷା ଅଧିକ ସୁରକ୍ଷିତ ସାବ୍ୟସ୍ତ ହେବ। ପିନ୍‌ର ବିକଳ୍ପ ଭାବରେ ବାୟୋମେଟ୍ରିକ୍ ପ୍ରମାଣୀକରଣ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବାୟୋମେଟ୍ରିକ୍ସ ମାଧ୍ୟମରେ କରାଯାଇଥିବା କାରବାରର ଅତିରିକ୍ତ ସୁରକ୍ଷା ପାଇଁ ମୂଲ୍ୟ ସୀମା ଥାଇପାରେ ବୋଲି ସମ୍ଭାବନା ରହିଛି। ଫୋନ୍ ପେ, ଗୁଗୁଲ୍ ପେ, ପେଟିଏମ୍, ଭୀମ୍ ଭଳି ଅନ୍ୟ ଆପ୍ ପାଇଁ ବାୟୋମେଟ୍ରିକ୍-ଆଧାରିତ ପ୍ରାଧିକରଣକୁ ପୃଥକ ଭାବରେ ସେଟ୍ ଅପ୍ କରିବାକୁ ପଡିବ କି ନାହିଁ ତାହା ଏବେ ଦେଖିବା ବାକି ଅଛି।

- ଟିସିଏସ୍ ଛଟେଇ: ଗଲା ୧୨,୦୦୦ ଚାକିରି

# ମ୍ୟାନେଜରଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୯।୭(ଏଜେନ୍ସି): ଭାରତର ସର୍ବବୃହତ ଆଇଟି ସେବା କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ବିଶ୍ୱ ସ୍ତରରେ ୧୨,୦୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏହା କମ୍ପାନୀ କର୍ମଚାରୀ ସଂଖ୍ୟାର ପ୍ରାୟ ୨ ପ୍ରତିଶତ। ଟିସିଏସ୍‌ର ସାମ୍ପ୍ରତିକ ଛଟେଇ ମୋଟ ୧୨,୨୬୧ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଏହି ଛଟେଇ, ଅଧିକାଂଶ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ହେବ। ଜୁନ୍ ୩୦ ସୁଦ୍ଧା ଟିସିଏସ୍‌ର କର୍ମଚାରୀ ସଂଖ୍ୟା ୬,୧୩,୦୬୯ ରହିଥିଲା। ତେବେ ଏହା ମଧ୍ୟରେ କମ୍ପାନୀ ଏହାର ମ୍ୟାନେଜରଙ୍କୁ ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ ଦେଇଛି। ଶହ ଶହ ସଂଖ୍ୟାରେ ଟିସିଏସ୍ କର୍ମଚାରୀଙ୍କୁ ପୂର୍ବରୁ ଚାକିରି ଛାଡିବାକୁ କୁହାଯାଇସାରିଛି। ଆଗାମୀ ମାସଗୁଡ଼ିକରେ ଯେଉଁ କର୍ମଚାରୀମାନଙ୍କୁ ଛଟେଇ କରାଯିବ, ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ବେଞ୍ଚ ବର୍ଗର, ଯେତେବେଳେ କି ଅବଶିଷ୍ଟ କର୍ମଚାରୀଙ୍କୁ ଏହି ତାଲିକା ଆଧାରରେ ଛଟେଇ କରାଯିବ। ଅପରପକ୍ଷେ କେନ୍ଦ୍ର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଟିସିଏସ୍‌ରେ ଛଟେଇ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା କହିଛି। ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ଟାଟା ଗ୍ରୁପ୍ ସହିତ ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗକୁ ନେଇ ମନ୍ତ୍ରଣାଳୟ ବେଶ ଚିନ୍ତିତ ଥିବା କହିଛି। ଏହି ପଦକ୍ଷେପ ପଛରେ ମୂଳ କାରଣଗୁଡ଼ିକର ତଦନ୍ତ କରାଯିବ ବୋଲି କୁହାଯାଇଛି।

# ଦୀପିକା ପାଦୁକୋନଙ୍କ ସହିତ ଡାଇସନର ନୂଆ କ୍ୟାମ୍ପେନ୍

ନୂଆଦିଲ୍ଲୀ,୨୯।୭

ଅନ୍ତର୍ଜାତୀୟ ଟେକ୍ନୋଲୋଜି କମ୍ପାନୀ ଡାଇସନ ପକ୍ଷରୁ ଡାଇସନ ବିୟୁଟିର ବ୍ରାଣ୍ଡ ଆମ୍ବାସାଡର ଦୀପିକା ପାଦୁକୋନଙ୍କୁ ନେଇ ଏହାର ନୂଆ 'ଦ ଡିଫରେନ୍ସ ଇଜ ଡାଇସନ' କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନ ସହିତ ଡାଇସନ, ଭିନ୍ନ ପ୍ରକାରର କେଶ ଥିବା ବ୍ୟକ୍ତିମାନଙ୍କୁ ନିଜର ସ୍ୱଅଭିବ୍ୟକ୍ତିକୁ ପ୍ରକାଶ କରିବା ଏବଂ ହିଟ୍ ଡ୍ୟାମେଜ ବିନା ସଠିକ ଭାବେ ଷ୍ଟାଇଲ ହୋଇଥିବା କେଶ ପାଇବା ଲାଗି ଉତ୍ସାହିତ କରିଛି। ଏହି କ୍ୟାମ୍ପେନ ସମ୍ପର୍କରେ ଡାଇସନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଙ୍କିତ ଜୈନ କହିଛନ୍ତି, 'ଦ ଡିଫରେନ୍ସ ଇଜ୍ ଡାଇସନ' ହେଉଛି ଏକ କ୍ୟାମ୍ପେନ ଯାହା ବ୍ୟକ୍ତିତ୍ୱକୁ ଗ୍ରହଣ କରେ ଓ ଉନ୍ନତ କରେ। ଏହା ଉଦ୍ଭାବନ ଓ ଉପଭୋକ୍ତାଙ୍କ ପାଇଁ ସମସ୍ତ ପ୍ରକାରର କେଶ ପାଇଁ ବିନା ହିଟ୍ ଡ୍ୟାମେଜରେ ଉନ୍ନତ ଷ୍ଟାଇଲ ପ୍ରଦାନ କରୁଥିବା ହେୟାର ଷ୍ଟାଇଲ ରେଞ୍ଜ ଆଣିବା ଲାଗି ଡାଇସନର ପ୍ରତିବଦ୍ଧତାକୁ ଦୃଢ କରିଛି।

ଦୀପିକା ପାଦୁକୋନ ଏହି ବିଷୟବସ୍ତୁକୁ ଜୀବନ୍ତ କରିବା ଏବଂ ହେୟାର ଷ୍ଟାଇଲିଂକୁ ନୂଆ ରୂପ ଦେବା ପାଇଁ ଆମର ଟେକ୍ନୋଲୋଜି ପ୍ରଥମ ଆଭିମୁଖ୍ୟକୁ ପ୍ରଦର୍ଶିତ କରୁଥିବାର ଦେଖି ଆମେ ଖୁବ୍ ଆନନ୍ଦିତ।

# ଭାରତରେ ମୋଟ ପେମେଣ୍ଟର ୮୩% ୟୁପିଆଇରେ ହେଉଛି

ନୂଆଦିଲ୍ଲୀ,୨୯।୭(ଏଜେନ୍ସି)



**ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ବଢ଼ିଛି**

ୟୁନିଫାଇଡ୍ ପେମେଣ୍ଟ ଇଂଟରଫେସ୍ (ୟୁପିଆଇ) ଭାରତରେ ଡିଜିଟାଲ୍ କାରବାରର ମୁଖ୍ୟ ମାଧ୍ୟମ ହୋଇଛି, ଯାହା ୨୦୨୪ରେ ସମୁଦାୟ ପେମେଣ୍ଟ ପରିମାଣର ୮୩%। ୨୦୨୫ ଜୁନ୍‌ରେ ୟୁପିଆଇରେ ୧୮.୪୦ ବିଲିୟନ୍ କାରବାର ହୋଇଥିଲା ଯାହା ପରିମାଣରେ ୩୨% ଏବଂ ମୂଲ୍ୟରେ ୨୦% ବୃଦ୍ଧିକୁ ଦର୍ଶାଉଛି। ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ଚକ୍ରବୃଦ୍ଧି ହାରରେ (ସିଏଜିଆର୍) ବଢ଼ିଛି, ଯାହା ଏହାକୁ କାରବାର ପରିମାଣରେ ସର୍ବବୃହତ୍ ରିଟେଲ୍ ପେମେଣ୍ଟ ବ୍ୟବସ୍ଥାରେ ପରିଣତ କରିଛି। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୟୁପିଆଇରେ ୪୬୦ ନିୟୁତରୁ ଅଧିକ ଅନନ୍ୟ ଉପଭୋକ୍ତା ଯୋଡ଼ିପାରିଛନ୍ତି। ଡିଜିଟାଲ୍ କାରବାର ବଢ଼ିବା ସହିତ ଠକାମି ବଢ଼ିବାରେ ଲାଗିଛି। ଏଥିପାଇଁ ଏନ୍‌ପିସିଆଇର ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି। ୟୁପିଆଇ କେବଳ ସୁବିଧା ନୁହେଁ, ଏହାର ମଜଭୁତ ସୁରକ୍ଷା ବ୍ୟବସ୍ଥା ସହିତ ପ୍ରତ୍ୟେକ କାରବାରର ସୁରକ୍ଷା ନିଶ୍ଚିତ କରୁଛି। ଏନ୍‌ପିସିଆଇ ପକ୍ଷରୁ ଡିଭାଇସ୍ ବାଇଣ୍ଡିଂ ପରି ଉନ୍ନତ ପ୍ରୋଟୋକଲ୍ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ବ୍ୟବହାର କରାଯାଇଛି। ଏହି ବିଶେଷତା ଉପଭୋକ୍ତାଙ୍କ ଖାତାକୁ ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ଡିଭାଇସ୍ ସହିତ ଲିଙ୍କ୍ କରୁଛି ଯାହାଦ୍ୱାରା ସଂଯୁକ୍ତ ଡିଭାଇସ୍ ବିନା କୌଣସି ତୃତୀୟ ପକ୍ଷ ଏହାକୁ ହାସଲ କରିପାରିବନାହିଁ। ଏହା ବ୍ୟତୀତ ୟୁପିଆଇରେ ଦୁଇ ପର୍ଯ୍ୟାୟ ପ୍ରାମାଣୀକରଣ ରହିଛି ଯେଉଁଥିରେ ଉପଭୋକ୍ତାଙ୍କୁ କାରବାର ଅନୁମୋଦନ କରିବା ପୂର୍ବରୁ ମୋବାଇଲ୍ ନମ୍ବର ଏବଂ ୟୁପିଆଇ ପିନ୍ ବ୍ୟବହାର କରି ପରିଚୟ ଯାଞ୍ଚ କରିବାକୁ ପଡୁଥିବା ଏନ୍‌ପିସିଆଇର ଚିଫ୍ ରିସ୍କ ଅଫିସର ବିଶ୍ୱନାଥ କୃଷ୍ଣମୂର୍ତ୍ତି କହିଛନ୍ତି। ଏନ୍‌ପିସିଆଇ ପକ୍ଷରୁ ଡିଜିଟାଲ୍ ପେମେଣ୍ଟ ଉପଭୋକ୍ତାଙ୍କ ସୁରକ୍ଷା ସୁଦୃଢ଼ କରିବା ପାଇଁ "ଷ୍ଟପ୍, ଥିଙ୍କ୍, ଆକ୍ଟ" ନୀତିକୁ ସାମିଲ କରାଯାଇଛି।

# ନିବେଶକଙ୍କୁ ଆର୍ଥିକ ଠକେଇରୁ ସୁରକ୍ଷିତ ରଖିବାକୁ ସେବି ଓ ଏନ୍‌ଏସ୍‌ଇର ମିଳିତ ପଦକ୍ଷେପ

ନୂଆଦିଲ୍ଲୀ,୨୯।୭: ବର୍ତ୍ତମାନ ସମୟରେ ନକଲି ଟ୍ରେଡିଂ ଆପ୍ ଓ ଡିପ୍‌ଫେକ ଭିଡିଓଗୁଡିକରୁ ଆରମ୍ଭ କରି ଅଣପଞ୍ଜୀକୃତ ନିବେଶ ପରାମର୍ଶଦାତା ଓ ସୋସିଆଲ ମିଡିଆରେ ବିଭ୍ରାନ୍ତିକର ଷ୍ଟକ୍ ପରାମର୍ଶ ପର୍ଯ୍ୟନ୍ତ ଠକମାନେ ଟେକ୍ନୋଲୋଜିର ଅପବ୍ୟବହାର କରିବା ସହ ନିବେଶକଙ୍କ ବିଶ୍ୱାସ ହ୍ରାସ କରୁଛନ୍ତି। ତେଣୁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ପକ୍ଷରୁ ହାସଟ୍ୟାଗ ସେବି ବନାମ୍ ଦୁର୍ନୀତି ଶୀର୍ଷକ ଏକ ଜାତୀୟସ୍ତରୀୟ ନିବେଶକ ସଚେତନତା କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହା ନିବେଶକମାନଙ୍କୁ ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କୁ ସେଥିରୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ସେବିର ମାର୍ଗଦର୍ଶନ ଓ ନିୟାମକୀୟ ତତ୍ତ୍ୱାବଧାନରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (ଏନଏସଇ) ଏହି କ୍ୟାମ୍ପେନକୁ ସମର୍ଥନ କରିବା ପାଇଁ ଏକ ବିସ୍ତୃତ ନିବେଶକ ସୁରକ୍ଷା ଅଭିଯାନର ଆରମ୍ଭ କରିଛି। ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସୁରକ୍ଷିତ ନିବେଶ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସୂଚିନ୍ତିତ ନିଷ୍ପତି ନେବା ପାଇଁ ନିବେଶକଙ୍କୁ

ସଶକ୍ତ କରିବାକୁ ଚାହୁଁଛି। ସାଧାରଣ ଠକେଇଗୁଡିକୁ ଲୋକଲୋଚନକୁ ଆଣି ଏବଂ ମାର୍ଗଦର୍ଶନ ପ୍ରଦାନ କରି ଏହି କ୍ୟାମ୍ପେନ ନିବେଶକଙ୍କୁ ଚେତାବନୀ ସଙ୍କେତଗୁଡିକୁ ଚିହ୍ନଟ କରିବା, ଉତ୍ସଗୁଡିକୁ ଯାଂଚ କରିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଏକ ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ ଆର୍ଥିକ ଇକୋସିଷ୍ଟମ ପ୍ରତି ଯୋଗଦାନ ଦେବ।

## ରାଜ୍ୟ ଖବର

- ପୁଲିସର ପକ୍ଷପାତିତା ନେଇ ଏସପିଙ୍କୁ ଫେରାଦ ହେଲେ ମହିଳା

# ଏସ୍‌ପି ଅଫିସ୍ ଆଗରେ ଆତ୍ମାହୁତି ଚେତାବନୀ

**ବେତନଟୀ ଏସ୍‌ଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ**




ବାରିପଦା, ୨୯।୭(ସମିସ): ବାରମ୍ବାର ଅଭିଯୋଗ ପରେ ବି ନ୍ୟାୟରୁ ବଞ୍ଚିତ ଜଣେ ମହିଳା ମଙ୍ଗଳବାର ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ମହିଳାଜଣଙ୍କ ହେଲେ, ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମର ଅଶୋକ କୁମାର ଜେନାଙ୍କ ପତ୍ନୀ ଅନସୂୟା।

ସୂଚନାନୁସାରେ, ଏପ୍ରିଲ ୧୨ତାରିଖରେ ଘରୋଇ କଳିକୁ କେନ୍ଦ୍ର କରି ତାଙ୍କ ଭଉଣୀ କବିତା ବିଜୁଳି ଓ ତାଙ୍କ ପୁରୁଷବନ୍ଧୁ ସଞ୍ଜୟ ଜେନା (ବର୍ତ୍ତମାନ ସ୍ୱାମୀ) ଅନସୂୟାଙ୍କୁ ମାଡ଼ ମାରିଥିଲେ। ତାଙ୍କ ଝିଅ ମାମା ବିରୋଧ କରିବାରୁ ତାଙ୍କୁ ମଧ୍ୟ ଅସଦ୍ ବ୍ୟବହାର କରିଥିଲେ। ଏନେଇ ସେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଅପରପକ୍ଷଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଅନସୂୟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ଆସିବା ପରେ ଜୁନ ୬ ତାରିଖରେ ପୁଣି ଏକ ଅଭିଯୋଗ କରିଥିଲେ। ତଥାପି ଅଭିଯୋଗର ବିଚାର ହେଲା ନାହିଁ। ଫଳରେ ସେ ବାଧ ହୋଇ ଜୁଲାଇ ୭ ତାରିଖରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଜଣାଇଥିଲେ। ପୁଣି ଜୁଲାଇ ୭ ତାରିଖରେ ବୈଶିଙ୍ଗା ଥାନାରେ ଆଉ ଏକ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ନ୍ୟାୟ ମିଳିଲା ନାହିଁ। ଏଣୁ ସେ ପୁଣି ମଙ୍ଗଳବାର ଏସପିଙ୍କୁ ଭେଟି ଉପରୋକ୍ତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ସେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏସପି ଏହି ଘଟଣାର ତଦନ୍ତ ପାଇଁ ବେତନଟୀ ଏସଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଅଭିଯୋଗକାରିଣୀ ଓ ତାଙ୍କ ଭଉଣୀ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ସମ୍ପର୍କୀୟ ଝିଆରୀ। ବିଧାୟକଙ୍କ ଚାପରେ ବୈଶିଙ୍ଗା ଥାନା ଅଧିକାରୀ ପକ୍ଷପାତିତା କରୁଥିବାରୁ ତାଙ୍କୁ ନ୍ୟାୟ ପରିବର୍ତ୍ତେ ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିଛି।

# କୋଟିପତି ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢଉ



- ଗୋଟିଏ ବହୁତଳ କୋଠା, ୨ଟି ଫ୍ଲାଟ୍ ଠାବ
- ଗ୍ୟାଲେରିଆ ଓ ସିମ୍ଫୋନୀ ମଲ୍‌ରେ ଦୋକାନ
- ରାଜଧାନୀ, ନୟାଗଡ଼, ଖୋର୍ଦ୍ଧାରେ ୧୩ ଟି ପ୍ଲଟ୍

ଭୁବନେଶ୍ୱର,୨୯।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢଉ କରିଛି ଭିଜିଲାନ୍ସ। ଆଜି ଭୋର୍‌ରୁ ୭ ଡିଏସପି, ୫ ଇନ୍‌ସପେକ୍ଟର, ୧୧ ଏଏସ୍‌ଆଇ ଭୁବନେଶ୍ୱର ଓ ନୟାଗଡ଼ର ୧୦ଟି ସ୍ଥାନରେ ଚଢ଼ଉ କରିଛନ୍ତି। ଚଢ଼ଉ ବେଳେ ଭୁବନେଶ୍ୱର ନୀଳାଦ୍ରିବିହାରରେ ଥିବା ୩ ମହଲା କୋଠା, କସମୋପଲିସରେ ଫ୍ଲାଟ୍, ପାହାଲର ସିମ୍ଫୋନି ମଲରେ ଦୋକାନ ଘର, ନୟାଗଡ଼ ଜଗନ୍ନାଥ ପ୍ରସାଦରେ ଥିବା ପୈତୃକ ଘର, ଅଫିସ ଚ୍ୟାମ୍ବର, ଭୁବନେଶ୍ୱର ପଟିଆରେଶ୍ୱଶୁର ଘର, ନୟାଗଡ଼ରେ ଶ୍ୱଶୁର ଘର, ଭୁବନେଶ୍ୱର କସମୋପଲିସର ଟାୱାର ଏ୍‌ରେ ଫ୍ଲାଟ୍, ଡୁମୁଡୁମାରେ ଥିବା ପ୍ଲଟ୍ ଓ ଜାଗମରାରେ ଥିବା ଏଏସ୍‌ଏନ ଇନଫ୍ରାଷ୍ଟ୍ରକଚରରେ ଚଢଉ ହୋଇଛି। ରାଜକିଶୋର ଏବଂ ତାଙ୍କ ପରିବାର ନାମରେ ଭୁବନେଶ୍ୱରରେ ୯ଟି ପ୍ଲଟ୍ ଥିବା ବେଳେ ନୟାଗଡ଼ରେ ୩ଟି ଓ ଖୋର୍ଦ୍ଧାରେ ଗୋଟିଏ ପ୍ଲଟ୍ ରହିଛି। ବ୍ୟାଙ୍କ୍ ଏବଂ ଇନ୍ସୁରାନ୍ସରେ ୭୫ଲକ୍ଷ ଟଙ୍କା ଜମା ଅଛି। ସେ ଦୁଇ ପିଲାଙ୍କ ପଢ଼ା ବାବଦରେ ପ୍ରାୟ ୬୭ ଲକ୍ଷ ଖର୍ଚ୍ଚ କରିଛନ୍ତି ଓ ଘରର ଆସବାବପତ୍ର ୩୦ଲକ୍ଷର ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଅର୍ଜିତ ସମ୍ପତ୍ତି ଆୟ ବହିର୍ଭୂତ ହୋଇଥିବା ଅଭିଯୋଗରେ ଭିଜିଲାନ୍ସ ରାଜକିଶୋରଙ୍କୁ ଅଟକ ରଖିଛନ୍ତି। ୨୦୦୭ ଅକ୍ଟୋବର ୩ରେ ରାଜକିଶୋର ଡାଟା ଏଣ୍ଟ୍ରି ଭାବେ କାମ କରୁଥିଲେ। ସେତବେଳେ ତାଙ୍କର ଦରମା ୫ହଜାର ଟଙ୍କା ରହିଥିଲା। ଏହାପରେ ସେ ନିୟମିତ ହେବା ପରେ ୨୦୧୩ ଅକ୍ଟୋବର ୨ରେ ଭୁବନେଶ୍ୱର ଆରଡବ୍ଲ୍ୟୁ ଡିଭିଜନରେ ଜେଇ(ସିଭିଲ) ଭାବେ କାମ କରିଥିଲେ। ୨୦୧୪ ଅକ୍ଟୋବର ୧ରେ ଭୁବନେଶ୍ୱର ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଓ ୨୦୧୪ ନଭେମ୍ବର ୧ରେ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ-୨କୁ ବଦଳି ହୋଇ ଆସିଥିଲେ। ଏହାପରେ ୨୦୧୬ ଜୁନ ୧୩ରେ କେଉଁଝର ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଯାଇଥିଲେ। ୨୦୧୬ରେ ନଭେମ୍ବର ୧ରେ କଟକ ଆରଆଣ୍ଡବି ଡିଭିଜନ-୨କୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେଠାରେ କାମ କରିବା ପରେ ୨୦୧୭ ନଭେମ୍ବର ୩୦ରେ ଭୁବନେଶ୍ୱର-୪ ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଆସିଥିଲେ। ସେ ଭୁବନେଶ୍ୱର ଓ କଟକରେ ୧୮ ବର୍ଷ ହେବ କାମ କରୁଛନ୍ତି। ବର୍ତ୍ତମାନ ସେ ଦରମା ୭୬ହଜାର ୨୭ ଟଙ୍କା ପାଉଥିବା ବେଳେ କୋଟି କୋଟି ସମ୍ପତ୍ତିର କିଭଳି ମାଲିକ ହେଲେ ସେନେଇ ଭିଜିଲାନ୍ସ ଖୋଳତାଡ଼ କରୁଛି।

# ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

କେନ୍ଦୁଝର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ନିକଟ ନାକଝରି ଗାଁରେ ଦୁଇଜଣ ନାବାଳିକା ଏକ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତ ନାବାଳିକାଦ୍ୱୟ ହେଲେ, ସେହି ଗାଁର ଅମ୍ରିତା ବଳ (୭) ଓ ଭୂମି ନାଏକ (୧୦)। ଉଭୟ ସ୍କୁଲରୁ ଫେରି ଅପରାହ୍ଣରେ ଘର ପାଖ ଏକ ପୋଖରୀରେ ଖେଳୁଥିବା ସମୟରେ ଅସାବଧାନତାରୁ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟଲୋକ ସେମାନଙ୍କୁ ଉଦ୍ଧାର କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ପଞ୍ଜୀକରଣରୁ ମଣ୍ଡି ଚାରିଆଡେ ଅବ୍ୟବସ୍ଥା**

# ରାଜ୍ୟରେ ମୁଣ୍ଡ ଟେକୁଛି ଚାଷୀ ଆନ୍ଦୋଳନ

ଭୁବନେଶ୍ୱର, ୨୯।୭(ସମିସ): ରାଜ୍ୟରେ ୧ଲକ୍ଷ ୮୨ ହଜାର ନକଲି ଚାଷୀ ପଞ୍ଜିକରଣ କରିଛନ୍ତି। ସାଟେଲାଇଟ୍ ସର୍ଭେ ପରେ ଏଭଳି ଦୁର୍ନୀତି ସାମ୍ନାକୁ ଆସିଛି। ଏହି ଚାଷୀମାନଙ୍କୁ ସରକାର କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ୭ଦିନ ଭିତରେ ଉତ୍ତର ଦେବାକୁ ନିର୍ଦ୍ଦେଶ ରହିଛି। ସମବାୟରେ ଥିବା ଅବ୍ୟବସ୍ଥା ବାବଦରେ ମନ୍ତ୍ରୀ ମୁହଁ ଖୋଲୁନାହାନ୍ତି। ପଞ୍ଜିକରଣଠାରୁ ଆରମ୍ଭ କରି ଧାନ ବିକିବା ପର୍ଯ୍ୟନ୍ତ ସମସ୍ୟାରେ ସନ୍ତୁଳି ହେଉଛନ୍ତି ଚାଷୀ। ଗତବର୍ଷ ଏଥିରେ ସଂସ୍କାର ଆଣିବା ନେଇ ରାଜ୍ୟ ସରକାର ଓ ସମବାୟ, ଯୋଗାଣ ଓ କୃଷି ବିଭାଗ ଆଦି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବର୍ଷକ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। ଚାଷୀଙ୍କର ଗୋଟିଏ ବି ସମସ୍ୟା ଏଯାଏଁ ସମାଧାନ ହୋଇପାରିନାହିଁ। ଏହାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି। ଖୁବ୍‌ଶୀଘ୍ର ସମସ୍ୟା ଉପରେ ଦୃଷ୍ଟିପାତ ନ କଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛନ୍ତି।

ଚଳିତ ବର୍ଷ ରାଜ୍ୟରେ ୫୮.୫୦ ଲକ୍ଷ ହେକ୍ଟର ଖରିଫ୍ ଫସଲ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିରେ ୩୪.୯୪ ଲକ୍ଷ ହେକ୍ଟର ଧାନ ଚାଷ ପାଇଁ ଟାର୍ଗେଟ୍ ରଖାଯାଇଛି। ଏଥିପାଇଁ ଚାଷୀ ପଞ୍ଜିକରଣ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବାବେଳେ ଅଗଷ୍ଟ ୨୦ ତାରିଖ ଯାଏଁ ଏହି ପଞ୍ଜିକରଣ ପ୍ରକ୍ରିୟା ଜାରି ରହିବ। ହେଲେ ଚଳିତଥର ପଞ୍ଜିକରଣରେ 'ଇ-କେୱାଇସି' ବଡ଼ ବାଧକ ସାଜିଛି। ଇଣ୍ଟରନେଟ୍ ଭିତ୍ତିଭୂମି ଦୁର୍ବଳ, ସମବାୟ ଗୁଡ଼ିକରେ ମାନବ ସମ୍ବଳ ଅଭାବ ଆଦି କାରଣରୁ ଚାଷୀମାନେ ସଠିକ ଭାବେ 'ଇ-କେୱାଇସି' କରିପାରୁନାହାନ୍ତି। ଏହାକୁ ନେଇ ରାଜ୍ୟବ୍ୟାପୀ ବିରୋଧ କରାଯାଉଥିଲେ ହେଁ ସରକାର ଏହା ଉପରେ ଏବେ ସୁଦ୍ଧା କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ସେହିଭଳି ଗତବର୍ଷ କଟ୍‌ନୀଛଟନୀ ବନ୍ଦ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କ୍ୱିଣ୍ଟାଲ୍ ପିଛା ୧୨ରୁ ୨୦ କିଲୋ ପର୍ଯ୍ୟନ୍ତ ଧାନ ମିଲର୍‌ମାନେ କାଟି ନେଉଥିଲେ। ଏନେଇ ସମବାୟ ସମିତିଠାରୁ ଜିଲ୍ଲାପାଳଙ୍କ ନିକଟରେ ଚାଷୀ ଅଭିଯୋଗ କରି ବି କିଛି ସୁଫଳ ମିଳିନଥିଲା। ସେହିଭଳି ଚାଷୀକୁ ଟୋକନ୍ ମିଳିବାର ଗୋଟିଏ ଦିନ ଆଗରୁ ମଣ୍ଡିକୁ ଧାନ ଆଣିବାକୁ କୁହାଯାଉଛି; କିନ୍ତୁ ମଣ୍ଡିକୁ ଧାନ ଆଣିବା ପରେ ମିଲର୍ ନିଜ ମନ ମୁତାବକ ଧାନ ଉଠାଉଛି। ମଣ୍ଡିରେ ଧାନ ବସ୍ତା ଖୋଲା ଆକାଶ ତଳେ ପଡ଼ି ନଷ୍ଟ ହେଉଛି। ଚାଷୀ ଏନେଇ ଅଭିଯୋଗଠାରୁ ଆରମ୍ଭ କରି ରାସ୍ତାରୋକ୍ କଲେ ବି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏମିତିକି ଦିନ ଦିନ ଧରି ଚାଷୀ ମଣ୍ଡିରେ ଧାନ ଜଗି ବସୁଥିଲେ ବି ତାଙ୍କ ପାଇଁ ଆବଶ୍ୟକ ସୁବିଧା ନାହିଁ।

ଅନ୍ୟପକ୍ଷରେ ଧାନ ବିକ୍ରିବେଳେ କଟ୍‌ନୀଛଟ୍‌ନୀରେ ଖୋଦ୍ ସମବାୟ ସମିତିର ସଦସ୍ୟମାନେ ସମ୍ପୃକ୍ତି ରହୁଥିବାବେଳେ ମନ୍ତ୍ରୀ ନିଜ ବିଭାଗୀୟ ଲୋକଙ୍କ ପାଇଁ ଉଦାସୀନ ମନୋଭାବ ପୋଷଣ କରୁଛନ୍ତି। ଚାଷୀ ସଂଗଠନମାନେ ତଥ୍ୟ ପ୍ରମାଣ ସହ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯେଉଁ ଚାଷୀ ଧାନ ପଞ୍ଜିକରଣ ସମୟରେ ନଭେମ୍ବର-ଡିସେମ୍ବର ଭିତରେ ଧାନ ବିକ୍ରି କରିବା ପାଇଁ କଣ୍ଟ ଦେଉଥିଲେ ବି ମିଲର୍‌ଙ୍କ ମନମାନୀ ଯୋଗୁଁ ଜାନୁଆରୀ, ଫେବ୍ରୁଆରୀ ସୁଦ୍ଧା ବି ଧାନ ଉଠିପାରୁନି। ଶେଷରେ ଏକାଧିକ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଉଛି। ଏ ବାବଦରେ ଗତବର୍ଷ ଖରିଫ୍‌ଠାରୁ ଆରମ୍ଭ କରି ରବି ପର୍ଯ୍ୟନ୍ତ ଚାଷୀମାନେ ଅଭିଯୋଗ କରିଥିଲେ ବି ଏନେଇ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନି। ଶେଷରେ ଚାଷୀମାନେ ବାଧହୋଇ ଦଲାଲ୍‌ଙ୍କୁ ଶାଗ-ମାଛ ଦରରେ ଧାନ ବିକ୍ରି କରୁଛନ୍ତି। ତେଣୁ ଚଳିତବର୍ଷ ଏ ବାବଦରେ ସରକାର ସଚେତନ ହେବା ପାଇଁ ଓଡ଼ିଶା କିଷାନ ମୋର୍ଚ୍ଚାର ସମ୍ପାଦକ ଶୁଭେନ୍ଦୁ ବେହେରା ସରକାରଙ୍କ ନିକଟରେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବଡ଼ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ କଠୋର ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ବ୍ୟବସାୟରେ ସମସ୍ୟା ଦେଖା ଦେବ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାମରେ ପରିବାରର ସହଯୋଗ ମିଳିବ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ । ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଘରେ ପୂଜାପାଠ ଆୟୋଜନ କରିବେ ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଧନ ବ୍ୟୟର ଯୋଗ ରହିଛି । ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ । ରାଜନୀତିରେ ସଫଳତା ମିଳିବ ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଯାନବାହନ କିଣିପାରନ୍ତି । କୌଣସି ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଅଧିକ ଖର୍ଚ୍ଚାନ୍ତ ହେବେ । ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ । କଥାରେ ମଧୁରତା ରଖିବେ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ସୁଧାର ହେବ ।

**ଧନୁ:** ଅର୍ଥ ସଞ୍ଚୟ କରିବେ । ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ । ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ । କୌଣସି କାମରେ ପରିବାରର ସହଯୋଗ ମିଳିବ । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ ।

## ଆଜିର ଐତିହ୍ୟ

- ୧୮୮୨- ସ୍ୱାଧୀନତା ସଂଗ୍ରାମୀ ସତ୍ୟେନ୍ଦ୍ର ନାଥ ବସୁଙ୍କ ଜନ୍ମ ।
- ୧୮୮୬- ଦେଶର ପ୍ରଥମ ମହିଳା ଡାକ୍ତର ତଥା ପ୍ରଥମ ବିଧାୟିକା ଡଃ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ ।
- ୧୯୦୯- ରାଇଟ୍ ବ୍ରଦର୍ସ ସେନା ପାଇଁ ପ୍ରଥମ ବିମାନ ତିଆରି କଲେ ।
- ୧୯୬୬- ଇଂଲଣ୍ଡ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍ ଜିତିଲା ।
- ୨୦୧୨- ଆନ୍ଧ୍ରପ୍ରଦେଶର ଏକ ରେଳଗାଡ଼ିରେ ନିଆଁ ଲାଗିବା ଯୋଗୁଁ ୩୨ ଜଣ ମୃତ, ୨୭ ଆହତ ।

# 'ଡନ୍-୩'ରେ ରହିବ 'ଆଜ୍ କି ରାତ୍' ଭଳି ଗୀତ

ଫରହାନ୍ ଅଖତର୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ଡନ୍-୩'କୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଏବେ ଫିଲ୍ମର ସୁଟିଂ ଚାଲିଛି । ଏଥିରେ ଲିଡ୍ ରୋଲରେ ରଣବୀର ସିଂହ ଓ କ୍ରିତି ସାନନ୍ ନଜର ଆସିବେ । ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି । ଏହି ଫିଲ୍ମରେ ୨୦୦୬ରେ ଆସିଥିବା 'ଡନ୍' ଫିଲ୍ମର 'ଆଜ୍ କି ରାତ୍' ଭଳି ଏକ ଗୀତ ରହିବ । ତେବେ ଏହାର ନୂଆ ଟ୍ରାକ୍ ମୂଳ ଗୀତ ଭଳି ହେବ । ମୂଳ ଗୀତରେ ଶାହାରୁଖ୍ ଖାନ୍, ଈଶା କୋପିକର୍ ଓ ପ୍ରିୟଙ୍କା ଚୋପ୍ରା



ନଜର ଆସିଥିବାବେଳେ ନୂଆ ଟ୍ରାକ୍‌ରେ ରଣବୀର ଓ କ୍ରିତିଙ୍କ ସହ ଅନ୍ୟ ଜଣେ ଅଭିନେତ୍ରୀ ଦେଖାଯିବେ । ତେବେ ଏନେଇ କଥାବାର୍ତ୍ତା ଚାଲିଥିବାବେଳେ ଏଯାଏଁ କୌଣସି ହିରୋଇନ୍‌ଙ୍କୁ ଫାଇନାଲ କରାଯାଇନାହିଁ । ତେବେ 'ଡନ୍-୩'ରେ ପ୍ରିୟଙ୍କା ଓ ଶାହାରୁଖ୍‌ଙ୍କର ସ୍ପେଶାଲ ଏଣ୍ଟ୍ରି ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲେ ସୁଦ୍ଧା ଏଯାଏଁ ଏହାକୁ ନେଇ ବିଧିବଦ୍ଧ ଭାବେ କୁହାଯାଇ ନାହିଁ । ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି ।

## ସବୁଠୁ ବିରକ୍ତିକର ଗୀତ

ସଙ୍ଗୀତ ବିନା ଜୀବନ ରଙ୍ଗହୀନ ଲାଗେ । ସେହିପରି କିଛି ଗୀତ ଏଭଳି ଅଛି, ଯାହାକି ମନ ଓ ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିଥାଏ । କିଛି ଗୀତକୁ ଶୁଣିବା ପରେ ଖୁସିରେ ନାଚି ଉଠିବାକୁ ମନେ ହେଉଥିବାବେଳେ ଆଉ କିଛି ଗୀତ ଶୁଣି ମଣିଷ ଦୁଃଖୀ ହୋଇଯାଏ । ତେବେ ଏମିତି ବି ଏକ ଗୀତ ଅଛି, ଯାହାକୁ ଶୁଣିବା ପରେ ବିରକ୍ତିକର ଲାଗିବା ସହ କାନ୍ଦ ମଧ୍ୟ ଲାଗେ । ୨୮ ବର୍ଷ ତଳେ ଏମିତି ଏକ ଗୀତ ଆସିଥିଲା । ଏହି ଗୀତଟି ହେଉଛି 'କର୍ମା ପୁଲିସ୍ ।' ଗୀତଟିର ଅବଧି ୪ ମିନିଟ୍ ୨୩ ସେକେଣ୍ଡ । ଯାହାକି ଅତ୍ୟନ୍ତ ଦୁଃଖଦାୟକ । ଏହାକୁ ବ୍ରିଟିଶ ରକ୍ ବ୍ୟାଣ୍ଡ ରେଡିଓହେଡ ପ୍ରସ୍ତୁତ କରିଥିଲା । ଏହି ଗୀତକୁ ବ୍ୟାଣ୍ଡର ୫ ଜଣ ସଦସ୍ୟ ମିଶି ଲେଖିଥିଲେ ଏବଂ ସଙ୍ଗୀତ ମଧ୍ୟ ସେମାନେ ନିଜେ ପ୍ରସ୍ତୁତ କରିଥିଲେ । ତେବେ ଗୀତର ସ୍ୱରରେ ଥକ୍କାପଣ ଓ ଅସ୍ଥିରତା ଅନୁଭବ ହୁଏ । ଫଳରେ ଶୁଣୁଥିବା ଲୋକଙ୍କ ମନ ଉଦାସ ହୋଇଯାଏ । କେବଳ ଗୀତ ନୁହେଁ, ଏହାର ଭିଡିଓ ବି ଦେଖିଲେ ବିରକ୍ତିକର ଲାଗିବା ବି ଥୟ । ତେବେ ଗୀତଟିର ମ୍ୟୁଜିକ ଭିଡିଓରେ ଜଣେ ଯୁବକ ନଜର ଆସିଛନ୍ତି । ତାଙ୍କୁ ଗୋଟିଏ କାର୍ ଲଗାତାର ପିଛା କରୁଛି । ଅବଶ୍ୟ ପୂରା ଭିଡିଓ ଧୀମା ଗତି, ଅନ୍ଧାରୁଆ ରାସ୍ତା ଓ ରହସ୍ୟମୟ ପରିବେଶରେ ପରିପୂର୍ଣ୍ଣ । ସେହିପରି ଭିଡିଓ ଶେଷରେ କାର୍‌ରେ ନିଆଁ ଲାଗିଯାଉଛି ଏବଂ ସବୁକିଛି ଧୂଆଁ ଭିତରେ ହଜିଯାଉଛି । ଏହି ଦୃଶ୍ୟ ଦର୍ଶକଙ୍କୁ ଅବସାଦର ଅନୁଭବ ପ୍ରଦାନ କରିଥାଏ । ଅବଶ୍ୟ ଏହି ଗୀତ ଓ ଭିଡିଓର ପ୍ରକୃତ ଉଦ୍ଦେଶ୍ୟ ବୁଝାପଡ଼ି ନାହିଁ । ଧୀମା ଗତି ଯୋଗୁଁ ଏହା ବହୁତ ବଡ଼ ଲାଗେ । ଅନେକ ଲୋକଙ୍କୁ ଏହା ବିରକ୍ତିକର ଲାଗିଲେ ବି ଗୀତଟି ଲକ୍ଷାଧିକ ଶ୍ରୋତାଙ୍କ ମନରେ ଅଛି । ଏହାବାଦ୍ ଉକ୍ତ ଗୀତଟି ଶୁଣିବା ଓ ଦେଖିବାକୁ ବିରକ୍ତିକର ଲାଗିଲେ ବି ଏହାକୁ ୟୁଟ୍ୟୁବ୍‌ରେ ୧୨ କୋଟିରୁ ଅଧିକ ଥର ଦେଖାଯାଇଛି ଓ ଶୁଣାଯାଇଛି । ସେହିପରି କିଛି ଲୋକ ଏହାକୁ ଏକାକୀତ୍ୱରେ ଶୁଣୁଥିବା ବେଳେ ଆଉ କେହି କେହି ରାତିରେ ଶୋଇବା ପୂର୍ବରୁ ଶୁଣିଥାନ୍ତି । ଅନ୍ୟପଟେ ଏହା ହେଉଛି ଏମିତି ଏକ ଗୀତ, ଯାହାକୁ ପ୍ରତି ଥର ଶୁଣିବା ପରେ କିଛି ଅଲଗା ଅନୁଭବ ପ୍ରଦାନ କରିଥାଏ ।



## ବଢ଼ି ପାଣିରେ ବାହାଘର

ଫିଲିପାଇନ୍ସର ଏକ ନିଆରା ବାହାଘର ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ସାମାଜିକ ଗଣମାଧ୍ୟମରେ ବାହାଘରର କିଛି ଫଟୋ ସେୟାର୍ ହେବା ପରେ ତାହା ଚର୍ଚ୍ଚା ସାଉଁଟୁଛି । ଏଠାରେ ଭୟଙ୍କର ଝଡ଼ ତୋଫାନ ଯୋଗୁଁ ଏବେ ଅନେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାସହ ଏଠାକାର ମାଲୋଲୋସରେ ଥିବା ଐତିହାସିକ ବାରସୋଲାଇନ ଚର୍ଚ୍ଚ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି । ଏଭଳି ପରିସ୍ଥିତିରେ ବି ଏହି ଚର୍ଚ୍ଚରେ ଏକ ବିବାହ ବେଶ୍ ଧୂମଧାମ୍‌ରେ ଅନୁଷ୍ଠିତ ହୋଇଛି । ଜେଡ୍ ରିକ୍ ବର୍ଦ୍ଦିଲୋ(ବର) ଏବଂ ଜମୈକା ଏଗୁଇଲର(କନିଆ) ଏଭଳି ସ୍ଥିତିରେ ବି ନିଜ ବିବାହ ତାରିଖକୁ ନ ଘୁଞ୍ଚାଇ, ବନ୍ୟାପାଣି ଭିତରେ ବିବାହ କରିଛନ୍ତି । ବଢ଼ିପାଣି ଭିତରେ ଦୁହେଁ ବିବାହର ସମସ୍ତ ରୀତିନୀତିକୁ ପାଳନ କରିଛନ୍ତି । ତା'ସହ ବର-କନିଆ ଘର ପକ୍ଷରୁ ଅତିଥି ବି ଏଥିରେ ସାମିଲ ହୋଇଛନ୍ତି । ତେବେ ସେମାନେ ୧୦ ବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲେ । ଶେଷରେ ସେମାନଙ୍କ ସମ୍ପର୍କ ବିବାହର ରୂପ ନେଇଛି । ଅବଶ୍ୟ ଏହି ସ୍ଥିତିକୁ ଦେଖି ବର ଜଣକ ସେମାନଙ୍କ ଜୀବନରେ ଆସିଥିବା ଚ୍ୟାଲେଞ୍ଜ କଦାପି ଶେଷ ହେବ ନାହିଁ ବୋଲି କହିଛନ୍ତି । କେବଳ ସେତିକି ନୁହେଁ, ଏଥିରେ ସାମିଲ ଅତିଥିମାନେ ବିବାହକୁ ଖୁବ୍ ଉପଭୋଗ କରିଥିବା ଜଣାପଡ଼ିଛି । ଏପରିକି ବାହାଘରକୁ ଆସଥିବା ପିଲାମାନେ ବି ବନ୍ୟାପାଣିରେ ଖୁବ୍ ମଜାମସ୍ତି କରିଛନ୍ତି । ସେହିପରି ଚର୍ଚ୍ଚରେ ବର-କନିଆ ଓ ଅତିଥି ପାରମ୍ପରିକ ପୋଷାକ ପିନ୍ଧିଥିଲେ । ଏହାବାଦ୍ ଜୋତାକୁ ଶୁଖିଲା ସ୍ଥାନରେ ରଖି ଅତିଥିମାନେ ଆଣ୍ଠୁଏ ପାଣି ଭିତରେ ପ୍ୟାଣ୍ଟକୁ ଟେକି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି । ତେବେ କଠିନ ପରିସ୍ଥିତିରେ କିଭଳି ଖୁସି ମିଳିପାରେ, ତାହା ଏହି ଘଟଣା ପ୍ରମାଣିତ କରିଛି ।



# ସମ୍ଭାବନା




## ଅଫିସ୍ ବୈଠକର ପ୍ରସ୍ତୁତି

**ଅନେକ ସମୟରେ ଅଫିସ୍ ମିଟିଂ ବିରକ୍ତିକର ଲାଗେ । ହେଲେ ଏହି ବୈଠକକୁ ଯିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ନିହାତି ଜରୁରି । ବୈଠକ ସମୟରେ କିଛି କଥା ଉପରେ ଧ୍ୟାନ ରଖିବା କର୍ମଚାରୀଙ୍କ ପକ୍ଷେ ଖୁବ୍ ଗୁରୁତ୍ୱ ବହନ କରେ ।**



- ଅଫିସ୍ ମିଟିଂକୁ ଯିବା ପୂର୍ବରୁ ମିଟିଂ ଏଜେଣ୍ଡାକୁ ଭଲଭାବେ ପଢ଼ନ୍ତୁ । କେଉଁ ବିଷୟରେ ଆଲୋଚନା ହେବ ଏବଂ ଏଥିରେ ଆପଣଙ୍କ ଭୂମିକା କ'ଣ ରହିବ, ସେକଥା ଜାଣନ୍ତୁ ।
- ମିଟିଂରେ କୌଣସି ତଥ୍ୟ ପ୍ରଦାନ କରିବାର ଥିଲେ, ପୂର୍ବରୁ ତାହାକୁ ଏକତ୍ର କରି ରଖନ୍ତୁ ।
- ସବୁବେଳେ ମିଟିଂ ଆରମ୍ଭ ହେବାର ୫-୧୦ ମିନିଟ୍ ପୂର୍ବରୁ ପହଞ୍ଚନ୍ତୁ ।
- ମିଟିଂରେ ନିଜ ପକ୍ଷ ରଖନ୍ତୁ । ପ୍ରଶ୍ନ କରନ୍ତୁ ଏବଂ ଅନ୍ୟର ବିଚାରରେ ନିଜ ମତ ରଖନ୍ତୁ । ଏହାଦ୍ୱାରା ମିଟିଂରେ ରୁଚି ଥିବା ଜଣାଯାଏ ।
- ମିଟିଂରେ ଅଧିକ କଥା ନ କହି ଅନ୍ୟମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ । ଅନ୍ୟଜଣକ କଥା ଶୁଣିବା ପରେ ହିଁ ସଠିକ ଓ ପ୍ରଭାବୀ ମତ ରଖିପାରିବେ ।
- ମିଟିଂରେ ନିଜ ପକ୍ଷ ରଖିବା କୁହାଗଲେ, ନିଜ କଥାକୁ ସିଧାସଳଖ ରଖନ୍ତୁ ।
- ମିଟିଂରେ ସିଧା ଓ ଆତ୍ମବିଶ୍ୱାସର ସହ ବସନ୍ତୁ । ନତ ମସ୍ତକ ହୋଇ ବସନ୍ତୁ ନାହିଁ ।

## ଚାକିରି ପାଇଁ 'ଆଗ୍ରହ ପତ୍ର'



ସାଧାରଣ କର୍ମଚାରୀ ନିଯୁକ୍ତି ସୂଚନା ବାହାରିବା ଦେଖି ଚାକିରି ପାଇଁ ଆବେଦନ କରିଥାନ୍ତି । ଅନେକ ସମୟରେ ଗୋଟିଏ କମ୍ପାନିରେ କାମ କରିବାକୁ ଇଚ୍ଛା ଥିଲେ ମଧ୍ୟ ନିଯୁକ୍ତି ବିଜ୍ଞାପନ ନ ଥିବାରୁ ଆବେଦନ କରି ହୁଏ ନାହିଁ । ତେବେ ନିଯୁକ୍ତି ମିଳି ନ ଥିଲେ ମଧ୍ୟ 'ଲେଟର୍ ଅଫ୍ ଇଣ୍ଟରେଷ୍ଟ' (ଆଗ୍ରହ ପତ୍ର) ମାଧ୍ୟମରେ ଚାକିରି ପାଇଁ ଆବେଦନ କରିପାରିବେ । ଏହାକୁ 'ଲେଟର୍ ଅଫ୍ ଇଣ୍ଟେଣ୍ଟ' ବା 'ଲେଟର୍ ଅଫ୍ ଇନକ୍ୱାୟାରି' ମଧ୍ୟ କୁହାଯାଏ । ଅନେକ ଲୋକ ଏହାକୁ ବାୟୋଡାଟା ସହ ପଠାଯାଉଥିବା କଭର୍ ଲେଟର ଭାବେ ମଧ୍ୟ ବିଚାର କରନ୍ତି ।


**କେମିତି ଲେଖିବେ**

- ଯେଉଁ ବିଭାଗରେ ନିଯୁକ୍ତି ଚାହୁଁଛନ୍ତି, ସେହି ବିଭାଗର ପ୍ରବନ୍ଧକଙ୍କୁ ପତ୍ର ଲେଖନ୍ତୁ ।
- କମ୍ପାନିର କେଉଁ କଥା ଅଧିକ ପ୍ରେରିତ କରେ, ତାହା ଉଲ୍ଲେଖ କରନ୍ତୁ । କମ୍ପାନିର ଉତ୍ପାଦ, ସେବା ଆଦି ବାବଦରେ ନିଜସ୍ୱ ମତାମତ ଜଣାନ୍ତୁ ।
- ନିଜର ସଂକ୍ଷିପ୍ତ ପେଶାଗତ ପରିଚୟ ସମ୍ବନ୍ଧରେ ଉଲ୍ଲେଖ କରନ୍ତୁ ।
- କମ୍ପାନି ପାଇଁ କେଉଁ କୌଶଳ ଉପଯୋଗୀ ସାବ୍ୟସ୍ତ ହେବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ ।
- କିଛି ପ୍ରୋଜେକ୍ଟ ବାବଦରେ ଲେଖନ୍ତୁ, ଯେଉଁଥିରେ ଯୋଗଦାନ ଦେବାକୁ ଚାହାନ୍ତି ।

## କାମ ମଝିରେ ବ୍ରେକ୍ ନେବା ଭଲ ଅଭ୍ୟାସ

**ଏବର ବ୍ୟସ୍ତତା ପୂର୍ଣ୍ଣ ଜୀବନ ମଧ୍ୟରେ ସମସ୍ତେ ନିଜ କାମ ଏବଂ ଦାୟିତ୍ୱରେ ବ୍ୟସ୍ତ । ତେଣୁ କର୍ମଚାରୀଙ୍କୁ ନିଜ ପାଇଁ ସମୟ ବାହାର କରିବାରେ ଅସୁବିଧା ହୋଇଥାଏ । ସେହିପରି ଦିନ ତମାମ ଗୋଟିଏ ସ୍ଥାନରେ ବସି ରହି କାମ କରିବା ଦ୍ୱାରା ଶରୀର ଓ ମସ୍ତିଷ୍କ ଚାପଗ୍ରସ୍ତ ହୋଇଥାଏ । ତେଣୁ କାମରେ ବ୍ରେକ୍ ନେବାକୁ ସମୟ ମିଳେ ନାହିଁ । ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବାର ଅଭ୍ୟାସ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ । ଏହା ସହ ଏହା ପ୍ରଡକଟିଭିଟି ଏବଂ କ୍ରିଏଟିଭିଟିକୁ ବଢ଼ାଇଥାଏ ।**

**କାହିଁକି ଜରୁରି ବ୍ରେକ୍:** ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ ବସି କାମ କରିବା ଦ୍ୱାରା ମସ୍ତିଷ୍କ ଓ ଶରୀର ଥକ୍କିଯାଏ । ଗୋଟିଏ ସ୍ଥାନରେ ବସି ରହିବା ଏବଂ ଗୋଟିଏ କାମ ଉପରେ ଧ୍ୟାନ ଦେବା ଦ୍ୱାରା ଚାପ ବଢ଼େ ଏବଂ ଏକାଗ୍ରତା କମେ । ଏକ ଗବେଷଣାନୁସାରେ, ମସ୍ତିଷ୍କ ୯୦-୧୨୦ ମିନିଟ୍‌ରୁ ଅଧିକ ସମୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଧ୍ୟାନ କେନ୍ଦ୍ରିତ କରିପାରି ନ ଥାଏ । ଏଭଳି ସ୍ଥିତିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ମସ୍ତିଷ୍କକୁ ଆରାମ ମିଳେ ଏବଂ ପୁଣି ଥରେ କାମ କରିବା ପାଇଁ ସକ୍ରିୟ ହୁଏ । ଦୀର୍ଘ ସମୟ ପର୍ଯ୍ୟନ୍ତ ନିଷ୍କ୍ରିୟ ରହିବା ଦ୍ୱାରା ଶରୀରରେ ଥକ୍କାପଣ, ଅଣ୍ଟା ଯନ୍ତ୍ରଣା ସମସ୍ୟା ସୃଷ୍ଟି ହୁଏ । ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ଉତ୍ପାଦନକ୍ଷମତା ବୃଦ୍ଧିପାଏ । ବ୍ରେକ ନେବା ପରେ ଫୂର୍ତ୍ତି ଲାଗେ ଓ କାମ କରିବାରେ ଆଗ୍ରହ ଆସେ । ଏହା ସୃଜନାତ୍ମକ ଜ୍ଞାନ କୌଶଳରେ ସୁଧାର ଆଣେ । ଲଗାତାର କାମ କଲେ ମନକୁ କିଛି ନୂତନ ଚିନ୍ତାଧାରା ଆସେ ନାହିଁ । ସେହିପରି ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ଦ୍ୱାରା ବେକ, ଅଣ୍ଟା ସହ ଆଖିରେ ସମସ୍ୟା ସୃଷ୍ଟି ହୁଏ । ଏହା ହାର୍ଟ, ମେଦବହୁଳତା ଓ ମଧୁମେହର କାରଣ ହୁଏ । ତେଣୁ କାମ ମଝିରେ ନିଜ ସିଟ୍‌ରୁ ଉଠି କିଛି ସମୟ ବୁଲାବୁଲି କରିବା କିମ୍ବା ଶିଡ଼ି ଚଢ଼ିବା ଦରକାର ।



## ଫଟୋ ପାଇଁ 'ଇମାଜିନ୍ ମି' ଟୁଲ୍

ମେଟା ଏଆଇ ଯୁକ୍ତ ଟୁଲ୍ 'ଇମାଜିନ୍ ମି'କୁ ଭାରତରେ ଲଞ୍ଚ୍ କରିଛି । ଏହି ଟୁଲ୍‌କୁ ଆମେରିକାରେ ପ୍ରଥମରେ ଲଞ୍ଚ କରାଯାଇଥିଲା । ଏହାକୁ ଆମେରିକା ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍ ମେସେଞ୍ଜର ଏବଂ ମେଟା ଏଆଇ ଆପ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରିଥିଲା । ହେଲେ ଏବେ ଭାରତୀୟମାନେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପ୍ ମେସେଞ୍ଜର ପାଇଁ ଏହାକୁ ବ୍ୟବହାର କରିପାରିବେ । ଏହି ଟୁଲ୍ ଫଟୋକୁ ଅଲଗା ଅଲଗା ଷ୍ଟାଇଲ୍ ଓ ରୂପ ପ୍ରଦାନ କରିବ । ତେବେ ବ୍ୟବହାରକାରୀଙ୍କୁ ଯେଉଁଭଳି ଭାବେ ଫଟୋ ତିଆରି କରିବାକୁ ହୋଇଥାଏ, ସେଥିଲାଗି କେବଳ ପ୍ରମ୍ପ୍ଟରେ ଇମାଜିନ୍ ମି ଆଜ୍ ଲେଖିବାକୁ ହେବ । ଏହା ସହ ଫଟୋ ଲାଗି ଏହି ଟୁଲ୍‌ରେ କେବଳ ନିଜର ସମ୍ମୁଖ, ବାମ, ଡାହାଣ ପାର୍ଶ୍ୱର ସେଲ୍‌ଫି ଦେବାକୁ ହେବ । ଅନ୍ୟପଟେ ଇମାଜିନ୍ ମି' ଟୁଲ୍‌ରେ ଯେକୌଣସି ଫଟୋ ତିଆରି କଲେ, ଏଆଇ ୱାଟର୍‌ମାର୍କ ଟୁଲ୍ ମିଳିବ ।



ସକାଳ THE SAKALA
www.sakalaepaper.com

### ଗୋଟିଏ ଦିନ ପରେ ପଞ୍ଚମ ଟେଷ୍ଟ

# ଅର୍ଶଦୀପ ଓ ଆକାଶଦୀପ୍ ଖେଳିବା ସମ୍ଭାବନା

କେନିଂଟନ ଓଭାଲ,୨୯।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ଜୁଲାଇ ୩୧ ତାରିଖ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଲଣ୍ଡନ ସହରରେ ଅବସ୍ଥିତ କେନିଂଟନ ଓଭାଲ ଅନ୍ୟ ଭେନ୍ୟୁ ପରି ପେସ୍ ବୋଲରଙ୍କୁ ସୁହାଇଥାଏ। ଏଭଳି ସ୍ଥିତିରେ ଭାରତୀୟ ଦଳରେ ଦୁଇ ଜଣ ପେସ୍ ବୋଲର ବାମହାତୀ ଅର୍ଶଦୀପ ସିଂହ ଓ ଡାହାଣହାତୀ ଆକାଶଦୀପଙ୍କ ଖେଳିବା ପ୍ରାୟ ନିଶ୍ଚିତ। ଉଭୟ ଖେଳାଳି ଆହତ ହୋଇ ନ ଥିଲେ ଚତୁର୍ଥ ଟେଷ୍ଟ ଖେଳିଥାନ୍ତେ। ଏବେ ଉଭୟ ଫିଟ୍ ହୋଇଯାଇଛନ୍ତି ଓ ଏଠାରେ ଜୋରଦାର ଅଭ୍ୟାସ ମଧ୍ୟ କରିଛନ୍ତି। ଯାହା ଫଳରେ ଏମାନଙ୍କର ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନାହିଁ। ଦଳର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବେ କି ନାହିଁ କେବଳ ତାହା ଟିମ୍ ଡାକ୍ତର କିମ୍ବା ଟିମ୍ ମ୍ୟାନେଜମେଣ୍ଟ କହିପାରିବେ। ଅବଶ୍ୟ ବୁମରା ଖେଳନ୍ତୁ କି ନାହିଁ ଅର୍ଶଦୀପ ଓ ଆକାଶଦୀପଙ୍କ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ। ଚତୁର୍ଥ ଟେଷ୍ଟରେ ଡେବ୍ୟୁ କରିଥିବା ଅଂଶୁଲ କାମ୍ବୋଜ ଓ ଶାର୍ଦ୍ଦୁଳ ଠାକୁରଙ୍କୁ ଶେଷ ଟେଷ୍ଟରେ ଅବ୍ୟାହତି ଦିଆଯାଇପାରେ। ମହମ୍ମଦ୍ ସିରାଜ, ଆକାଶ ଦୀପ ଓ ଅର୍ଶଦୀପ ଭାରତୀୟ ପେସ ମଙ୍ଗ ସମ୍ଭାଳିବେ। ବୁମ୍‌ରାଙ୍କ ସମ୍ପର୍କରେ ଶେଷ ମୁହୂର୍ତ୍ତରେ ଯାହା କିଛି ନିଷ୍ପତ୍ତି ନିଆଯିବ।

ଦେଶ ପକ୍ଷରୁ ଟେଷ୍ଟ କ୍ରିକେଟ ଖେଳିବା ଯେ କୌଣସି ଖେଳାଳିଙ୍କ ଲାଗି ସ୍ୱପ୍ନ ରହିଥାଏ। ଅର୍ଶଦୀପଙ୍କର ମଧ୍ୟ ସେହି ଏକା ଇଚ୍ଛା ବୋଲି କହନ୍ତି ତାଙ୍କ ପ୍ରଥମ କୋଚ୍ ଯଶୱନ୍ତ ରାଏ। ଏବେ ସେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ଢ଼େର ଅଭିଜ୍ଞତା ହାସଲ କରିସାରିଲେଣି। ଏଣୁ ସେ ନର୍ଭସ ହେବାର କୌଣସି କାରଣ ନାହିଁ କିମ୍ବା ବିଫଳ ହେବାର ସମ୍ଭାବନା ନାହିଁ। ଜାହିର ଖାନ୍‌ଙ୍କ ପରେ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ୍‌ଙ୍କ ଉଭୟପଟୁ ସୁଇଙ୍ଗ କରିବାର ଦକ୍ଷତା ରହିଛି। ସେ ବ୍ୟାଟରଙ୍କୁ ଅସବିଧାରେ ପକାଇବାରେ ସିଦ୍ଧହସ୍ତ। ଏତେ ଦକ୍ଷତା ଥାଇ ସେ ଏଯାଏ ସୁଯୋଗ ପାଇ ନାହାନ୍ତି। ଟେଷ୍ଟ ଖେଳିବାକୁ ହେଲେ ଇଂଲଣ୍ଡ ସର୍ବୋତ୍କୃଷ୍ଟ ସ୍ଥାନ। ଭାରତୀୟ ଦଳ ଏଥିରୁ ଫାଇଦା ଉଠାଇବାକୁ ଯଶୱନ୍ତ ପରାମର୍ଶ ଦେଇଛନ୍ତି। ସୂଚନା ଯୋଗ୍ୟ ଅର୍ଶଦୀପ ସିଂ ଟେଷ୍ଟ ଦଳରେ ସ୍ଥାନ ପାଇବା ପୂର୍ବରୁ ୬୩ଟି ଟି-୨୦ ଓ ୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବାରେ ଅର୍ଶଦୀପଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଏହି ଟୁର୍ଣ୍ଣାମେଣ୍ଟରେ ୧୭ଟି ୱିକେଟ ନେବା ସହ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲର ୧୯ତମ ଓଭର ବୋଲିଂ କରି ୪ ରନ୍ ଦେଇଥିଲେ। ଏହା ସତ୍ତ୍ୱେ ପ୍ରକୃତ କ୍ରିକେଟ ହେଉଛି ଟେଷ୍ଟ ମ୍ୟାଚ୍। ଏଥିରେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିବାର ଯେତିକି ସୁଯୋଗ ରହିଥାଏ, ଠିକ୍ ସେହିପରିମାଣରେ ଚାପକୁ ନିୟନ୍ତ୍ରଣ କରିବାକୁ ମଧ୍ୟ ଶିକ୍ଷା ମିଳିଥାଏ। ଏଭଳିସ୍ଥଳେ ଇଂଲଣ୍ଡ ଟୁର୍‌ରେ ଡେବ୍ୟୁ କରି ସେ ଟେଷ୍ଟ କ୍ରିକେଟରେ ନିଜର ସ୍ଥାନ ସୁରକ୍ଷିତ ରଖନ୍ତୁ ବୋଲି ଯଶୱନ୍ତ କହିଛନ୍ତି।

### କୁଳଦୀପଙ୍କୁ ନେଇ ଦ୍ୱନ୍ଦ୍ୱ

ପଞ୍ଚମ ଟେଷ୍ଟରେ ଭାରତ ୩ଜଣ ଫାଷ୍ଟ ବୋଲରଙ୍କୁ ଖେଳାଇବା ଏକପ୍ରକାର ସ୍ଥିର ହୋଇଛି। ଏଭଳି ସ୍ଥିତିରେ ଦଳରେ ଖେଳୁଥିବା ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଯେପରି ବ୍ୟାଟିଂ କରୁଛନ୍ତି, ସେଥିରେ ସେମାନଙ୍କୁ ବିଶ୍ରାମ ଦେବା କିମ୍ବା ଡ୍ରପ୍ କରିବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଲାଗି କଷ୍ଟକର ବ୍ୟାପାର। ଏଣୁ ଦଳରେ ତୃତୀୟ ସ୍ପିନର ଭାବେ କୁଳଦୀପ ଯାଦବଙ୍କୁ ଖେଳାଇବା କେତେଦୂର ସମ୍ଭବ ତାହା ଏବେଠାରୁ କହିବା କଷ୍ଟକର। ଯଦି କୁଳଦୀପ ଖେଳନ୍ତି ତେବେ ଜଣେ ପେସ୍ ବୋଲରଙ୍କୁ ବାଦ୍ ଦିଆଯିବ। ଏଭଳି ସ୍ଥିତିରେ ଭାରତ ଲାଗି ସମସ୍ୟା ସୃଷ୍ଟି ହୋଇପାରେ। ଏଠାରେ ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ ଇଂଲଣ୍ଡର ପିଚ୍ ଗୁଡ଼ିକ ଶୁଖିଲା ହୋଇଯାଇଥିବାରୁ ତାହା ବୋଲରଙ୍କୁ ସୁହାଉନାହିଁ। ଏଣୁ କୁଳଦୀପଙ୍କ ଖେଳିବାକୁ ନେଇ ଦ୍ୱନ୍ଦ୍ୱ ରହିବା ସ୍ୱାଭାବିକ୍। ଟିମ୍‌ର ଗୋଟିଏ ରଣନୀତି ସ୍ପଷ୍ଟ ଯେ, ୨୦ଟି ୱିକେଟ ନେଇପାରୁଥିବା ଦକ୍ଷ ବୋଲରଙ୍କୁ ଭାରତ ଏଠାରେ ଖେଳିବାକୁ ସୁଯୋଗ ଦେବ।

### ଗ୍ରାଉଣ୍ଡସମ୍ୟାନ୍‌ଙ୍କ ସହ ଗମ୍ଭୀରଙ୍କ ଯୁକ୍ତିତର୍କ



ଉତ୍ତେଜନାମୂଳକ ଚତୁର୍ଥ ଟେଷ୍ଟକୁ ଭାରତ ଡ୍ର ରଖିବା ପରେ ଗତକାଲି ସୋମବାର ଭାରତୀୟ ଦଳ କେନିଂଟନ ଓଭାଲରେ ପ୍ରଥମଥର ଅଭ୍ୟାସ କରିବାକୁ ଆସିଥିଲେ। କିନ୍ତୁ ପଡ଼ିଆରେ ଅଭ୍ୟାସ ଲାଗି ଥିବା ସୁବିଧା ସୁଯୋଗରେ ସନ୍ତୁଷ୍ଟ ହୋଇ ନ ଥିଲେ ଗମ୍ଭୀର। ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ପିଚ୍ ନିକଟକୁ ଯାଇଥିଲେ ଗମ୍ଭୀର ଓ ଅନ୍ୟମାନେ। ଦାୟିତ୍ୱରେ ଥିବା ଗ୍ରାଉଣ୍ଡସମ୍ୟାନ୍ ୨.୫ ମିଟର ଦୂରରୁ ପିଚ୍ ଦେଖିବାକୁ କହିବା ପରେ ଭାରତୀୟ ସପୋର୍ଟ ଷ୍ଟାଫ୍ ଉତ୍ତେଜିତ ହୋଇଥିଲେ। ଅଭ୍ୟାସ କରିବା ଲାଗି ଯେଉଁ ପିଚ୍ ଦିଆଯାଇଥିଲା ତାହାରି ଭିତରେ ରହିବାକୁ ଗ୍ରାଉଣ୍ଡସମ୍ୟାନ୍ ଫୋର୍ଟିସ କହିଥିଲେ। ସ୍ପାଇକ୍ ପିନ୍ଧି ନ ଥିଲେ ମଧ୍ୟ ଏତେ ଦୂରରୁ ପିଚ୍ ଦେଖିବା କିମ୍ବା ଅଭ୍ୟାସ କରିବା ସମ୍ଭବ ନୁହେଁ ବୋଲି ଫୋର୍ଟିସଙ୍କୁ କହିବା ପରେ ସେ ଏହାକୁ ହଜମ କରି ପାରି ନ ଥିଲେ। ସେ ଜୋରରେ ବାହାରିଯିବାକୁ କହିଥିଲେ। ଯାହା ଫଳରେ ଗମ୍ଭୀର ଓ ଗ୍ରାଉଣ୍ଡସମ୍ୟାନ୍ ମୁହାଁମୁହିଁ ଅବସ୍ଥାକୁ ଚାଲିଆସିଥିଲେ। ବ୍ୟାଟିଂ କୋଚ୍ ସିତାଂଶୁ କୋଟଙ୍କ ହସ୍ତକ୍ଷେପ ଫଳରେ ଏହି ବିବାଦଟି ତୁଟିଥିଲା। କିନ୍ତୁ ଗ୍ରାଉଣ୍ଡସମ୍ୟାନ୍ ତାଙ୍କ ନାମରେ ଅଭିଯୋଗ କରିବେ ବୋଲି ଜୋରରେ କହିଥିଲେ। ଏହା ଗମ୍ଭୀରଙ୍କ ଅଧିକ ଉତ୍ତେଜିତ କରିଥିଲା। ତୁମେ ଯାହା ନିକଟରେ ଅଭିଯୋଗ କରିବା କଥା କର, ଯାହା ପାଖରେ ରିପାର୍ଟ କରିବା କଥା କର, କିନ୍ତୁ ଆମେ କ'ଣ କରିବୁ ନ କରିବୁ ତାହା ତୁମେ ନିର୍ଦ୍ଦେଶ ଦେଇପାରିବ ନାହିଁ।

## ବିସିସିଆଇ କାର୍ଯ୍ୟାଳୟରୁ ୬.୫ ଲକ୍ଷ ଟଙ୍କାର ଜର୍ସି ଚୋରି

ମୁମ୍ବଇ, ୨୯।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ମୁଖ୍ୟ କାର୍ଯ୍ୟାଳୟରୁ ଚୋରି ହୋଇଥିବା ନେଇ ଖବର ପ୍ରକାଶ ପାଇଛି। ମୁମ୍ବଇ ୱାଙ୍ଖେଡେ ଷ୍ଟାଡିୟମ ପରିସରରେ ଥିବା ବିସିସିଆଇ କାର୍ଯ୍ୟାୟଳରୁ ପାଖାପାଖି ୨୬୧ ଖଣ୍ଡ ଆଇପିଏଲ୍ ଜର୍ସି ଚୋରି ହୋଇଯାଇଛି। ଗୋଟିଏ ଜର୍ସିର ମୂଲ୍ୟ ୨୫୦୦ ଟଙ୍କା ହେବ। ଏହି ହିସାବରେ ମୋଟ୍ ୬.୫୨ ଲକ୍ଷ ଟଙ୍କାର ଜର୍ସି ଚୋରି ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ କାର୍ଯ୍ୟାଳୟର ଜଣେ ସୁରକ୍ଷାକର୍ମୀଙ୍କୁ ଗିରଫ କରିଛି। ତାଙ୍କ ନାମ ଫାରୁକ ଅସଲାମ ଖାନ। ଫାରୁକ ସୁରକ୍ଷାକର୍ମୀ ମ୍ୟାନେଜର ଥିବାବେଳେ ବିସିସିଆଇ ଷ୍ଟୋର୍ ରୁମ୍‌ରୁ ଏହି ଜର୍ସି ଚୋରି କରିଥିଲେ। ଏହାକୁ ସେ ଅନ୍‌ଲାଇନ ମାଧ୍ୟମରେ ହରିୟାଣାର ଜଣେ ଜର୍ସି ଡିଲର୍‌ଙ୍କୁ ବିକ୍ରି କରିଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ, ଫାରୁକ୍ ଅନ୍‌ଲାଇନ ଗେମ୍ ଖେଳୁଥିଲେ। ଏହି ଅନ୍‌ଲାଇନ ଗେମ୍ ନିଶାରେ ସେ ଏତେମାତ୍ରରେ ବୁଡ଼ି ଯାଇଥିଲେ ଯେ ଶେଷରେ ଜର୍ସି ଚୋରି କରିବାକୁ ପଛାଇ ନ ଥିଲେ। ଏହି ଚୋରି ଜର୍ସିକୁ ବିକ୍ରି କରି ସେ ଅନ୍‌ଲାଇନ ଗେମ୍ ଖେଳ ଜାରି ରଖିଥିଲେ। ପୁଲିସ ତାଙ୍କ ନିକଟରୁ ୧.୨୫ ଲକ୍ଷ ଟଙ୍କା ଓ ୫୦ଟି ଜର୍ସି ଜବତ କରିଛି। ବିସିସିଆଇର ଅଡିଟ୍ ସମୟରେ ଜର୍ସି ଚୋରି ହୋଇଥିବା ଜଣାପଡ଼ିଥିଲା।

## କେକେଆର୍ ପ୍ରଶିକ୍ଷକ ପଦ ଛାଡ଼ିଲେ ପଣ୍ଡିତ

କୋଲକାତା, ୨୯।୭ (ଏଜେନ୍ସି): ଦୁଇଥରର ଆଇପିଏଲ୍ ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ଶକ୍ତ ଧକ୍କା ଲାଗିଛି। କେକେଆର୍ ମୁଖ୍ୟ ପ୍ରଶିକ୍ଷକ ପଦରୁ ଚନ୍ଦ୍ରକାନ୍ତ ପଣ୍ଡିତ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ପଣ୍ଡିତ ଦଳରୁ ଇସ୍ତଫା ଦେଇଥିବା ନେଇ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯାଇଛି। 'ନୂଆ ସୁଯୋଗ ଅନୁସନ୍ଧାନ ଲାଗି ଚନ୍ଦ୍ରକାନ୍ତ ପଣ୍ଡିତ ଆଉ କୋଲକାତାର ମୁଖ୍ୟ ପ୍ରଶିକ୍ଷକ ପଦ ଜାରି ରଖିବେ ନାହିଁ' ବୋଲି କେକେଆର୍ ପକ୍ଷରୁ ଉଲ୍ଲେଖ କରାଯାଇଛି।



୬୩ ବର୍ଷୀୟ ଚନ୍ଦ୍ରକାନ୍ତ ୨୦୨୨ରେ ମଧ୍ୟପ୍ରଦେଶ ଦଳକୁ ରଣଜୀ ଟ୍ରଫି ଚାମ୍ପିଅନ କରାଇବା ପରେ କେକେଆର୍‌ର ପ୍ରଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ। ସେ ଗତ ୩ ସିଜନ ଧରି ଫ୍ରାଞ୍ଚାଇଜ ସହ ଜଡ଼ିତ ରହିଥିଲେ। ତାଙ୍କ ପ୍ରଶିକ୍ଷଣରେ କୋଲକାତା ୨୦୨୪ ଆଇପିଏଲ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା। କିନ୍ତୁ ଚଳିତ ବର୍ଷ ଆଇପିଏଲ୍‌ରେ କୋଲକାତା ୧୪ ମ୍ୟାଚ୍ ଖେଳି ମାତ୍ର ୫ ବିଜୟ ସହ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

### ୱେଷ୍ଟଇଣ୍ଡିଜର କ୍ରମାଗତ ୫ମ ଟି-୨୦ ପରାଜୟ

## ଅଷ୍ଟ୍ରେଲିଆ ୫-୦ରେ ସିରିଜ୍ ପୋଛିଲା



ସେଣ୍ଟ କିଟ୍ସ, ୨୯।୭ (ଏଜେନ୍ସି): କ୍ରମାଗତ ପଞ୍ଚମ ଟି-୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ପରାସ୍ତ ହୋଇଛି। ମଙ୍ଗଳବାର ସକାଳେ ସ୍ଥାନୀୟ ୱାର୍ନର ପାର୍କରେ ଅନୁଷ୍ଠିତ ୫ମ ଟି-୨୦ରେ ମ୍ୟାଚରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଏଥିସହ ଅଷ୍ଟ୍ରେଲିଆ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୫-୦ରେ କ୍ଲିନସୁଇପ୍ କରିଛି। ପୂର୍ବରୁ ପ୍ରଥମ ଚାରୋଟି ମ୍ୟାଚରେ ଅଷ୍ଟ୍ରେଲିଆ ଯଥାକ୍ରମେ ୩ ୱିକେଟ୍, ୮ ୱିକେଟ୍, ୬ ୱିକେଟ୍ ଓ ୩ ୱିକେଟ୍‌ରେ ବିଜୟୀ ହୋଇଥିଲା। ପଞ୍ଚମ ଟି-୨୦ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ୱେଷ୍ଟଇଣ୍ଡିଜ ୩୨ ରନରେ ବ୍ରାଣ୍ଡନ୍ କିଙ୍ଗ୍ (୧୧ ରନ୍), ଅଧିନାୟକ ସାଇ ହୋପ୍ (୯) ଓ କେସି କାର୍ଟି (୧)ଙ୍କ ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମରେ ସିମରନ ହେଟ୍‌ମାୟର ୫୨ ଓ ସିଫାର୍ନ ରଦରଫୋର୍ଡ ୩୫ ରନର ଉପଯୋଗୀ ପାଳି ଖେଳିଥିଲେ। ଫଳରେ ଦଳ ୧୯.୪ ଓଭରରେ ୧୭୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେନ୍ ଡାରୱିସ ୩ ଓ ନାଥନ ଏଲିସ୍ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୩ ଓଭର ଓ ୩ ୱିକେଟ୍ ବଳକା ଥାଇ ମ୍ୟାଚ୍ ଜିତିନେଇଥିଲା। ମିଚେଲ ଓୱିନ ୩୭, ଟିମ୍ ଡେଭିଡ୍ ୩୦ ଓ କାମେରନ ଗ୍ରୀନ ୩୨ ରନ କରିଥିଲେ। ଡାରୱିସ ମ୍ୟାଚ୍‌ର ଓ ଗ୍ରୀନ୍ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ଗ୍ରୀନ ବେଜ୍ କ୍ଲାସିକ୍ ଅଲ୍‌ଓଡ଼ିଶା ସ୍ନୁକର

## ପ୍ରି-କ୍ୱାର୍ଟରରେ ସୁବ୍ରତ, ଚିରାଗ, ଅବିନାଶ



ଭୁବନେଶ୍ୱର, ୨୯।୭ (ଏଜେନ୍ସି): ସୁବ୍ରତ ଦାସ, ଚିରାଗ ଆରୋରା ଓ ଅବିନାଶ ମହାପାତ୍ର ସ୍ଥାନୀୟ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟର ୨ୟ ଦିବସରେ ମଙ୍ଗଳବାର ସୁବ୍ରତ ୩-୨ ଫ୍ରେମରେ ଅବିନାଶଙ୍କୁ, ଚିରାଗ ୩-୦ରେ ରଣଜିତ୍ ପତିଙ୍କୁ ଓ ଅବିନାଶ ୩-୧ରେ ନିଶ୍ଚୟ ମହାପାତ୍ରଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ୩ଜଣ ଗ୍ରୁପ୍‌ରେ ୩ଟି ଲେଖାଏ ବିଜୟ ହାସଲ କରି ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି।



### ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

## ମନ୍ଧାନାଙ୍କୁ ହଟାଇ ଶୀର୍ଷକୁ ଉଠିଲେ ନାଟାଲୀ

ଦୁବାଇ, ୨୯।୭ (ଏଜେନ୍ସି): ଭାରତର ସ୍ମୃତି ମନ୍ଧାନାଙ୍କୁ ହଟାଇ ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ଆଇସିସି ମହିଳା ଦିନିକିଆ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ନାଟାଲୀ ୭୩୧ ରେଟିଂ ପଏଣ୍ଟ ସହ ଶୀର୍ଷକୁ ଉଠିଛନ୍ତି। ସେହିଭଳି ମନ୍ଧାନା ଗୋଟିଏ ପାହାଚ ତଳକୁ ଖସି ୨ୟ ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷ ୩ୟ ଦିନିକିଆ ମ୍ୟାଚରେ



ସ୍କିଭର ୯୮ ରନର ପାଳି ସହ ସିରିଜରେ ମୋଟ୍ ୧୬୦ ରନ ସଂଗ୍ରହ କରିଥିଲେ। ଯେଉଁଥିପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସ୍କିଭର ୩ୟଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୨୩ ଓ ୨୦୨୪ରେ ଏକ ନମ୍ବର ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ଲୌରା ୱଲଭର୍ଡଟ୍ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛନ୍ତି। ତେବେ ଭାରତୀୟ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର ଗୋଟିଏ ପାହାଚ ଉପରକୁ ଉଠି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଜେମିମା ରୋଡ୍ରିଗ୍ସେଜ ମଧ୍ୟ ୨ଟି ପାହାଚ ଲମ୍ଫ ପ୍ରଦାନ କରି ୧୩ତମ ସ୍ଥାନରେ ରହିଛନ୍ତି।

## ରୋମାନିଆ କ୍ଲବ୍ ପକ୍ଷରୁ ଫୁଟବଲ ଖେଳିବାରେ ହର୍ଷିକା ପ୍ରଥମ ଭାରତୀୟ



ନୂଆଦିଲ୍ଲୀ,୨୯।୭ (ଏଜେନ୍ସି): ମୁମ୍ବାଇର ୨୨ ବର୍ଷିୟା ହର୍ଷିକା ଜୈନ ଭାରତର ପ୍ରଥମ ମହିଳା ଫୁଟବଲ ଖେଳାଳି ଭାବେ ରୋମାନିଆର ଫୁଟବଲ ଲିଗ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଏଯାଏ ଦେଶ ପକ୍ଷରୁ ଖେଳିବାକୁ ସୁଯୋଗ ପାଇ ନ ଥିବା ହର୍ଷିକା କଠିନ ପରିଶ୍ରମ ବଳରେ ଏହି ସଫଳତା ହାସଲ କରିଛନ୍ତି। ଶେଷରେ ଦୀର୍ଘ ୨୦ ଦିନ ଧରି ଟ୍ରାଏଲ୍ସରେ ଭାଗନେଇଥିଲେ। ଏଥିରେ ସେ କିଂବଦନ୍ତୀ କୋଚ୍ ମିରେଲ ଆଲବନଙ୍କୁ ଆକୃଷ୍ଟ କରିବା ପରେ ଅଲିମ୍ପିଆ ଘେରଲା ତାଙ୍କୁ ଚୁକ୍ତିବଦ୍ଧ କରିଥିଲା। ଆଲବନଙ୍କ କଠିନ ପରିଶ୍ରମ ଯୋଗୁଁ ରୋମାନିଆର ଅନ୍ତର୍ଜାତୀୟ ଫୁଟବଲରେ ଢ଼େର ଉତ୍‌ଥାନ ହୋଇଛି। ଏବେ ହର୍ଷିକା ଏହି କ୍ଲବ୍‌ରେ ଏକ ଅଂଶହୋଇ ଯାଇଛନ୍ତି। ଭାରତ ପକ୍ଷରୁ ବାଲା ଦେବୀ, ମନିଷା କଲ୍ୟାଣ ଓ ଅଦିତି ଚୌହାନ ପୂର୍ବରୁ ୟୁରୋପୀୟ କ୍ଲବ୍ ଫୁଟବଲ ଖେଳିସାରିଛନ୍ତି। ଏମାନଙ୍କ ପଦାଙ୍କ ଅନୁସରଣ କରି ହର୍ଷିକା ଏବେ ସଫଳ ହୋଇଛନ୍ତି। ଏଠାରେ ମୋତେ ପରିବାର ସହ ରହିଲା ଭଳି ଲାଗୁଛି ଓ ମୋର ପରିଶ୍ରମର ମୂଲ୍ୟ ମିଳିଛି। କିନ୍ତୁ ଦେଶ ଲାଗି ଖେଳିବା ମୋର ସ୍ୱପ୍ନ ବୋଲି ହର୍ଷିକା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଭୁବନେଶ୍ୱରରେ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର,୨୯।୭ (ସମିସ): ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଆନୁକୁଲ୍ୟରେ ଚତୁର୍ଥ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଅଗଷ୍ଟ ୨୮ରେ ଅନୁଷ୍ଠିତ ହେବ। ମଞ୍ଚେଶ୍ୱର ନିକଟସ୍ଥ ସମେଇଗାଡିଆରେ ଥିବା ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ବିଭିନ୍ନ ବିଭାଗରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶାର ସମସ୍ତ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ବିଶେଷକରି ୬, ୮, ୧୦ ବର୍ଷରୁ କମ୍ ଓ ଆଡଭାନ୍ସଡ ଲେଭଲରେ ପ୍ରତିଯୋଗିତା ଆୟୋଜିତ ହେବ। ୬ ଓ ୮ ବର୍ଷରୁ କମ୍ ବୟସ ବିଭାଗରେ କେବଳ ଫ୍ଲୋର ଏକ୍ସରସାଇଜ୍, ୧୦ ବର୍ଷରୁ କମ୍ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଙ୍ଗ ଟେବଲ, ବାଳିକା ବିଭାଗରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲନ୍ସିଙ୍ଗ ବିମ୍, ଆଡଭାନ୍ସଡ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍, ଭଲ୍ଟିଙ୍ଗ ଟେବଲ, ପୋମେଲ ହର୍ସ ଓ ପାରାଲାଲ ବାର୍ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ ଜଣାଇଛନ୍ତି। ପ୍ରତିଯୋଗିତା ସମ୍ପର୍କରେ ଅଧିକ ଜାଣିବା ଲାଗି ଫୋନ୍ ନଂ-୯୪୩୮୫-୦୪୯୧୫ କିମ୍ବା ୯୪୩୭୯-୩୪୦୨୪ ସହ ଯୋଗାଯୋଗ କରିବାକୁ ଶ୍ରୀମତି ଦାସ ଅନୁରୋଧ କରିଛନ୍ତି।

### ସିଙ୍କୁନ ଦକ୍ଷିଣ ଶୃଙ୍ଗ

## ଆରୋହଣ କଲେ ପ୍ରଭାସିନି

ଭୁବନେଶ୍ୱର, ୨୯।୭ (ସମିସ): ଓଡ଼ିଶାର ପର୍ବତାରୋହୀ ପ୍ରଭାସିନି ବେହେରା ହିମାଚଳ ପ୍ରଦେଶରେ ଥିବା ୬୦୩୦ ମିଟର ଉଚ୍ଚତା ବିଶିଷ୍ଟ ସିଙ୍କୁନ ଦକ୍ଷିଣ ଶୃଙ୍ଗ ଆରୋହଣ କରିବାରେ ସଫଳ ହୋଇଛନ୍ତି। ୧୬ ଜଣିଆ ଅଭିଯାତ୍ରୀ ଦଳରେ ପ୍ରଭାସିନି ଏକମାତ୍ର ମହିଳା ଥିଲାବେଳେ ତାଙ୍କ ସହ ୬ଜଣ ଜୁଲାଇ ୨୫ରେ ଏହି ଶୃଙ୍ଗ ଶୀର୍ଷରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଏହା ପୂର୍ବରୁ ସେ ୬,୧୧୧ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ୟୁନମ, ୫୨୮୯ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ଫ୍ରେଣ୍ଡସିପ୍, ମାଉଣ୍ଟ କେଦାରକାନ୍ତ ଓ ଚନ୍ଦ୍ରଶିଳା ପର୍ବତ ଆରୋହଣ କରିବାରେ ସଫଳ ହୋଇଛନ୍ତି। ଢ଼େଙ୍କାନାଳର ବାସିନ୍ଦା ପ୍ରଭାସିନି ଦୁଃସାହସିକ ସଂଗଠନ ଏଏସ୍‌ଏ'ର ସଦସ୍ୟା। ଏହି ସଫଳତା ଲାଗି ତାଙ୍କୁ ଏଏସ୍‌ଏ ପକ୍ଷରୁ ସମ୍ପାଦକ ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା, ବିକ୍ରମ କିଶୋର ଦାସ, ଶକ୍ତିରଞ୍ଜନ ମହାନ୍ତି, ହରେଶ ମିଶ୍ର, ଶିବଶଙ୍କର ପଣ୍ଡା ଓ ଅଶୋକ ମହାନ୍ତି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



### ଏଏଫ୍‌ସି ଓମେନ୍ସ ଏସିଆନ୍ କପ୍

## ଜାପାନ ସହ ଗ୍ରୁପ୍-ସି'ରେ ଭାରତ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଏସିଆ ମହାଦେଶର ଶ୍ରେଷ୍ଠ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଏଏଫ୍‌ସି ଓମେନ୍ସ ଏସିଆନ୍ କପ୍ ଲାଗି ଡ୍ର ଘୋଷଣା ହୋଇଛି। ଶକ୍ତିଶାଳୀ ଜାପାନ, ପୂର୍ବ ବିଜେତା ଚାଇନିଜ ତାଇପେଇ ଓ ଭିଏତ୍‌ନାମ ସହ ଭାରତୀୟ ମହିଳା ଦଳ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ୨୧ତମ ସଂସ୍କରଣ ଆସନ୍ତା ବର୍ଷ ମାର୍ଚ୍ଚ ୧ରୁ ୨୧ ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଖେଳାଯିବ। ଏଥିରେ ଯୋଗ୍ୟତା ଅର୍ଜନକାରୀ ଶ୍ରେଷ୍ଠ ୧୨ଟି ଦଳକୁ ୩ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ମାର୍ଚ୍ଚ ୪ରେ ଭିଏତ୍‌ନାମ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ମାର୍ଚ୍ଚ ୭ରେ ଜାପାନ, ୧୦ରେ ଚାଇନିଜ ତାଇପେଇ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନିତ ହେବ।

## ଦିବ୍ୟା ଦେଶମୁଖ: ବିଶ୍ୱ ଚେସ୍‌ର ନୂଆ ତାରକା

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି)

ଭାରତ ନମ୍ବର-୧ ଖେଳାଳି ତଥା ବିଶ୍ୱ ରାପିଡ ଚେସ୍ ଚାମ୍ପିଅନ କୋନେରୁ ହମ୍ପିଙ୍କୁ ହରାଇ ମହାରାଷ୍ଟ୍ର ନାଗପୁରର ଦିବ୍ୟା ଦେଶମୁଖ ପ୍ରଥମ ଭାରତୀୟ ମହିଳା ଭାବେ ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛନ୍ତି। ଏହା ସହ ତାଙ୍କୁ ମଧ୍ୟ ପୁରୁଷ ଗ୍ରାଣ୍ଡସ୍ଲାମ୍ ଟାଇଟଲ ମିଳିଛି। ଏହି ସଫଳତା ପରେ ସେ ବିଶ୍ୱର ନୂଆ ଚେସ୍ ତାରକା ଭାବେ ଉଭା ହୋଇଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ୩୮ ବର୍ଷିୟା ହମ୍ପିଙ୍କୁ ହରାଇ ରଚିଛନ୍ତି ନୂଆ ଇତିହାସ। ଚେସ୍ ବିଶ୍ୱକପ୍ ଟାଇଟଲ ଜିତିବା ଫଳରେ ତାଙ୍କୁ ୨୦୨୬ କ୍ୟାଣ୍ଡିଡେଟ୍ସ ଚେସ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଚେସ୍‌ର ନିୟମ ଅନୁଯାୟୀ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଯିଏ ଚାମ୍ପିଅନ ହେବେ ସିଏ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ବିଜେତା ଚୀନ୍‌ର ଜୁ ୱେନ୍‌ଜୁନ୍‌ଙ୍କ ସହ ଖେଳିବେ। ଏଥିରେ ଯିଏ ବିଜୟୀ ହେବେ ସିଏ ବିଶ୍ୱର ଶ୍ରେଷ୍ଠ ଖେଳାଳିରେ ରୂପାନ୍ତରିତ ହେବେ।



ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ଓ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବା ପୂର୍ବରୁ ଦିବ୍ୟା ବିଶ୍ୱର ୧୫ ନମ୍ବର ଖେଳାଳି ହୋଇଥିଲେ। ଏହା ପୂର୍ବରୁ ୨୦୨୪ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚେସ୍ ଅଲିମ୍ପିଆଡ୍‌ରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ସେ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ବ୍ୟତୀତ ଚୀନର ଉପସ୍ଥିତି ସତ୍ତ୍ୱେ ସେ ଏସିଆନ୍ ଚାମ୍ପିଅନସିପ୍ ଓ ୱାର୍ଲ୍ଡ ୟୁଥ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତବର୍ଷ ଅନୁଷ୍ଠିତ ବିଶ୍ୱ ଜୁନିଅର ଚେସ୍ ଚାମ୍ପିଅନ୍‌ସିପ୍‌ରେ ମଧ୍ୟ ସେ ଚାମ୍ପିଅନ ହୋଇଥିଲେ। ସେ ଭାରତର ଚତୁର୍ଥ ତଥା ବିଶ୍ୱର ୪୪ତମ ମହିଳା ଖେଳାଳିଭାବେ ଓପନ (ଉଭୟ ପୁରୁଷ ଓ ମହିଳା) ବିଭାଗରେ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ସେ ମଧ୍ୟ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର। ଏହା ପୂର୍ବରୁ ତାଙ୍କୁ ଗୋଟିଏ ହେଲେ ଗ୍ରାଣ୍ଡ ମାଷ୍ଟର ନର୍ମ ମିଳିଥିଲା। ନିକଟରେ ଡି ଗୁକେଶ ଭାରତ ପକ୍ଷରୁ ପୁରୁଷ ବିଭାଗରେ ଚେସ୍ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ ହୋଇଥିଲେ। ଏବେ ବିଶ୍ୱର ପ୍ରଥମ ୧୦ଜଣ ଖେଳାଳିଙ୍କ ମଧ୍ୟରେ ଭାରତର ୪ଜଣ ଖେଳାଳି ରହିଛନ୍ତି। ମୋଟା ମୋଟି ଭାବେ କହିବାକୁ ଗଲେ ଗୁକେଶ ଓ ଦିବ୍ୟା ଚେସ୍ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତୀୟ ଚେସ୍‌ର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। ମହାରାଷ୍ଟ୍ରର ନାଗପୁରଠାରେ ଡାକ୍ତର ଦମ୍ପତି ନମ୍ରତା ଓ ଜିତେନ୍ଦ୍ର ଦେଶମୁଖଙ୍କ କନ୍ୟା ଦିବ୍ୟା ୨୦୦୫ ଡିସେମ୍ବର ୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଭଗବାନଦାସ ପୁରୋହିତ ବିଦ୍ୟା ମନ୍ଦିରରେ ସ୍କୁଲ ଶିକ୍ଷା ଶେଷ ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS